# ନିତିଦିନ NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20

8+16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY
8 MARCH 2026

ରବିବାର
୮ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 289 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୮୯ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ




# ସୁଭଦ୍ରା ଚତୁର୍ଥ କିସ୍ତି



୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ
## ୫ ହଜାର କୋଟିରୁ ଊର୍ଦ୍ଧ୍ୱ
ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



**ଗରିମାମୟ ଉପସ୍ଥିତି**

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ସମ୍ବିତ ପାତ୍ର
ସାଂସଦ, ପୁରୀ

ଶ୍ରୀ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ଶ୍ରୀ ତୁଷାରକାନ୍ତି ବେହେରା
ବିଧାୟକ, କାକଟପୁର

ଶ୍ରୀ ସୁନୀଲ କୁମାର ମହାନ୍ତି
ବିଧାୟକ, ପୁରୀ

ଶ୍ରୀମତୀ ଉପାସନା ମହାପାତ୍ର
ବିଧାୟିକା, ବ୍ରହ୍ମଗିରି

ଶ୍ରୀ ଓମ୍ ପ୍ରକାଶ ମିଶ୍ର
ବିଧାୟକ, ସତ୍ୟବାଦୀ

ଶ୍ରୀ ଆଶ୍ରିତ ପଟ୍ଟନାୟକ
ବିଧାୟକ, ପିପିଲି

୮ ମାର୍ଚ୍ଚ ୨୦୨୬, ପୁରୀ

••• ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା •••

ପୁଲିସ୍ ହେଲ୍ପଲାଇନ୍ ୧୧୨ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ମହିଳା ହେଲ୍ପଲାଇନ୍ ୧୮୧ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୬୮

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

OIPR-33001/33001/2/25-26/0004
33001/17/2526

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ବୁଗୁଡା,୭।୩/ଏନ୍ଏନ୍ଏସ୍:** ଖୋଲାମେଲାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର, ଯାହା ହାତ ଠାରି ଡାକୁଛି ବିପଦକୁ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଖୋଲଖାଳି ପଞ୍ଚାୟତ ଅନ୍ତର୍ଗତ ବେଲପୁର ଗ୍ରାମ ରାସ୍ତା କଡରେ । ସେହିପାଖ ଦେଇ ଗାଈଗୋରୁ ଏବଂ ଲୋକେ ଯାତାୟତ ହେଉଥିବା ବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ସେନେଇ ଲୋକେ ଆଶଙ୍କାରେ ରହି ଆସୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବା ସତ୍ତ୍ୱେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଚେଇଁ ଶୋଇଥିବା ପରି ମନେ ହେଉଛି।



ଅନେକ ସ୍ଥାନରେ ବିଦ୍ୟୁତ ଅଘଟଣପରେ ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ପ୍ରତି ଯତ୍ନବାନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ବୁଗୁଡ଼ା ବିଦ୍ୟୁତ ବିଭାଗ ଏଥି ପ୍ରତି ଆଦୌ ଦୃଷ୍ଟି ଦେଉ ନଥବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ବିଦ୍ୟୁତ୍ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଏହି ମୁକୁଳା ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ସକାଶେ ସାଧାରଣରେ ଦାବି ହେଉଛି।

# ଗଛ ଲଗାଇ ଯତ୍ନ ନେବାକୁ ଭୁଲିଗଲା ପିପୁଲ୍ସ କଲେଜ ଏନ୍ଏସ୍ଏସ୍ ୟୁନିଟ୍



**ବୁଗୁଡା,୭।୩/ଏନ୍ଏନ୍ଏସ୍:** ବୃକ୍ଷ ଆମର ବନ୍ଧୁ, ବୃକ୍ଷ ରୋପଣ ଏକ ମହତ କାର୍ଯ୍ୟ। ଏଭଳି ଅନେକ ସୁନ୍ଦର ସ୍ଲୋଗାନ ଦେଇ ଜନସଚେତନା ସୃଷ୍ଟି କରିବାର ପ୍ରଚେଷ୍ଟା ସ୍ଥାନୀୟ ପିପୁଲ୍ସ କଲେଜର ଏନଏସଏସ ୟୁନିଟ୍ ୧ ଓ ୨ ପକ୍ଷରୁ କରାଯାଇଥିଲା। ୟୁନିଟ୍-୧ ଏବଂ ୟୁନିଟ୍-୨ର ପ୍ରୋଗ୍ରାମ ଅଫିସର ଦ୍ୱୟଙ୍କ ତତ୍ତ୍ୱାବଧାନରେ ପୃଥକ୍ ଭାବେ ଅନୁଷ୍ଠିତ ଦୁଇଟି ସପ୍ତଦିବସୀୟ ଶିବିର ଅନୁଷ୍ଠିତ ହୋଇଥିଲା। ତେବେ ସେହି ଅବସରରେ ଏନଏସଏସ ୟୁନିଟ୍-୧ ପକ୍ଷରୁ କେଉଁଠାରେ ବୃକ୍ଷ ରୋପଣ କରାଯାଇଥିଲା ତାହାର କୌଣସି ନିଦର୍ଶନ ନଥିବାବେଳେ ୟୁନିଟ୍-୨ର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପିପୁଲ୍ସ କଲେଜ କ୍ରୀଡା ପ୍ରାଙ୍ଗଣ ପାଚେରୀ କଡେ ଏବଂ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଅତିଥିଙ୍କ ଗହଣରେ ବୃକ୍ଷରୋପଣ ବେଳେ ଅନେକ ଫଟୋ ଉଠାଯାଇଥିଲା। ବୃକ୍ଷରୋପଣକାରୀମାନେ ବିଭିନ୍ନ ମହଲରୁ ପ୍ରଶଂସା ପାଇବା ପରେ ବନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ କିମ୍ବା ପ୍ରକୃତି ମିତ୍ର ପୁରସ୍କାରଟିଏ ହାତେଇବାରେ ଆଶା ବାନ୍ଧିବା ସହ ଏଥି ନିମନ୍ତେ ଅଭିଯାନ ଆରମ୍ଭ କରିଥିବା ଜଣାଯାଇଛି । ତେବେ ଆବଶ୍ୟକୀୟ ଯତ୍ନର ଅଭାବରୁ ବୃକ୍ଷରୋପଣର କିଛି ମାସ ପରେ ଏବେ ଗୋଟିଏ ବି ଗଛର ଚିହ୍ନବର୍ଣ୍ଣ ନାହିଁ । ପିପୁଲ୍ସ କଲେଜ ଏନଏସଏସ ୟୁନିଟ୍ ଦ୍ୱୟ ପକ୍ଷରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପ୍ରତି ଲଘୁକ୍ରିୟା ଯୋଗୁଁ ତାହା ପ୍ରହସନରେ ପରିଣତ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ବୃକ୍ଷରୋପଣ ଆଳରେ ମିଥ୍ୟାର ଆଶ୍ରୟ ନେଇ ପ୍ରକୃତି ବନ୍ଧୁ କିମ୍ବା ମିତ୍ର ପୁରସ୍କାର ହାତେଇବାର ଲାଳସା ରଖି ଆବେଦନ କରିଥିବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଅଯଥା ଅନୁମୋଦନରୁ ସ୍ଥାନୀୟ ବନ ବିଭାଗ କର୍ତ୍ତୃପକ୍ଷ ନିବୃତ୍ତ ରହିବା ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଏନଏସଏସ ୟୁନିଟ୍ ଗୁଡିକୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ରୋପିତ ଅନେକ ବୃକ୍ଷର ରକ୍ଷଣାବେକ୍ଷଣ ପାଇଁ ଯୋଗାଯାଉଥିବା ପାଣ୍ଠିର ଦୁରୁପଯୋଗ ଯେପରି ନହୁଏ ସେଥି ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ପିପୁଲ୍ସ କଲେଜ ପ୍ରିନ୍ସିପାଲ ଡ.ପୁରୁଷୋତ୍ତମ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏନଏସଏସ ୟୁନିଟ୍ ପକ୍ଷରୁ ରୋପିତ ବୃକ୍ଷଗୁଡିକର ସାମ୍ପ୍ରତିକ ସ୍ଥିତିର ସତ୍ୟାପନ ପରେ ହିଁ ବୃକ୍ଷର ସୁରକ୍ଷା ପାଇଁ ଆସିଥିବା ପାଣ୍ଠି ପ୍ରଦାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ପୁଲିସ ପଞ୍ଝାରେ ଗୋଚାଲାଣକାରୀ

# ୪ ଗିରଫ, ୧୭ ଗୋରୁ ସହ ୨ ଗାଡ଼ି ଜବତ

**ବୁଗୁଡା,୭।୩/ଏନ୍ଏନ୍ଏସ୍:** ସମ୍ପ୍ରତି ବୁଗୁଡା ଅଞ୍ଚଳରେ ଘନ ଘନ ଛେଳି ଚୋରି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଗତକାଲି ରାତିରେ ପୋଲିସ ପେଟ୍ରୋଲିଂ ସମୟରେ ୨ଟି ବେଆଇନ ଗୋଚାଲାଣ ଗାଡିକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଅନ୍ତର୍ଗତ ହରଚଣ୍ଡୀସାହିର ବଳରାମ ମଲ୍ଲିକ (୪୨) ଓ ଶିବ ସେନାପତି(୨୪) , ଶରଣକୁଳ ଥାନା ଅନ୍ତର୍ଗତ ହରିହରପୁର ଗାଁର ଅମଜାଦ୍ ଖାନ୍(୪୦) ଓ ଜଗତସିଂହପୁର ଜିଲ୍ଲାର ନାଉଗାଁ ଥାନା ଅନ୍ତର୍ଗତ ଅରଖପାରି ଗ୍ରାମର ଦିବ୍ୟଜ୍ୟୋତି ବେହେରା (୨୧)। ଏ ନେଇ ବୁଗୁଡା ଥାନାରେ କେସ୍ ନଂ ୧୦୯/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଥାନା ଏସ୍ଆଇ ଜ୍ୟୋତିଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ପେଟ୍ରୋଲିଂ କାଳରେ ବି.ବ୍ରହ୍ମପୁର ଗାଁ ଛକରେ ଯାନବାହାନ ଯାଞ୍ଚ କରୁଥିବା ବେଳେ ୨ଟି ଅବୈଧ ଗୋଚାଲାଣ ଗାଡିକୁ କାବୁ କରିଥିଲେ। ସେଥିରୁ ଏକ ଆଇଜର ଗାଡି (ନଂ-ଓଡି - ୦୨ ସିଏସ୍ - ୯୦୪୫)ରେ ଥିବା ୩ଟି ଗାଈ, ୧୨ଟି ବଳଦ ଓ ଏକ ଲମ୍ବା ରଶି ପାଇଥିଲା ବେଳେ ଅନ୍ୟ ଏକ କିଆ କାର (ନଂ-ଓଡି - ୦୨ ସିୱାଇ - ୪୪୮୯) ଭିତରେ ୨ଟି ବାଛୁରୀ ଥିବା ଜଣାପଡିଥିଲା। ସେଠାରୁ ପୋଲିସ ୨ଟି ଗାଡି ଏବଂ ସେଥିରେ ବୋଝେଇ ୧୭ଟି ଗୋରୁକୁ ଜବତ କରିଥିଲା। ତେବେ ଏହି ବେଆଇନ ଗୋଚାଲାଣ ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍ଆଇ ବିନାୟକ ବିଧାର ରହିଥିବା ବେଳେ ଜବତ ଗୋରୁଗୁଡିକୁ କରଚୁଲି ଗ୍ରାମସ୍ଥ ଗୋଶାଳାକୁ ପଠାଯାଇଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଛି।

### ମା’ ତାରାତାରିଣୀଙ୍କ ଚୈତ୍ର ଯାତ୍ରା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

# ପାନୀୟ ଜଳ ଯୋଗାଣ, ଆଲୋକୀକରଣକୁ ଗୁରୁତ୍ୱ

**ପୁରୁଷୋତ୍ତମପୁର,୭।୩/ଏନ୍ଏନ୍ଏସ୍:** ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ବହୁ ପ୍ରତିକ୍ଷିତ ଚୈତ୍ର ଯାତ୍ରା ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ଯାତ୍ରାକୁ ସୁରୁଖୁରରେ ସମ୍ପନ୍ନ ପାଇଁ ମନ୍ଦିର ପରିସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାର୍ଚ୍ଚ ମାସର ୪ଟି ମଙ୍ଗଳବାର ଯଥା ୧୦, ୧୭, ୨୪ ଏବଂ ୩୧ ତାରିଖ ଦିନ ଏହି ପର୍ବ ପାଳନ ହେବ। ବୈଠକରେ ଗ୍ରୀଷ୍ମ ଋତୁକୁ ଆଖି ଆଗରେ ରଖି ଆବଶ୍ୟକୀୟ ପାନୀୟ ଜଳ ଯୋଗାଣ, ପାନୀୟ ଜଳର ସଠିକ ବିନିଯୋଗ, ମନ୍ଦିରର ସାଜସଜ୍ଜା ଓ ଆଲୋକୀକରଣ, ଶକ୍ତି ପୀଠର କୁଞ୍ଜ ତୋରଣ ନିର୍ମାଣ, ଦୁଇଟି ସ୍ଥାନରେ ଯଥା ଦିଗନ୍ତ ଓ ସହଦେବ ଛକରେ ଅନ୍ନ ପ୍ରସାଦ ବ୍ୟବସ୍ଥା, ମୁଣ୍ଡନ ସ୍ଥାନରେ ଆଲୋକୀକରଣ ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ଦୈନିକ ପୂଜାବିଧି ଓ ପ୍ରତି ପାଳିରେ ଯଜ୍ଞ ପାଇଁ ଗୋଟିଏ ସ୍ଥାନରେ ସୁବନ୍ଦୋବସ୍ତ, ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ନିୟନ୍ତ୍ରଣ, ଯାନବାହାନ ରକ୍ଷଣ ସ୍ଥଳ, ପର୍ଯ୍ୟାପ୍ତ ଭ୍ରାମ୍ୟମାଣ ଶୌଚାଳୟ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ ଚିକିତ୍ସା ସମେତ ଅଂଶୁଘାତ ଚିକିତ୍ସା ପାଇଁ ଦୁଇଟି ଶୀତତାପ ନିୟନ୍ତ୍ରିତ ରୁମ ଓ ଆବଶ୍ୟକୀୟ ଆମ୍ବୁଲାନ୍ସ ବ୍ୟବସ୍ଥା, ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି, ଭଜନ ସମାରୋହ, ଗମନାଗମନ, ମାଦକ ଦ୍ରବ୍ୟ ବିକ୍ରୟ ଉପରେ କଟକଣା ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପୂର୍ବ ବର୍ଷ ଦେଖାଯାଇଥିବା ସମସ୍ୟାର ଯେଭଳି ପୁନରାବୃତ୍ତି ନ ଘଟିବ, ତାହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ଆନୁସଙ୍ଗିକ ସୁବିଧା କରିବାକୁ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବ ସମ୍ମତି କ୍ରମେ ଚୈତ୍ର ପର୍ବ ସମୟରେ ମନ୍ଦିର ଉପରକୁ ଯିବାପାଇଁ ବସ ଭଡା ୩୦ ଟଙ୍କା ଓ ରପୱେ ମୂଲ୍ୟ ୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପର୍ବ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଖରାଦାଉରୁ ଲୋକଙ୍କୁ ସୁରକ୍ଷା ପାଇଁ ଜଳ ଛିଞ୍ଚନ କରିବା ପାଇଁ ମନ୍ତ୍ରୀ କହିଛନ୍ତି । ଚଳିତ ବର୍ଷ ମାଙ୍କ ପୂଜାର୍ଚ୍ଚନା ପାଇଁ କେବଳ ଭଲ ଘିଅ ବ୍ୟବହାର କରାଯିବ। ଡୁପ୍ଲିକେଟ ଘିଅ ବିକ୍ରି ନ କରିବାକୁ ବିକ୍ରେତାମାନଙ୍କୁ ଅନୁରୋଧ କରାଯାଇଛି। ମା’ ତାରାତାରିଣୀଙ୍କ ୱେବସାଇଟକୁ ଅଧିକ ସାବଲୀଳ ଓ କ୍ରିୟାଶୀଳ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଇ ହୁଣ୍ଡୀର ଲୋକାର୍ପଣ କରାଯାଇଥିଲା। ଭକ୍ତମାନେ ଅନ୍‌ଲାଇନ ମାଧ୍ୟମରେ ଦାନ କରିପାରିବେ ବୋଲି ଜଣାପଡିଛି।

### ମନ୍ଦିର ଯିବାକୁ ବସ୍ ଭଡ଼ା ୩୦, ରୋପୱେ ମୂଲ୍ୟ ୬୦ ଟଙ୍କା ଧାର୍ଯ୍ୟ



ବୈଠକରେ ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ପୁରୁଷୋତ୍ତମପୁର ବିଡିଓ ଶରତ କୁମାର ପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ସେବାୟତ ବାପୁଜୀ ରଣାଙ୍କ ସମେତ ବିଭାଗୀୟ ଅଧିକାରୀ, ସେବାୟତ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ସମବାୟ ଅଧିକାରୀଙ୍କ ଖାମଖିଆଲି ନୀତି

# ଧାନ ବିକ୍ରିରୁ ବଞ୍ଚିତ ହେବେ ୫ ହଜାର ପଞ୍ଜିକୃତ ଚାଷୀ

**ବ୍ରହ୍ମପୁର,୭।୩/ଏନ୍ଏନ୍ଏସ୍:** ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ୧ ଲକ୍ଷ ୫୬ ହଜାର ଚାଷୀ ପଞ୍ଜିକରଣ କରିଥିବା ବେଳେ ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଠାରୁ ଧାନ କିଣାଯାଇଛି । ଚଳିତ ବର୍ଷ ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଠାରୁ ମାତ୍ର ୫୪ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ଗତ ବର୍ଷ ୧ ଲକ୍ଷ ୨୯ ହଜାର ଚାଷୀଙ୍କ ଠାରୁ ୫୮ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିଲା । ଗତ ବର୍ଷ ଚାଷୀମାନେ ସେହି ଜମିର ପଞ୍ଜିକରଣ କରି ଯେତିକି ପରିମାଣ ଧାନ ବିକିବାକୁ ଟୋକେନ୍ ଆସିଥିଲା, ଚଳିତ ବର୍ଷ ସେହି ଜମିକୁ ପଞ୍ଜିକରଣ କରି ସୁଦ୍ଧା ଅଧିକାଂଶ ଚାଷୀଙ୍କ ୧୦ରୁ ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ କମ୍ ପରିମାଣ ଧାନ ବିକ୍ରି ପାଇଁ ଆସିଥିବାରୁ ଚାଷୀମାନେ ବାଧ ହୋଇ ବେପାରୀଙ୍କୁ ଅଧା ଦରରେ ବିକି କ୍ଷତି ସହୁଛନ୍ତି ବୋଲି ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଓ ଋଷିକୂଲ୍ୟା ରୟତ ମହାସଭା ସଂପାଦକ ସିମାଞ୍ଚଳ ନାହାକ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀ ପଦକ୍ଷେପ ନେବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଉଭୟ ନେତା ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ପ୍ରାୟ ୫ ହଜାର ଚାଷୀ ପଞ୍ଜିକରଣ କରିସୁଦ୍ଧା ତାଙ୍କର ଟୋକେନ ଆସି ନଥିବାରୁ ସେମାନେ ଧାନ ବିକିବା ପାଇଁ ଅନେଇ ବସିଛନ୍ତି । ଯୋଗାଣ ଓ ସମବାୟ ଅଫିସ୍‌କୁ ଧାଇଁ ଧାଇଁ ଖର୍ଚ୍ଚାନ୍ତର ଶିକାର ହେଲେଣି ଚାଷୀ। ଚଳିତ ବର୍ଷ ଧାନ ଜୁନ୍ ମାସରେ ଧାନ ରୁଆ ହେଲା । ପରେ ଚାଷୀମାନେ ସେମାନଙ୍କ ନାମ ପଞ୍ଜିକରଣ କଲେ । ସେପ୍ଟେମ୍ବର ମାସରେ ରାଜସ୍ୱ ଅଧିକାରୀ ଏବଂ କୃଷି ଗ୍ରାମ ସେବକ ମିଶି ତଦନ୍ତ କରି ସେହି ଜମିରେ ଧାନ ରୁଆ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି । ସେହି ଚାଷୀଙ୍କ ପଞ୍ଜିକରଣ କଟିଲା କେମିତି ଏବଂ କିଏ କାଟିଲା ବୋଲି ଚାଷୀନେତାମାନେ ପ୍ରଶ୍ନ କରିଛନ୍ତି । ସାଟେଲାଇଟ୍ ସର୍ଭେରେ କଟିଲା ବୋଲି ସମବାୟ ଅଧିକାରୀ କହୁଛନ୍ତି । ମାତ୍ର ପ୍ରକୃତ ଧାନ ଚାଷ କରିଥିବା ଜମି ଗୁଡ଼ିକ ସମବାୟ ଅଧିକାରୀମାନେ ଜାଣିଶୁଣି କମ୍ ଟାର୍ଗେଟ୍ ଆସିବ ବୋଲି କଟେଇଛନ୍ତି ବୋଲି ସରପଞ୍ଚ ନିରଞ୍ଜନ ପ୍ରଧାନ ଏବଂ ଚାଷୀମାନେ ପୂର୍ବରୁ ଅଭିଯୋଗ କରିଛନ୍ତି । ତେଣୁ ପ୍ରକୃତ ଚାଷୀଙ୍କ ଧାନ କିଣା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ସୁରକ୍ଷା ଅଭିଯାନର ଆବାହକ ଶ୍ରୀ ରଥ ଏବଂ ଋଷିକୂଲ୍ୟା ରୟତ ମହାସଭା ସଂପାଦକ ଶ୍ରୀ ନାହାକ କହିଛନ୍ତି।

### ଚାଷୀ ନେତାଙ୍କ ଆନ୍ଦୋଳନ ଚେତାବନୀ

# ଫିନାଇଲ୍ ପିଇ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଫୁଲବାଣୀ/ବାଲିଗୁଡା, ୭।୩/ଏନ୍ଏନ୍ଏସ୍:** ବାଲିଗୁଡା ଉପକାରାଗାର ଭିତରେ ଜଣେ ବିଚାରାଧୀନ କଏଦୀ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ ବାରମ୍ବାର ତାଙ୍କୁ ମିଥ୍ୟା କେସରେ ଜଡ଼ିତ କରି ଗିରଫ କରୁଥିବାରୁ ମାନସିକ ଭାରସାମ୍ୟ ହରାଇ ଏଭଳି କରିଥିବା କଏଦୀ ଜଣକ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ବାଲିଗୁଡା କନ୍ଧ ସାହିର ମହେନ୍ଦ୍ର ମଲ୍ଲିକ ଏକ ଗଞ୍ଜେଇ ମାମଲାରେ ଗିରଫ ହୋଇ ବାଲିଗୁଡା ଉପ କାରାଗାରରେ ଅଛନ୍ତି। ଶୁକ୍ରବାର ରାତିରେ ସେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜେଲ କର୍ତ୍ତୃପକ୍ଷ ଏହା ଜାଣିବା ପରେ ସଙ୍ଗେସଙ୍ଗେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଚିକିତ୍ସିତ କରାଇଥିଲେ। କିନ୍ତୁ ଡାକ୍ତର ପ୍ରାଥମିକ ଚିକିତ୍ସା କରାଇ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲେ । ମହେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଗଞ୍ଜେଇ କାରବାର ଘଟଣାରେ କିଛି ମାସ ତଳେ ବାଲିଗୁଡା ପୁଲିସ ରାତି ଅଧରେ ଘରୁ ଉଠାଇ ନେଇ କୋର୍ଟ ଫରୱାର୍ଡ କରି କାରାଗାରକୁ ପଠାଇଥିଲେ । ପରେ ସେ ଜାମିନରେ ଘରକୁ ଫେରିଥିଲେ ଏହାର ୧୦ ଦିନ ପରେ ପୁଣି ୩୬୦ କିଲୋ ଗଞ୍ଜେଇ କାରବାରରେ ଲିପ୍ତ ଥିବା ଅଭିଯୋଗରେ ପୋଲିସ ଗିରଫ କରିଥିଲା। ବାରମ୍ବାର ପୋଲିସ ହଇରାଣ କରୁଥିବାରୁ ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ରାତିରେ ଜେଲର ଶୌଚାଳୟ ସଫା କରିବା ପାଇଁ ରଖା ଯାଇଥିବା ଫିନାଇଲ ପିଇ ଦେଇଥିବା ପ୍ରକାଶ କରିଛନ୍ତି ମହେନ୍ଦ୍ର। ଅପରପକ୍ଷେ ପୁଅର ଯଦି କିଛି ହୁଏ, ତେବେ ବାଲିଗୁଡା ପୁଲିସ ଦାୟୀ ରହିବ ବୋଲି କହିଛନ୍ତି ମହେନ୍ଦ୍ରଙ୍କ ମା ସାବିତ୍ରୀ। ବର୍ତ୍ତମାନ କଏଦୀ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି ଏବଂ ଘଟଣାର ଅନୁଧ୍ୟାନ କରାଯାଉଛି ବୋଲି କହିଛନ୍ତି ଜେଲର ଅଜୟ କୁମାର ଗୁରୁ ।



### ଅଂଶୁଘାତକୁ ନେଇ ସ୍ୱାସ୍ଥ୍ୟ ବିଭାଗର ଆଗୁଆ ପଦକ୍ଷେପ

# ରୋଗୀଙ୍କ ପାଇଁ ପ୍ରସ୍ତୁତ ରହିଛି ଅଂଶୁଘାତ ଚିକିତ୍ସା କକ୍ଷ

**ଆସିକା,୭।୩/ଏନ୍ଏନ୍ଏସ୍:** ଗ୍ରୀଷ୍ମ ପ୍ରବାହ ବଢିଥିବା ବେଳେ ଆଗକୁ ସ୍ଥିତି ଆହୁରି ଅସମ୍ଭାଳ ହେବ ଆଶଙ୍କା କରାଯାଉଛି । ଗ୍ରୀଷ୍ମ ପ୍ରବାହରେ ଅଂଶୁଘାତର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରାଙ୍କ ପରାମର୍ଶକ୍ରମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଅସହ୍ୟ ତାତିରେ ଅଂଶୁଘାତର ଶୀକାର ହେଲେ ଲୋକଙ୍କୁ ତ୍ୱରିତ୍ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଗୋଟିଏ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ଅଂଶୁଘାତ ଚିକିତ୍ସା କକ୍ଷ ପ୍ରସ୍ତୁତ ରଖାଯାଇଛି । ରୋଗୀଙ୍କ ପାଇଁ




ଆବଶ୍ୟକ ମୁତାବକ ଔଷଧ ସମେତ ପ୍ରଚୁର ପରିମାଣର ଓଆର୍ଏସ୍ ମହଜୁଦ ରଖାଯାଇଛି। ଆବଶ୍ୟକ ପଡିଲେ, ଶଯ୍ୟା ସଂଖ୍ୟାକୁ ଆହୁରୀ ବୃଦ୍ଧି କରାଯିବାର ପ୍ରସ୍ତାବ ମଧ୍ୟ ରହିଥିବା ଜଣାପଡିଛି । ବର୍ତ୍ତମାନ ମୁଣ୍ଡଫଟା ଖରା ସାଙ୍ଗକୁ ଅଂଶୁଘାତ ଆଶଙ୍କା ସୃଷ୍ଟି ହୋଇଛି। ଗ୍ରୀଷ୍ମତାପ ବଢୁଥିବାରୁ ଲୋକେ ରାସ୍ତାରେ ଯାତାୟତ କରିବାକୁ ଭୟ କରୁଛନ୍ତି। ରାସ୍ତା ଘାଟ ଅଧିକାଂଶ ସମୟ ଜନଶୂନ୍ୟ ହୋଇପଡୁଛି। ଆସିକା ସହରକୁ ବାହାରୁ ଆସୁଥିବା ବ୍ୟକ୍ତି ମାନେ ମୁଣ୍ଡରେ ଛତା କିମ୍ବା ଓଦା ଗାମୁଛା ପକାଇ ରାସ୍ତାରେ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ଅଂଶୁଘାତ ମୁକାବିଲା ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିବା ଜଣାପଡିଛି। ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଂଶୁଘାତ କକ୍ଷରେ ଆକ୍ୱାଗାର୍ଡ, ଥଣ୍ଡାପାଣି, ଅକ୍ସିଜେନ୍ ଓ ଚିକିତ୍ସା ପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶ ମହଜୁଦ ରଖାଯାଇଛି। ବିଦ୍ୟୁତ ପାୱାର କଟ୍ ଯେଭଳି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ସହ ଅଂଶୁଘାତ କକ୍ଷରେ ନିରବିଚ୍ଛିନ୍ନ ବିଦ୍ୟୁତସେବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି ।

# ଜାତୀୟ ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ

**ଫୁଲବାଣୀ,୭।୩/ଏନ୍ଏନ୍ଏସ୍:** ଫୁଲବାଣୀ ସହରର ଅନେକ ରାସ୍ତାକୁ ମାଡିବସି ଲୋକେ ଘରଦ୍ୱାର କରିଛନ୍ତି। ବିଶେଷ କରି ଦୋକାନୀମାନେ ରାସ୍ତା ଅକ୍ତିଆର କରୁଥିବାରୁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ-୧୫୭ର ଅବସ୍ଥା ମଧ୍ୟ ସମାନ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ରାସ୍ତାର ସମ୍ପ୍ରସାରଣ କରିବା ପାଇଁ ଯୋଜନା କରିଥିଲେ ମଧ୍ୟ ଜବରଦଖଲ ଯୋଗୁଁ ଏହା ସମ୍ଭବ ହୋଇ ପାରୁ ନଥିଲା। କିଛି ଦିନ ତଳେ ଜବରଦଖଲ କାରୀଙ୍କୁ ନୋଟିସ ମଧ୍ୟ ଦିଆ ଯାଇଥିଲା। ତେବେ ଆଜି ଏ ଦିଗରେ କଡା ପଦକ୍ଷେପ ନେଇଛି ପ୍ରଶାସନ। ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ। ଫୁଲବାଣୀ ପୌରପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠି, ଫୁଲବାଣୀ ଅତିରିକ୍ତ ତହସିଲଦାର ସୋମକେଶ ନାୟକ, ଫୁଲବାଣୀ ଆରଆଇ ରାଜେନ୍ଦ୍ର ଷଡ଼ଙ୍ଗୀ ଏବଂ ପୁଲିସ ପ୍ରଶାସନର ଉପସ୍ଥିତିରେ ମାଦିକୁନ୍ଦା ଛକ ଠାରୁ ଉଚ୍ଛେଦ ଆରମ୍ଭ ହୋଇଛି। ପେଞ୍ଜି ସାହି ଛକ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ। ଉଚ୍ଛେଦ ପ୍ରକ୍ରିୟା ଶାନ୍ତି ଶୃଙ୍ଖଳାର ସହିତ ହୋଇଛି।

### ୨୮ରେ ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ପ୍ରଥମ ଦିନରେ ନାମାଙ୍କନ ଭରିଲେ ୮ ପ୍ରାର୍ଥୀ



**ବ୍ରହ୍ମପୁର,୭।୩/ଏନ୍ଏନ୍ଏସ୍:** ଗଞ୍ଜାମ ଓକିଲ ସଂଘର ଚଳିତ ବର୍ଷ ନିର୍ବାଚନ ପାଇଁ ଆଜିଠୁ ନାମାଙ୍କନ ଦାଖଲ ପ୍ରକିୟା ଆରମ୍ଭ ହୋଇଛି। ଆଜି ପ୍ରଥମ ଦିନରେ ସଂଘର ବିଭିନ୍ନ ପଦପଦବୀ ପାଇଁ ମୋଟ ୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି। ସଭାପତି ପଦ ପାଇଁ ତିରୁମୁଲ କୁମାର ରେଡ୍ଡୀ, ରବୀନ୍ଦ୍ର କୁମାର ଦେଓ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସମ୍ପାଦକ ପଦ ପାଇଁ ଜଗନ୍ନାଥ ମିଶ୍ର ନାମାଙ୍କନ ଭରିଛନ୍ତି। ସେହିଭଳି ଯୁଗ୍ମ ସମ୍ପାଦକ ଆସନ ପାଇଁ ମିରାବାଇ ପାଣିଗ୍ରାହୀ, ଉପ ସଭାପତି ପଦ ପାଇଁ ସତ୍ୟନାରାୟଣ ବସନ୍ତିଆ, ଶ୍ରୀକାନ୍ତ ମହାପାତ୍ର, ସୀମାଞ୍ଚଳ ବିଶୋୟୀ ଓ ଅନିଲ କୁମାର ପଣ୍ଡା ନିଜ ନିଜର ସମର୍ଥକଙ୍କ ସହ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରଥମ ଦିନରେ ମୋଟ ୮ ଜଣ ଆଇନଜୀବୀ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ ହୋଇଛି। ୧୧ରେ ପ୍ରାର୍ଥୀପତ୍ର ଯାଞ୍ଚ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ସେହିଭଳି ୧୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୮ ତାରିଖ ଦିନ ସକାଳ ସାଢେ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଅପରାହ୍ନ ୪ଟାରୁ ସନ୍ଧ୍ୟା ମଧ୍ୟରେ ଭୋଟ୍ ଗଣତି କରି ଫଳାଫଳ ଘୋଷଣା କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ବର୍ଷ ରାଜ୍ୟ ବାର କାଉନ୍‌ସିଲର ଅନୁମୋଦନ କ୍ରମେ ଗଞ୍ଜାମ ଓକିଲ ସଂଘର ୧୭୬୧ ଜଣ ଆଇନଜୀବୀ ମତଦାନ କରିବା ପାଇଁ ତାଲିକା ପ୍ରସ୍ତୁତ କରାଯାଇଛି। ଆଇନଜୀବୀ ଅକ୍ଷୟ ପଟ୍ଟନାୟକ, ସୁଦର୍ଶନ ପଣ୍ଡା, ଡ଼ି.ପ୍ରସାଦ ଦୋରା, ଶ୍ରୀକାନ୍ତ ପଟ୍ଟନାୟକ, ବିରେଞ୍ଚି ମହାପାତ୍ର ବରୁଣ ଗୌଡ଼, ସଞ୍ଜୟ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଓକିଲ ସଂଘର ଅସ୍ଥାୟୀ ସେଡ ଭିତରେ ହିଁ ମତଦାନ ଗ୍ରହଣ କରାଯିବ । ଏଥିପାଇଁ ମୋଟ ୮ଟି ବାଲଟ ବକ୍ସ ଉପଲବ୍ଧ ରହିବ। ତେବେ ସଂଘର ସଦସ୍ୟ ତଥା ମତଦାତାମାନେ ନିଜ ନିଜ ପରିଚୟ ପତ୍ର ସାଙ୍ଗରେ ଧରି ଆସିଲେ ହିଁ ତାଙ୍କୁ ବାଲଟ ପେପର ଦିଆଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମହାପାତ୍ର କହିଛନ୍ତି।

# ୩ ଆଇନଜୀବୀଙ୍କ ନାମାଙ୍କନପତ୍ର ଦାଖଲ

**ଆସିକା,୭।୩/ଏନ୍ଏନ୍ଏସ୍:** ଆସିକା ଓକିଲ ସଂଘର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିବସରେ ଆଜି ଆସିକା ଓକିଲ ସଂଘର ସଭାପତି ପଦବୀ ପାଇଁ ବରିଷ୍ଠ ଆଇନଜୀବୀ ପି.ରବିନ୍ଦ୍ର କୁମାର ପାତ୍ର ଓ ସରୋଜ କୁମାର ନାୟକ ଏବଂ ଉପସଭାପତି ପଦବୀ ଲାଗି ବରିଷ୍ଠ ଆଇନଜୀବୀ ଭରତେନ୍ଦୁ ଭୂଷଣ ନାୟକ ନିଜନିଜର ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ଆସିକା ଓକିଲ ସଂଘର ସମୁଦାୟ ୧୬୪ଜଣ ସଦସ୍ୟ ଆସନ୍ତା ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବେ ବୋଲି ନିର୍ବାଚନ ଅଧିକାରୀ କାଳୀଚରଣ ଦାସ ପ୍ରକାଶ କରିଛନ୍ତି। ଆସିକା ଓକିଲ ସଂଘର ୨୦୨୬-୨୭ ମସିହା ପାଇଁ ଅନୁଷ୍ଠିତ ହେବାକୁ ଥିବା ନୂତନ କର୍ମକର୍ତ୍ତା ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା ଲାଗି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କାଳୀଚରଣ ଦାଶ ଓ ସହଯୋଗୀ ଆଇନଜୀବୀ ଦେବରାଜ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପଦକ୍ଷେପମାନ ଗ୍ରହଣ କରାଯାଉଥିବା ପରିଲକ୍ଷିତ ହୋଇଛି । ରାଜ୍ୟ ଆଇନଜୀବୀ ପରିଷଦର ପରାମର୍ଶକ୍ରମେ ଆସିକା ଓକିଲ ସଂଘର ସଭାପତି, ଉପସଭାପତି, ସଂପାଦକ, ଯୁଗ୍ମ ସଂପାଦକ, କୋଷାଧ୍ୟକ୍ଷ ଓ ଲାଇବ୍ରେରୀ ସଂପାଦକ ପଦବୀ ଲାଗି ଆସନ୍ତା ୨୮ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କାଳୀଚରଣ ଦାଶ ସୂଚନା ଦେଇଛନ୍ତି ।

### ଆଜି ଅନ୍ତର୍ଜାତୀୟ ମହିଳା ଦିବସ

# ଅନନ୍ୟ ପ୍ରେରଣାର ଉତ୍ସ ବସ୍ କଣ୍ଡକ୍ଟର ଡିମ୍ପଲ୍

**ଆସିକା,୭।୩/ଏନ୍ଏନ୍ଏସ୍:** ଆସନ୍ତାକାଲି ପାଳିତ ହେବ ଅନ୍ତର୍ଜାତୀୟ ମହିଳା ଦିବସ । ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ରୂପେ ପାଳନ କରାଯାଇଥାଏ । ନିଜର ଅଦମ୍ୟ ସାହସ ଓ ନିଜସ୍ୱ ପ୍ରଚେଷ୍ଟା ବଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି ବସ୍ କଣ୍ଡକ୍ଟର ଡିମ୍ପଲ୍ ବିଶ୍ୱାଳ (୨୯) । ସେ ସରକାରୀ ବସ୍‌ରେ ନିଯୁକ୍ତି ପାଇବା ଦିନ ଠାରୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରି ଅନ୍ୟଙ୍କ ପାଇଁ ଉଦାହରଣ ପାଲଟିଥିବା ଚର୍ଚ୍ଚାର ବିଷୟ ହୋଇଛି। ଦେହରେ ୟୁନିଫର୍ମ ଆଉ ହାତରେ ଇ-ଟିକଟିଂ ମେସିନ୍ ଧରି ବସ୍ କଣ୍ଡକ୍ଟିଂ କରିଛନ୍ତି ସାହସୀ ମହିଳା ଡିମ୍ପଲ୍ ବିଶ୍ୱାଳ । ଦୈନିକ ଶହ ଶହ ଯାତ୍ରୀଙ୍କୁ କାର୍ଯ୍ୟରତ ବସ୍‌ରେ ଶୃଙ୍ଖଳିତ ଭାବେ ସେ ପରିଚାଳନା କରୁଥିବା ଦେଖିବାକୁ ମିଳୁଛି । ଦିନ ଥିଲା ବସ୍ ଗୁଡିକରେ ମହିଳାମାନଙ୍କୁ ପାସେଞ୍ଜର ଭାବରେ ପ୍ରଥମେ ଚଢିବାକୁ ସୁଯୋଗ ଦିଆଯାଉନଥିଲା । କିନ୍ତୁ ଆଜିର



ସମୟରେ ଆଉ ସେ ସ୍ଥିତି ଓ ସମୟ ନାହିଁ । ଏବେ ବସ୍ କଣ୍ଡକ୍ଟର ଭାବେ ମହିଳାମାନେ ମଧ୍ୟ ଦାୟିତ୍ୱ ତୁଲାଇଲେଣି । ଆସିକା ବ୍ଲକ ଅନ୍ତର୍ଗତ ବରଗାଁରେ ଜନ୍ମିତ ଡିମ୍ପଲ୍ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍)ରେ ବସ୍ କଣ୍ଡକ୍ଟର ଭାବେ ଚାକିରୀ ପାଇ କାର୍ଯ୍ୟ କରୁଛନ୍ତି। ଯୁକ୍ତ ଦୁଇ କଳା ପାଠ୍ୟକ୍ରମରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ନିଜ ଜୀବନର ପ୍ରଥମ ଚାକିରି ଭାବେ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ଆସିକାରେ ଚାକିରୀ କରିଛନ୍ତି। ଆଗ୍ରହ, ନିଷ୍ଠା ଓ ଦୃଢ ଇଚ୍ଛାଶକ୍ତିକୁ ଆଧାର କରି ନିଜକୁ ଜଣେ ସଶକ୍ତ ମହିଳା ରୂପେ ଗଢି ତୋଳିବାରେ ସକ୍ଷମ ହୋଇପାରିଛନ୍ତି ବସ୍ କଣ୍ଡକ୍ଟର ଡିମ୍ପଲ୍ ବିଶ୍ୱାଳ । ମହିଳାମାନେ ବି କୌଣସି ଗୁଣରେ କମ୍ ନୁହଁନ୍ତି, ମାଟିରୁ ଆକାଶ ଯାଏଁ ଏବେ ପ୍ରାୟତଃ ବିଭିନ୍ନ କ୍ଷେତ୍ରରେ ଦେଖିବାକୁ ମିଳୁଛି ମହିଳାଙ୍କ ପାଦ ଚିହ୍ନ । ତେଣୁ ସବୁ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ ମହିଳାମାନେ ଆଗକୁ ଅଗ୍ରସର ହେବାକୁ ବସ୍ କଣ୍ଡକ୍ଟର ଡିମ୍ପଲ୍ ବିଶ୍ୱାଳ ପରାମର୍ଶ ଦେଇଛନ୍ତି ।

# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
8 MARCH 2026
ରବିବାର
୮ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 289 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୮୯ ଭୁବନେଶ୍ୱର। ବ୍ରହ୍ମପୁର। ସମ୍ବଲପୁର। ବାଲେଶ୍ୱର। ଯାଜପୁର





୦୮ ମାର୍ଚ୍ଚ: ସେହେରୀ-୪.୪୮ ଇଫ୍ତାର୍-୫.୫୪
୦୯ ମାର୍ଚ୍ଚ: ସେହେରୀ-୪.୪୭ ଇଫ୍ତାର୍-୫.୫୪

# ପାଣିରେ ବୁଡ଼ି ୫ ମୃତ

## କୋଲାବ ଡ୍ୟାମ୍‌ରେ ୩ ଛାତ୍ର, ପୋଖରୀରେ ୨ଛାତ୍ରୀଙ୍କ ସଲୀଳ ସମାଧି

**କୋରାପୁଟ,ଉଦଳା, ୭।୩/ଏନ୍ଏନ୍ଏସ୍:**

ଦୁଇଟି ପୃଥକ ସ୍ଥାନରେ ଶନିବାର ପାଣିରେ ବୁଡ଼ି ୫ ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଛି। କୋଲାବ ଡ୍ୟାମରେ ବୁଡ଼ି କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟର ୩ ଦଶମ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ କପ୍ତିପଦା ଥାନା ବଡ଼ଖଲାଡି ନଛିପୁର ଗ୍ରାମରେ ପୋଖରୀରେ ବୁଡ଼ି ଦୁଇ ନାବାଳିକା ସାଙ୍ଗଙ୍କ ସଲୀଳ ସମାଧି ହୋଇଛି। କୋଲାବ ଡ୍ୟାମରେ ଗାଧୋଇବା ବେଳେ ବୁଡ଼ି ମୃତ୍ୟୁବରଣ କରିଥିବା ଛାତ୍ରମାନେ ହେଲେ ପୂଜାରୀପୁଟ ରଣା ସାହିର ଲିଙ୍ଗରାଜ ଖିଲ, ଲକ୍ଷ୍ମୀପୁର ବିରିଗୁଡ଼ା କଲୋନୀର ସ୍ୱସ୍ତି ସୁନ୍ଦର ହାଲଓ୍ୱା, ଏବଂ ଲମତାପୁଟର ଓମ୍ ପ୍ରକାଶ ବେହେରା। ମାଛରା ଆଦର୍ଶ ବିଦ୍ୟାଳୟରେ ପରୀକ୍ଷା ସରିବା ପରେ

▶▶ ୬

# ଆଜି ମିଳିବ 'ସୁଭଦ୍ରା' ଟଙ୍କା

## ୧ କୋଟି ୨ ଲକ୍ଷ ୧୨,୬୬୫ଜଣ ପାଇବେ ଚତୁର୍ଥ କିସ୍ତି

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:**




ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆସନ୍ତାକାଲି ଅର୍ଥାତ ରବିବାର ବ୍ୟାଙ୍କ ଖାତାକୁ ଆସିବ 'ସୁଭଦ୍ରା'ର ଚତୁର୍ଥ କିସ୍ତି ଟଙ୍କା। ପୁରୀର ତାଳବଣିଆ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ୫ ହଜାର ଟଙ୍କା ଲେଖାଏଁ ପଠାଇବେ। ଏନେଇ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ମୁତାବକ 'ସୁଭଦ୍ରା' ପାଇଁ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ ଜଣ ଆବେଦନ

▶▶ ୬

# ଆଜି ଭାରତ-ନ୍ୟୁଜିଲାଣ୍ଡ ମହାମୁକାବିଲା

**ଅହମଦାବାଦ୍, ୭।୩/ଏଜେନ୍ସି:**

ଆସନ୍ତାକାଲି ଅର୍ଥାତ ରବିବାର ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଭାରତ ୨୦୨୪ରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିଲା। ସୁତରାଂ ଆସନ୍ତା କାଲିର ମ୍ୟାଚ୍ ଜିତି ଭାରତ ଟାଇଟଲ୍ ବଜାୟ ରଖିବାକୁ ଭରପୁର ଉଦ୍ୟମ କରିବ। ଅହମଦାବାଦ୍ ସ୍ଥିତ ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ହାଇ ଭୋଲଟେଜ୍ ମ୍ୟାଚ୍‌କୁ ନେଇ କେବଳ ଭାରତ କିମ୍ବା ନ୍ୟୁଜିଲାଣ୍ଡବାସୀଙ୍କ ମଧ୍ୟରେ ନୁହେଁ ବରଂ ସମଗ୍ର ବିଶ୍ୱର ଉତ୍କଣ୍ଠା ବଢ଼ିଯାଇଛି। ଅନ୍ୟପକ୍ଷେ ଆସନ୍ତା କାଲିର ମ୍ୟାଚ୍‌କୁ ନେଇ ଏବେ

**ଟାଇଟଲ୍ ଜିତିବାକୁ ଲଢ଼ିବେ ଉଭୟ ଦଳ**

**କିୱିଙ୍କ ତୁଳନାରେ ମେନ୍ ଇନ୍ ବ୍ଲୁ ଫେଭରିଟ୍**

**ଚାମ୍ପିଅନ୍ ମାନ୍ୟତା ବଜାୟ ଲକ୍ଷ୍ୟରେ ସୂର୍ଯ୍ୟବାହିନୀ**




କ୍ରିକେଟ୍ ଏକ୍ସପର୍ଟମାନେ ନିଜ ମତାମତ ରଖିବା ଆରମ୍ଭ କରିଦେଇଛନ୍ତି। ରିପୋର୍ଟ ଅନୁସାରେ ଆସନ୍ତା କାଲିର ମ୍ୟାଚ୍ ପାଇଁ ଅହମଦାବାଦ୍ ଷ୍ଟାଡିୟମ୍‌ରେ ସ୍ୱତନ୍ତ୍ର ଭାବେ ଏକ ପିଚ୍ ପ୍ରସ୍ତୁତ କରାଯାଇଛି। କୁହାଯାଉଛି ଯେ ଏହି ପିଚ୍ ମଧ୍ୟ ସେମିଫାଇନାଲ ପରି ବ୍ୟାଟିଂ ଅନୁକୂଳ ହେବ। ଏହି ପିଚ୍‌ରେ କମ୍ ସ୍ପିନ୍, ଅଧିକ ଗତି ଏବଂ ବାଉନ୍ସ ଦେଖିବାକୁ ମିଳିବ, ଯାହାକି ଫାଷ୍ଟ ବୋଲରଙ୍କୁ ପିଚ୍ ସୁହାଇବ। ସେହିପରି ଏହି ପିଚ୍‌ରେ ବ୍ୟାଟ୍ସମ୍ୟାନ୍‌ମାନଙ୍କୁ ମଧ୍ୟ ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ସହଜ ହେବ। ଏହାର ଅର୍ଥ ଆସନ୍ତା କାଲିର ମ୍ୟାଚ୍‌ରେ ଚୌକା, ଛକାର ବର୍ଷା ଦେଖିବାକୁ ମିଳିବ। ପିଚ୍ କ୍ୟୁରେଟରଙ୍କ ଅନୁସାରେ କଳା ଏବଂ ଲାଲ ମାଟି

▶▶ ୬

# ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ଅସମ୍ମାନ !

## ସ୍ୱାଗତ କଲେନି କି କାର୍ଯ୍ୟକ୍ରମରେ ଯୋଗଦେଲେନି ମମତା

**ନୂଆଦିଲ୍ଲୀ,୭।୩/ଏଜେନ୍ସି:**



ନବମ ଅନ୍ତର୍ଜାତୀୟ ସାନ୍ତାଳୀ ସମ୍ମିଳନୀ ପାଇଁ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସିଲିଗୁଡ଼ି ଗସ୍ତ ଅବସରରେ ତାଙ୍କୁ ଅସମ୍ମାନ କରାଯାଇଛି। ପ୍ରୋଟୋକଲ୍ ଅନୁସାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ରହିବା କଥା । କିନ୍ତୁ ସ୍ୱାଗତ ପାଇଁ ମୁଖ୍ୟମନ୍ତ୍ରୀ କି ତାଙ୍କ କ୍ୟାବିନେଟ୍‌ର କୌଣସି ମନ୍ତ୍ରୀ ନଥିଲେ। ବିମାନବନ୍ଦରରେ କେବଳ ଶିଲିଗୁଡ଼ିର ମେୟର ଗୌତମ ଦେବ ଉପସ୍ଥିତ ଥିଲେ। କେବଳ ସେତିକି ନୁହେଁ ଏହି କାର୍ଯ୍ୟକ୍ରମ ପ୍ରଥମେ ଶିଲିଗୁଡ଼ିର ବିଧାନନଗରଠାରେ ଥିବା ଏକ ବଡ଼ ପଡ଼ିଆରେ ଅନୁଷ୍ଠିତ ହେବାର ଥିଲା, କିନ୍ତୁ ସୁରକ୍ଷା କାରଣ ଦର୍ଶାଇ ପ୍ରଶାସନ ଏହାକୁ ବାଗଡୋଗ୍ରା ବିମାନବନ୍ଦର ନିକଟସ୍ଥ ଗୋସାଇଁପୁରର ଏକ ଛୋଟ ସ୍ଥାନକୁ ସ୍ଥାନାନ୍ତର କରିଥିଲା। ଯାହାକୁ ନେଇ ରାଷ୍ଟ୍ରପତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏକ ସାର୍ବଜାନୀନ କାର୍ଯ୍ୟକ୍ରମରେ ମଞ୍ଚ ଉପରୁ ବେଙ୍ଗଲ ସରକାରଙ୍କ କାର୍ଯ୍ୟଶୈଳୀକୁ ନିନ୍ଦା କରିଛନ୍ତି। ଉତ୍ତର ବେଙ୍ଗଲରେ ଏକ ଅନ୍ତର୍ଜାତୀୟ ଆଦିବାସୀ ସମ୍ମିଳନୀ ହେବାର ଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଠାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥାନ୍ତେ । କିନ୍ତୁ ରାଜ୍ୟ ସରକାର ସେହି ସ୍ଥାନରେ ଆୟୋଜନ ପାଇଁ ଅନୁମତି ଦେଇନଥିଲେ। ଆୟୋଜନ ସ୍ଥଳ ପରିବର୍ତ୍ତନ ଓ ଲୋକଙ୍କ ପ୍ରତି ପ୍ରଶାସନର ବ୍ୟବହାରକୁ ନେଇ ରାଷ୍ଟ୍ରପତି ଅସନ୍ତୋଷ ପ୍ରକାଶ କରିଛନ୍ତି। ସାର୍ବଜନୀନ ମଞ୍ଚରୁ ରାଷ୍ଟ୍ରପତିଙ୍କ ଏଭଳି ଅସନ୍ତୋଷ ପ୍ରକାଶ କରିବା ପ୍ରଥମ ଘଟଣା।

ଶନିବାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିଲିଗୁଡ଼ି ଗୋସାଇଁପୁର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଉତ୍ତରା ମଇଦାନରେ ନବମ ଅନ୍ତର୍ଜାତୀୟ ଆଦିବାସୀ ଏବଂ ସାନ୍ତାଳ ପରିଷଦ ସମ୍ମିଳନୀରେ ଯୋଗ ଦେଇଥିଲେ । ଯଦିଓ ଏହି ସମ୍ମିଳନୀ ପ୍ରଥମେ ଫାନସିଡେଓ୍ୱା ବ୍ଲକର ବିଧାନନଗରର ସନ୍ତୋଷିନୀ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାର ଥିଲା । ଯେହେତୁ ସେହି ଅଞ୍ଚଳରେ ମୁଖ୍ୟତଃ ଚା' ବଗିଚା ଶ୍ରମିକ ଏବଂ ଆଦିବାସୀମାନେ ବସବାସ କରନ୍ତି, ତେଣୁ ସେଠାରେ ସମ୍ମିଳନୀ ଆୟୋଜନ କରାଯିବାର ଥିଲା । କିନ୍ତୁ ପରେ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ୍ ଦୃଷ୍ଟିରୁ ସ୍ଥାନଟି ଗୋସାଇଁପୁରକୁ ପରିବର୍ତ୍ତନ କରାଯାଇଥିଲା । ଯାହାକୁ ନେଇ ରାଷ୍ଟ୍ରପତି କ୍ଷୋଭ ପ୍ରକାଶ କରିଛନ୍ତି।

▶▶ ୬

**ରାଷ୍ଟ୍ରପତିଙ୍କ ଗସ୍ତର ପ୍ରୋଟୋକଲ୍ ଉଲ୍ଲଂଘନ**

**ସାନ୍ତାଳୀ ସମ୍ମିଳନୀ ସ୍ଥଳ ପରିବର୍ତ୍ତନକୁ ନେଇ ରାଷ୍ଟ୍ରପତି କ୍ଷୁବ୍ଧ**

**ମମତା ଦିଦି ମୋର ସାନ ଭଉଣୀ, ସେ ଏମିତି କାହିଁକି କଲେ: ରାଷ୍ଟ୍ରପତି**

**'ବୋଧହୁଏ ମମତା ଦିଦି ମୋ ଉପରେ ରାଗିଛନ୍ତି'**

## 'ଲଜ୍ଜାଜନକ,ଦୁର୍ଭାଗ୍ୟଜନକ'

**ସମସ୍ତ ସୀମା ଅତିକ୍ରମ କରିଛି ଟିଏମ୍‌ସି ସରକାର**



ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମମତା ସରକାରଙ୍କ ଅପମାନକୁ ନେଇ ବଢୁଛି ଉଦବେଗ। ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ଲଜ୍ଜାଜନକ ଓ ଦୁର୍ଭାଗ୍ୟଜନକ ବୋଲି 'ଏକ୍ସ'ରେ ପୋଷ୍ଟ

▶▶ ୬

## 'ସମଗ୍ର ଆଦିବାସୀ ସମ୍ପ୍ରଦାୟ ଦୁଃଖିତ'



**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:**

ଅନ୍ତର୍ଜାତୀୟ ସାନ୍ତାଳୀ ସମ୍ମିଳନୀରେ ରାଷ୍ଟ୍ରପତିଙ୍କୁ ଅପମାନିତ କରାଯିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଟିଏମ୍‌ସି ସରକାର ରାଷ୍ଟ୍ରପତିଙ୍କୁ ଅପମାନ କରିବା ନେଇ ସମଗ୍ର ଆଦିବାସୀ ସମ୍ପ୍ରଦାୟ ଦୁଃଖିତ। ସାନ୍ତାଳୀ ସମ୍ମିଳନୀ ପାଇଁ ସ୍ଥାନ ନଦେବା ଓ

▶▶ ୬

# ଚଢ଼ିଗଲା ହାଇଓ୍ୱା, ୩ ମୃତ

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:**

କଟକଜିଲ୍ଲା ଫୁଲନଖରା-ନିଆଳି ୬୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଗଜାନନ ରେସିଡେନ୍ସି ନିକଟରେ ଶନିବାର ଭୋର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ତିନିଜଣ ଯୁବକ ସାଙ୍ଗ ହୋଇ ଯାଉଥିବା ବେଳେ ସେମାନଙ୍କ ଉପରେ ହାଇଓ୍ୱା ଚାପି ଚଢ଼ିଯାଇଛି। ମୃତ ଯୁବକମାନେ ହେଲେ ନିଆଳି ଥାନା ଅନ୍ତର୍ଗତ କସର୍ଦା ଅଞ୍ଚଳର ସତ୍ୟଜିତ ଓଝା, ଜଂକିଆର ରସିଦ ରାଉତରାୟ ଓ ଦେଓଗଡର ବିକାଶ ମହାରଣା। ସୂଚନାଯୋଗ୍ୟ, ତିନି ସାଙ୍ଗ ଦୋପଟି ମେଲଣ ଦେଖି ଫେରୁଥିଲେ। ଏମାନେ ବାଇକ ଯୋଗେ ନିଆଳି ଅଭିମୁଖେ ଯାଉଥିବା ସମୟରେ ଏକ ଦ୍ରୁତଗାମୀ ବାଲି ବୋଝେଇ ହାଇଓ୍ୱା କାରକୁ ଓଭରଟେକ କରୁଥିଲା ଏବଂ ପଛ ପଟରୁ ଧକ୍କା ଦେଇଥିଲା। ତିନି ଜଣ ବନ୍ଧୁ ଗାଡ଼ିର ଛିଟିକି ହାଇଓ୍ୱା ଚକା ତଳେ ପଡ଼ିଯାଇଥିଲେ। ହାଇଓ୍ୱା ଚକା ତଳେ ଚାପି ହୋଇ ଯାଇଥିଲେ ତିନି ସାଙ୍ଗ। ଫଳରେ ଘଟଣା ସ୍ଥଳରେ ସେମାନଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ହାଇଓ୍ୱା ଚାଳକ ଜଣଙ୍କ ଗାଡିରୁ ଓହ୍ଲାଇ ଫେରାର ହୋଇଯାଇଥିଲେ। ରାସ୍ତାରେ ଯାତାୟାତ କରୁଥିବା ଲୋକେ ପାହାଳ ଥାନାକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

# ଭିଜିଲାନ୍ସ ଜାଲରେ ଯନ୍ତ୍ରୀ



**କେନ୍ଦ୍ରାପଡ଼ା, ଗନ୍ଦୋଲ,୭।୩/ଏନ୍ଏନ୍ଏସ୍:**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଆଜି କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ କାର୍ଯ୍ୟାଳୟ ଓ ବାସଭବନ ସମେତ ମୋଟ ୭ଟି ସ୍ଥାନରେ ଚଢଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ସେ ଠୁଳ କରିଥିବା ସମ୍ପତ୍ତି ସାମ୍ନାକୁ ଆସିଛି। ଚଢ଼ଉ ଜାରି ରହିଥିବା ବେଳେ ତାଙ୍କର ଆହୁରି ସମ୍ପତ୍ତି ଥିବା ଭିଜିଲାନ୍ସ ସନ୍ଦେହ କରୁଛି। ଶ୍ରୀ ରାୟ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଭୁବନେଶ୍ୱରର ବାଲିଅନ୍ତାରେ ଗୋଟିଏ ୪ ମହଲା କୋଠା ଅଛି, ଯାହା ୮୦୦୦ ବର୍ଗ ଫୁଟ ଜାଗାରେ ନିର୍ମିତ ହୋଇଛି। ୨୦୨୪-୨୫ରେ ସେ ଏହି କୋଠା ନିର୍ମାଣ କରିଛନ୍ତି। ସେହିପରି କଟକର ଚୌଦ୍ୱାରରେ ୫୨୦୦ ବର୍ଗ ଫୁଟ ଜାଗାରେ ତାଙ୍କର ଏକ ଦ୍ୱିମହଲା କୋଠା ଅଛି। କେବଳ ଏତିକି ନୁହେଁ, ଭୁବନେଶ୍ୱର ଓ ଚୌଦ୍ୱାରରେ ତାଙ୍କର ଦୁଇଟି ଦାମୀ ପ୍ଲଟ ଅଛି। ଏହି ଦୁଇଟି ପ୍ଲଟ ମଧ୍ୟରୁ ଯେଉଁଟି ଭୁବନେଶ୍ୱରର ବାଲିଅନ୍ତାରେ ଅଛି, ତା'ର ଆକାର ୩୦୦୦ ବର୍ଗ ଫୁଟ୍। ଚୌଦ୍ୱାରରେ ଥିବା ପ୍ଲଟର ଆକାର ୨୫୦୦ ବର୍ଗ ଫୁଟ୍। ଏହି କୋଠା ଓ ପ୍ଲଟ ଗୁଡିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ କରାଯାଉଛି।ଏହା ବାଦ୍ ଶ୍ରୀ ରାୟଙ୍କ ଘରୁ ନଗଦ ୪ ଲକ୍ଷ ୪୮ ହଜାର ୫୮୦ ଟଙ୍କା ଜବତ କରାଯାଇଛି। ତାଙ୍କର ବ୍ୟାଙ୍କ, ଡାକଘର ଓ ଅନ୍ୟାନ୍ୟ ନିବେଶ ନେଇ ଭିଜିଲାନ୍ସର ଯାଞ୍ଚ ଜାରି ରହିଛି। ତାଙ୍କର ଦୁଇଟି ଦୁଇ ଚକିଆ ଗାଡ଼ି ଅଛି। ୧୯୮୮ ମସିହା ଜୁନ ୧୦ ତାରିଖରେ ସରକାରୀ ଚାକିରି ଆରମ୍ଭ କରିଥିଲେ ଶ୍ରୀ ରାୟ। ଜଳ ସମ୍ପଦ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ ସେ ଯୋଗ ଦେଇଥିଲେ। ତାଙ୍କର ପ୍ରାରମ୍ଭିକ ଦରମା ୧୫୦୦ ଟଙ୍କା ଥିଲା। ଶ୍ରୀ ରାୟଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଡେରାବିଶରୁ ଧରିବା ପରେ କଟକ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନେଇଯାଇଛନ୍ତି। ଏହି ଚଢ଼ଉରେ

▶▶ ୬

**୮ମ ଦିନରେ ମଧ୍ୟପ୍ରାଚ୍ୟ ଯୁଦ୍ଧ: ଆମେରିକାର ଚେତାବନୀକୁ ଇରାନ୍‌ର ପ୍ରତ୍ୟାଖ୍ୟାନ**

# ଟ୍ରମ୍ପ୍ ଦେଲେ ରାତି ଅଧିଆ ଆକ୍ରମଣ ଧମକ

**ତେହରାନ୍, ଜେରୁଜେଲମ୍, ୭।୩/ଏଜେନ୍ସି:**



ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଆଜି ଅଷ୍ଟମ ଦିନରେ ପହଞ୍ଚିଛି। ଦିନକ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନ୍‌କୁ ନିସର୍ତ୍ତ ଆତ୍ମସମର୍ପଣ କରିବାକୁ ଚେତାବନୀ ଦେଇଥିବା ବେଳେ ଇରାନ୍ ଆଜି ଦିନରେ ଭୟଙ୍କର ଆକ୍ରମଣ କରିବା ପୂର୍ବକ ନିଜ ଜବାବ ସ୍ପଷ୍ଟ କରିଛି। ଇରାନ୍ ଏବେ କୌଣସି ପରିସ୍ଥିତିରେ ମଧ୍ୟ ନିଜ ଆଡୁ ଯୁଦ୍ଧ ବନ୍ଦ କରିବ ନାହିଁ ବୋଲି ଇଙ୍ଗିତ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଏହି ମହାବିନାଶକାରୀ ଯୁଦ୍ଧ ଏକ ଲମ୍ବା ସମୟ ଧରି ଚାଲିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। କାରଣ ଇରାନ୍ ଆଜି ଆକ୍ରମଣ କରିବା ପରେ ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି ଯେ, 'ଇରାନ୍ ଏବେ ଭୟଙ୍କର ଆକ୍ରମଣ ଦେଖିବ। ଇରାନ୍ ଉପରେ ଚାରିଆଡୁ ଆକ୍ରମଣ କରାଯିବ ଏବଂ ଇରାନର ଖରାପ ଆଚରଣ ଯୋଗୁଁ ସମ୍ପୂର୍ଣ୍ଣ ବିନାଶ ଏବଂ ନିଶ୍ଚିତ ମୃତ୍ୟୁ ପାଇଁ ଏକ ଗମ୍ଭୀର ପରିସ୍ଥିତି ଉତ୍ପନ୍ନ ହେବ। ଇରାନ୍‌ର ସେହି ଅଞ୍ଚଳ ଏବଂ ଲୋକଙ୍କ ଗୋଷ୍ଠୀ ଉପରେ ମଧ୍ୟ ଏବେ ଆକ୍ରମଣ କରାଯିବ ଯେଉଁମାନଙ୍କୁ ଏହି ମୁହୂର୍ତ୍ତ ପର୍ଯ୍ୟନ୍ତ ଟାର୍ଗେଟ କରିବା ପାଇଁ ବିଚାର କରାଯାଇ ନଥିଲା।'

ଯୁଦ୍ଧର ୮ମ ଦିନରେ ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ଇରାନ୍ ପକ୍ଷରୁ ହୋଇଥିବା ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପଡୋଶୀ ଦେଶଗୁଡ଼ିକୁ (ସାଉଦି ଆରବ, ଜୋର୍ଡାନ, କତାର, ୟୁଏଇ ଆଦି) କ୍ଷମାପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଇରାନ୍ ଏପରି କରିବାକୁ ବାଧ ହୋଇଛି। କାରଣ ଇରାନ୍‌ର ଶତ୍ରୁ ଦେଶମାନେ ଏବେ ପଡୋଶୀ ଦେଶର ମାଟିକୁ ଇରାନ୍ ବିରୋଧରେ ବ୍ୟବହାର କରୁଛନ୍ତି। ତାଙ୍କର ଏପ୍ରକାର ବାର୍ତ୍ତା ସେହିସବୁ ଦେଶଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥିଲା ଯେଉଁମାନେ ପ୍ରମୁଖ ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଆଶ୍ରୟ ଦେଇଛନ୍ତି। ଅନ୍ୟପକ୍ଷେ ଆମେରିକୀୟ ଗଣମାଧ୍ୟମ ରିପୋର୍ଟରେ ରୁଷ୍, ଇରାନ୍‌କୁ ଟାର୍ଗେଟିଂ ଗୁପ୍ତ ସୂଚନା ଯୋଗାଉଥିବା ଅଭିଯୋଗ କରାଯାଇଛି।

▶▶ ୬

**ପଡୋଶୀ ଦେଶଗୁଡ଼ିକୁ କ୍ଷମା ମାଗିବା ପରେ ପୁଣି ଚେତାବନୀ ଦେଲା ଇରାନ୍**

**୩୦୦ ନିୟୁତ ଡଲାର ମୂଲ୍ୟର ଆମେରିକୀୟ 'ଥାଡ୍' ରାଡାର ସିଷ୍ଟମ୍ ନଷ୍ଟ**


10001/106/2526

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଇଞ୍ଜେକ୍ସନ୍

ହିତାଧିକାରୀଙ୍କ ପାଇଁ ସୂଚନା

- ନିରାପଦ, ଦୀର୍ଘକାଳୀନ ତଥା ପ୍ରଭାବଶାଳୀ ଗର୍ଭନିରୋଧକ
- ୪ ସପ୍ତାହର ଗ୍ରେସ୍ ପିରିୟଡ୍ ସହିତ ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ
- ବ୍ୟବହାର ପୂର୍ବରୁ ପେଲ୍‌ଭିକ୍ ପରୀକ୍ଷାର ଆବଶ୍ୟକ ନାହିଁ
- ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ ଉପଯୁକ୍ତ (ପ୍ରସବର ୬ ସପ୍ତାହ ପରେ)
- ସ୍ତନ୍ୟପାନକୁ ପ୍ରଭାବିତ କରେନାହିଁ
- ସୁବିଧାଜନକ ଏବଂ ବ୍ୟବହାର କରିବାକୁ ସହଜ

ଯଦି, ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଗ୍ରହଣକରିଥିବା ମହିଳାଙ୍କ କ୍ଷେତ୍ରରେ ଅନିୟନ୍ତ୍ରିତ ରକ୍ତସ୍ରାବ କିମ୍ବା ଆମେନୋରିଆ (ଋତୁସ୍ରାବ ବନ୍ଦ), ଅସ୍ୱଭାବିକ ଓଜନ ବୃଦ୍ଧି, ଅଧିକ ମୁଣ୍ଡବିନ୍ଧା କିମ୍ବା ଚିଡ଼ିଚିଡ଼ା ଭାବ ଦେଖାଦିଏ ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

ବିଭିନ୍ନ ଗର୍ଭନିରୋଧକ ପଦ୍ଧତି




ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ

ଏହି ସେବା ପାଇବା ପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ

OIPR-10001/10003/2/25-26/0025

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# କବି ପ୍ରଫେସର୍ ଧ୍ରୁବ୍ ଖୁଣ୍ଟିଆଙ୍କ ପରଲୋକ

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ପ୍ରତିଷ୍ଠିତ ଅଧ୍ୟାପକ ତଥା ସ୍ୱୀକୃତିପ୍ରାପ୍ତ ଗୀତିକାର ପ୍ରଫେସର ଧ୍ରୁବ୍ ଖୁଣ୍ଟିଆଙ୍କର ଆଜି ସକାଳେ ୯୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ରାଜଧାନୀର ଆଇ.ଆର୍.ସି. ଭିଲେଜସ୍ଥିତ ନିଜ ବାସଭବନରେ



ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁତ୍ର ଯଶସ୍ୱୀ, ମନସ୍ୱୀ, ତେଜସ୍ୱୀଙ୍କ ସମେତ ପୁତ୍ରବଧୂ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ତିନି ବର୍ଷ ତଳେ ତାଙ୍କ ପତ୍ନୀ ସୁଖଲତାଙ୍କର ବିୟୋଗ ଘଟିଥିଲା। ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଧର୍ମପୁତ୍ର ପ୍ରଫେସର୍ ଖୁଣ୍ଟିଆ ରାଜ୍ୟର ଅନେକ ନାମୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ଛାତ୍ର ଓ ଶିକ୍ଷକ ସମାଜରେ ବେଶ୍ ପରିଚିତ ଥିଲେ। ଜଣେ ସରଳ, ବନ୍ଧୁବତ୍ସଳ ବ୍ୟକ୍ତିତ୍ୱ ଏବଂ ଆଧୁନିକ ଓଡ଼ିଆ କବିତା ଜଗତର ଜଣେ ଶାଣିତ ସ୍ରଷ୍ଟା ଭାବେ ତାଙ୍କର ଯଥେଷ୍ଟ ସୁଖ୍ୟାତି ରହିଥିଲା। ସେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ମଧ୍ୟ ଥିଲେ। ତାଙ୍କ ଦ୍ୱାରା ରଚିତ 'ଆକୁଳ ଅରଣ୍ୟ', 'ବିନ୍ଦୁ ବିସର୍ଗ', 'ପୀଡ଼ିତ ପ୍ରଜାପତି' ଏବଂ 'ପ୍ରୀତିର ଋତୁ' ଭଳି ପୁସ୍ତକ ପାଠକୀୟ ଆଦୃତି ଲାଭ କରିଛି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ୨୦୧୯ ମସିହାରେ ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମିଳନୀ ଦ୍ୱାରା ସମ୍ବର୍ଦ୍ଧିତ ହେବା ସହ ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଆଜି ତାଙ୍କର ଜନ୍ମମାଟି ଜଗତସିଂହପୁର ଜିଲ୍ଲାର ଜୟପୁର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# 'କୃଷି କ୍ଷେତ୍ରରେ ମହିଳା: ମାଟିର ଅଜଣା ହିରୋ' ଶୀର୍ଷକ ସେମିନାର୍

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର 'ମା' ରମାଦେବୀ ଚେୟାର' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗତ ମାର୍ଚ୍ଚ ୭ ଓ ୮ ତାରିଖରେ ଏକ ଦୁଇଦିନିଆ ଜାତୀୟ ସେମିନାର ଆୟୋଜିତ ହୋଇଯାଇଛି। 'କୃଷି କ୍ଷେତ୍ରରେ ମହିଳା: ମାଟିର ଅଜଣା ହିରୋ' ଶୀର୍ଷକ ଏହି ସମ୍ମିଳନୀରେ କୃଷି ଓ ଗ୍ରାମୀଣ ବିକାଶରେ ମହିଳା ଚାଷୀଙ୍କ ଅବଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମିଳିତ ଜାତିସଂଘ ୨୦୨୬ ମସିହାକୁ 'ମହିଳା କୃଷକମାନଙ୍କର ଆନ୍ତର୍ଜାତୀୟ ବର୍ଷ' ଭାବରେ ଘୋଷଣା କରିଥିବା ବେଳେ, ଏହି ସେମିନାର ତାହା ସହିତ ସମନ୍ୱିତ ରହିଥିଲା।

ଉଦ୍‌ଘାଟନୀ ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଅର୍ଥନୀତିକୁ ସୁଦୃଢ଼ କରିବାରେ ମହିଳା ଚାଷୀଙ୍କ ତ୍ୟାଗ ଓ





ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ। ସେମିନାରର ଆବାହିକା ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଦେଇ କୃଷିରେ ମହିଳାଙ୍କ ଭୂମିକାକୁ ଅଧିକ ମଜବୁତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ ମନସ୍ୱିନୀ ସାହୁ ଜ୍ଞାନ ବିନିମୟ ମାଧ୍ୟମରେ ମହିଳା କୃଷକଙ୍କୁ ସଶକ୍ତ କରିବା ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ ପୁସ୍ତକ ଉନ୍ମୋଚନ କରାଯିବା ସହ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପାଞ୍ଚ ଜଣ ମହିଳା ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ସେମିନାରର ତିନୋଟି ବୈଷୟିକ ଅଧିବେଶନରେ ଶିକ୍ଷାବିତ୍ ଓ ଗବେଷକମାନେ କୃଷି ବନୀକରଣ, ଜଳବାୟୁ ସ୍ଥିରତା, ବାଜରା ମୂଲ୍ୟ ଶୃଙ୍ଖଳା, ସ୍ୱଦେଶୀ ଜ୍ଞାନ ଓ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଉପରେ ନିଜର ମତାମତ ରଖିଥିଲେ। ଏକ ପ୍ୟାନେଲ ଆଲୋଚନାରେ ବିଶେଷଜ୍ଞ ଡକ୍ଟର ସବିତା ମିଶ୍ର, ଡକ୍ଟର ଅଭିନାଶ ପଟ୍ଟନାୟକ ଓ ଶ୍ରୀମତୀ ସ୍ନେହ ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ଚାଷୀମାନେ ନିଜର ବାସ୍ତବ ଅଭିଜ୍ଞତା ବାଣ୍ଟିଥିଲେ। ଦ୍ୱିତୀୟ ଦିନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଓଡ଼ିଶାର 'ମିଲେଟ୍ ରାଣୀ' ଭାବେ ପରିଚିତ ରାଇମତୀ ଘିଉରିଆ ଏବଂ ଭାରତୀୟ ବନସେବା ଅଧିକାରୀ ନିଳିମା ପାତ୍ର ଯୋଗ ଦେଇଥିଲେ। ସ୍ଥାୟୀ କୃଷିରେ ମହିଳା ନେତୃତ୍ୱକୁ ସୁଦୃଢ଼ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ଏକ ନାଟକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା। ଡକ୍ଟର ଜ୍ୟୋତିର୍ମୟୀ ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସରେ 'ଦି ଉତ୍କଳିୟାଜ୍'ର ନିଆରା ପ୍ରୟାସ

# ଲୋକାର୍ପିତ ହେଲା 'ସୁବର୍ଣ୍ଣା ସ୍ୱୟଂ ସମ୍ପୂର୍ଣ୍ଣା'



**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ପ୍ରଚାର ଓ ପ୍ରସାର ପାଇଁ ସମର୍ପିତ ମହିଳା ସଂଗଠନ 'ଦି ଉତ୍କଳିୟାଜ୍' ପକ୍ଷରୁ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ଅତି ଉତ୍ସାହର ସହ ପାଳିତ ହୋଇଯାଇଛି। ଐତିହ୍ୟ, ସଂସ୍କୃତି ଏବଂ ମହିଳା ସଶକ୍ତିକରଣକୁ ପାଥେୟ କରି ଆୟୋଜିତ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ସେମାନଙ୍କର ନୂତନ ବିଷୟବସ୍ତୁ 'ସୁବର୍ଣ୍ଣା ସ୍ୱୟଂ ସମ୍ପୂର୍ଣ୍ଣା'ର ଉନ୍ମୋଚନ। ଏହି ଶିରୋନାମାର ଅର୍ଥ ହେଉଛି 'ସୁବର୍ଣ୍ଣ ପରି ଉଜ୍ଜ୍ୱଳ, ଆତ୍ମନିର୍ଭରଶୀଳ ଏବଂ ପରିପୂର୍ଣ୍ଣ' ନାରୀ। ଜଣେ ମହିଳା ନିଜ ଜୀବନର ପ୍ରତିଟି ଭୂମିକାରେ-ସେ ସ୍ରଷ୍ଟା ହେଉ, ନେତ୍ରୀ ହେଉ, ପାଳନକର୍ତ୍ତ୍ରୀ ହେଉ କିମ୍ବା ଜଣେ ସଫଳ ଉଦ୍ୟୋଗୀ-ସବୁଥିରେ ସେ ନିଜେ ସମର୍ଥ ଓ ପରିପୂର୍ଣ୍ଣ, ଏହି ବିଶ୍ୱାସକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ପଦଯାତ୍ରା ବା 'ରାମ୍ପ ୱାକ୍'ରେ ମହିଳାମାନେ କେବଳ ପ୍ରଦର୍ଶିକା ଭାବେ ନୁହେଁ, ବରଂ ନିଜ ଭାଗ୍ୟର ନିର୍ମାତା ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ ପରିଧାନ କରିଥିବା ସୁବର୍ଣ୍ଣ ରଙ୍ଗର ହସ୍ତତନ୍ତ ଶାଢ଼ିର ପ୍ରତିଟି ବୁଣାକାର୍ଯ୍ୟ ପଛରେ ରହିଥିଲା ସଂଘର୍ଷ, ଶିକ୍ଷା, ପରିବାର ପ୍ରତିପୋଷଣ ଏବଂ ବ୍ୟବସାୟିକ ସଫଳତାର ଅକୁହା କାହାଣୀ। ହସ୍ତତନ୍ତର ସୁନ୍ଦର କାରୁକାର୍ଯ୍ୟ ଓ ମହିଳାମାନଙ୍କ ହସକାନ୍ଦରେ ସଭାଗୃହଟି ଏକ ଆଧ୍ୟାତ୍ମିକ ଓ ସାମାଜିକ ସଶକ୍ତିକରଣର କେନ୍ଦ୍ର ପାଲଟିଥିଲା। 'ଦି ଉତ୍କଳିୟାଜ୍' କେବଳ ହସ୍ତତନ୍ତର ପ୍ରୋତ୍ସାହନ କରୁନାହାନ୍ତି, ବରଂ ସମାଜରେ ଏକ ନୂଆ ଚେତନା ସୃଷ୍ଟି କରୁଛନ୍ତି ଯେଉଁଠି ପ୍ରତିଟି ନାରୀ ନିଜକୁ ଚିହ୍ନିପାରିବେ ଏବଂ ନିଜେ ସ୍ୱୟଂ ସମ୍ପୂର୍ଣ୍ଣ ବୋଲି ହୃଦୟଙ୍ଗମ କରିବେ।

# 'ନାରୀ-ପୁରୁଷଙ୍କ ସହଭାଗିତାରେ ହିଁ ସମାଜର ବିକାଶ ସମ୍ଭବ'

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ସାମାଜିକ ବିକାଶ ପ୍ରକ୍ରିୟାରେ ନାରୀ ଓ ପୁରୁଷ ଉଭୟ ପରସ୍ପରର ସହଗାମୀ ହେବା ଆବଶ୍ୟକ। ପାରିବାରିକ ସ୍ତରରୁ ଆରମ୍ଭ କରି ଶାସନ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁଠି ଉଭୟଙ୍କ ସମାନ ସହଯୋଗିତା ହିଁ ସମାଜର ପ୍ରକୃତ ପ୍ରଗତି ସାଧନ କରିବ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ମତ ରଖିଛନ୍ତି।





ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ନାରୀ ସ୍ୱାଧୀନତା ଓ ସମାନତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ଅନାମିକା ଅଧିକାରୀ, ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡଙ୍ଗୀ ଏବଂ ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ନାରୀ ସଶକ୍ତିକରଣର ବିଭିନ୍ନ ଦିଗ ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସମେତ ଡ. ଇତିଶ୍ରୀ ସାହୁ, ଅଞ୍ଜନ କୁମାର ସାହୁ, ଡ. ଜ୍ଞାନରଞ୍ଜନ ପଣ୍ଡା ଓ ସୁଶ୍ରୀ ସଂଧାରାଣୀ ମଲ୍ଲିକ ମହିଳା ଦିବସର ଯଥାର୍ଥତା ବିଷୟରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ମିରା ପ୍ରଧାନ ଓ ଅନସୂୟା ପଣ୍ଡା ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା ସଂଯୋଜନା କରିଥିବା ବେଳେ ଡ. ଆଶିଷ ମହାପାତ୍ର ଓ ଡ. ସାରଦା ପ୍ରସାଦ ଦାସ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଶେଷରେ ଜାତୀୟ ସେବା ଯୋଜନା ଶାଖାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପଞ୍ଜୀକରଣ

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା,ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନେଇ ଏକବିଂଶ ବର୍ଷ ପାଇଁ ସଂଭାବନା ପକ୍ଷରୁ ଆରମ୍ଭ ହୋଇଛି ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ପ୍ରକ୍ରିୟା। ଝୋଟି,ମୁରୁଜ,ପିଠା, ପାନଭଙ୍ଗା, ପୁରାଣ ଆବୃତ୍ତି,ପାରମ୍ପରିକ ସଂଗୀତ, ଶଙ୍ଖଫୁଙ୍କା, ହୁଳହୁଳି, ଢଗଢମାଳି, ଓଡ଼ିଆ ଭାଷାଜ୍ଞାନ, ଦଳଗତ ଆଲୋଚନା ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଆୟୋଜିତ ହେଉଥିବା ଏହି ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ ଏକାମ୍ର ହାଟରେ ଶୁଭାରମ୍ଭ ହୋଇଛି। ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭାରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମର ସଫଳତା ମନାସି ଉପସ୍ଥିତ ଓଡ଼ିଆଣୀ ଓ ସଂଭାବନାର କର୍ମକର୍ତ୍ତାମାନେ ଜଗନ୍ନାଥଙ୍କ ପ୍ରସାଦ ସେବନ କରିଥିଲେ। ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଆଜୀବନ ସଭ୍ୟା ରାଜଶ୍ରୀ ଶତପଥୀ, ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ସୌଦାମିନୀ ସାମଲ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଜ୍ୟୋସ୍ନାମୟୀ ସେନାପତିଙ୍କ ସମେତ ଓଡ଼ିଆଣୀ ସମିତିର ସଂପାଦିକା ରେଖା ସାହୁ,ସହ ଶ୍ରେଷ୍ଠ ଓଡ଼ିଆଣୀ ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ବତୀ ମହାନ୍ତି, ଶ୍ୱେତପଦ୍ମା ମିଶ୍ର,ନମିତା ଦାଶ, ପଦ୍ମାଳୟା ଶତପଥି,ବନ୍ଦିତା ଦାସ, ବାସନ୍ତୀ ସାହୁ, ସୁପ୍ରିୟା ମହାନ୍ତି, ମାନସୀ ରାଉତରାୟ,ଜ୍ୟୋସ୍ନା ପାତ୍ର, ଜ୍ୟୋସ୍ନା ମିଶ୍ର, ବିଜୟଲକ୍ଷ୍ମୀ ପତି, ଅସ୍ମିତା ପାଣିଗ୍ରାହୀ, ଛବିଲତା ସେଠୀ ଓ ମମତା ଦାସ ଆଦି ଉପସ୍ଥିତ ଥିଲେ। ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ସହ ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ଚିତ୍ରାଙ୍କନ,ସୁଗମ ସଂଗୀତ, ଓଡ଼ିଶୀ ଓ ଲଘୁନୃତ୍ୟ, ହସ୍ତାକ୍ଷର, ଶ୍ରୁତ ଲିଖନ, ଆବୃତ୍ତି, ବକ୍ତୃତା ଓ ସାଧାରଣ ଜ୍ଞାନ ଆଦିରେ ପାରଦର୍ଶିତା ପ୍ରଦର୍ଶନ ପାଇଁ ୫ରୁ ୧୦ ବର୍ଷ ଓ ୧୧ରୁ ୧୭ ବର୍ଷ ବୟସର ଶିଶୁ ଓ କିଶୋର ପ୍ରତିଯୋଗୀମାନେ ଏଥିରେ ନାମ ପଞ୍ଜୀକରଣ କରି ଅଂଶଗ୍ରହଣ ପାଇଁ ସଂଭାବନା ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରତ୍ୟହ ସଂଧ୍ୟା ୬ଟାଠାରୁ ରାତ୍ର ୮ଟା ପର୍ଯ୍ୟନ୍ତ ଏକାମ୍ର ହାଟଠାରେ ଏହା ଚାଲିବ ବୋଲି କୁହାଯାଇଛି। ସବିଶେଷ ବିବରଣୀ ପାଇଁ ୯୪୩୭୧ ୬୪୪୬୧ରେ ସଂପର୍କ କରିବାକୁ ସଂପାଦକ ଦେବ ପ୍ରସାଦ ପରିଜା ଅନୁରୋଧ କରିଛନ୍ତି।

# ପ୍ରଶଂସା ସାଉଁଟୁଛି ଓଡ଼ିଆ ଚଳଚ୍ଚିତ୍ର 'ଚାରିକାନ୍ଧ'





**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ରିତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା 'ଚାରିକାନ୍ଧ' ବଡ଼ ପରଦାରେ ମୁକ୍ତିଲାଭ କରିବା ପରେ ଦର୍ଶକଙ୍କ ପ୍ରଶଂସା ସାଉଁଟୁଛି। ମାତ୍ର ୩୭ ମିନିଟର ଏହି ସିନେମାର କାହାଣୀ ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଛି। ସାମ୍ପ୍ରତିକ ସାମାଜିକ ସ୍ଥିତିରେ ମଣିଷର ମୃତ୍ୟୁ ପରେ ଶବକୁ ମଶାଣିକୁ ନେବା ପାଇଁ 'ଚାରିକାନ୍ଧ'ର ଯେଉଁ ଅଭାବ ପଡୁଛି, ସେହି ବାସ୍ତବତାକୁ ନେଇ ପ୍ରଯୋଜକ ଅତୀଶ କୁମାର ରାଉତ ଏକ ସୁନ୍ଦର ପ୍ରୟାସ କରିଛନ୍ତି। ହଲ୍‌ରୁ ବାହାରିବା ସମୟରେ ଅନେକ ଦର୍ଶକଙ୍କ ଆଖିରେ ଲୁହ ଓ ଛାତିରେ କୋହ ଦେଖିବାକୁ ମିଳୁଛି।

ବିଶ୍ୱନାଥ ରଥଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଅଭିନେତା ଶକ୍ତି ବରାଳ, ଶତାବ୍ଦୀ ସୂର୍ଯ୍ୟସ୍ନାତା, ସୁଶିଲ ମିଶ୍ର, ଗୌରବ ମହାନ୍ତି, ଶିବାନୀ ଖରା, ପ୍ରଭଞ୍ଜନ ମିଶ୍ର, ଋଦ୍ଧି ପରିଡ଼ା, ସୁରୁଚିକା ମହାପାତ୍ର, ନମିତା ସାହୁ, ନିତ୍ୟାନନ୍ଦ ରାଉତ, ରାଜ ଏସ୍. ପାଢ଼ି, ସୌମ୍ୟ ରଞ୍ଜନ ନାୟକ, ସଂସ୍କୃତି ସ୍ୱାଇଁ, ଏସ୍. ରାଜେନ୍ଦ୍ର ଓ ସୌମ୍ୟ ଆଁ. ଷଡଙ୍ଗୀ ପ୍ରମୁଖ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ୪୬ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ୨୨ରୁ ଅଧିକ ପୁରସ୍କାର ଲାଭ କରି ସାରିଛି। ଜାପାନର ହୋକ୍କାଇଡୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବର 'ମଧ୍ୟମ ଅବଧି ସିନେମା' ବିଭାଗରେ ପ୍ରଦର୍ଶିତ ହୋଇ 'ଚାରିକାନ୍ଧ' ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବ ଆଣିଦେଇଛି। ଏହି ବିଭାଗରେ ମନୋନୀତ ମାତ୍ର ୮ଟି ଚଳଚ୍ଚିତ୍ର ମଧ୍ୟରେ ଭାରତ ପକ୍ଷରୁ ଏହା ଏକମାତ୍ର ସିନେମା ଭାବେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି। ସମାଜର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକୁଟିଆପଣକୁ ନେଇ ନିର୍ମିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ବିଶ୍ୱନାଥ ରଥ ଦେଇଥିବା ବେଳେ ସୁପ୍ରିୟା ରାଉତ ଓ ଅଖିଳ ରାଜୁରକର ଏହାର ସହ-ପ୍ରଯୋଜକ ଅଛନ୍ତି।

## ପ୍ରଦର୍ଶନୀ ପଡ଼ିଆରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ'

# ନୂତନ ଅପରାଧ ଆଇନ୍ ସମ୍ପର୍କରେ ସଚେତନତା

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ରାଜଧାନୀର ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ପ୍ରଦର୍ଶନୀ ପଡ଼ିଆଠାରେ ଓଡ଼ିଶା ପୁଲିସ ପକ୍ଷରୁ ଆୟୋଜିତ 'ନ୍ୟାୟ ସଂହିତା ପ୍ରଦର୍ଶନୀ'ରେ ଆଜି ଏକ ଉତ୍ସାହମୟ ପରିବେଶ ଦେଖିବାକୁ ମିଳିଛି। ଦେଶର ନୂତନ ଅପରାଧ ଆଇନ ସମ୍ବନ୍ଧରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀରେ ବିଭିନ୍ନ ବର୍ଗର ଲୋକଙ୍କ ସମାଗମ ହୋଇଥିଲା। ଆଜି ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଟୋ ଚାଳକ ମହାସଂଘର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଏହି ପ୍ରଦର୍ଶନୀ ବୁଲି ଦେଖିଛନ୍ତି। ପ୍ରଦର୍ଶନୀରେ ଥିବା ଆଧୁନିକ ବୈଦ୍ୟୁତିକ ପ୍ରଦର୍ଶନୀ ଓ ସୂଚନା ଫଳକ ମାଧ୍ୟମରେ ଭାରତର ତିନୋଟି ନୂତନ ଆଇନ - ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ଲୋକମାନଙ୍କୁ ବିସ୍ତୃତ ଭାବେ ବୁଝାଯାଉଛି।

ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ସାଜିଛି 'ଅପରାଧସ୍ଥଳରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ' ସମଗ୍ର ନ୍ୟାୟ ପ୍ରକ୍ରିୟାର ଜୀବନ୍ତ ଚିତ୍ର। ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ପ୍ରଦର୍ଶନୀ କେନ୍ଦ୍ର ମାଧ୍ୟମରେ ଅପରାଧ ସ୍ଥଳ, ୧୧୨ ଜରୁରୀକାଳୀନ ସହାୟତା, ଥାନା କାର୍ଯ୍ୟାଳୟ, ଚିକିତ୍ସାଳୟ ସମନ୍ୱୟ, ନ୍ୟାୟିକ ବିଜ୍ଞାନ ପରୀକ୍ଷାଗାର, ସରକାରୀ ଓକିଲ, ଜିଲ୍ଲା ଅଦାଲତ, କାରାଗାର ଓ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟଶୈଳୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଉଛି। ଏହା ସହିତ ନୂତନ ଆଇନର କାର୍ଯ୍ୟକାରିତା ପାଇଁ ପୁଲିସର ଆଧୁନିକୀକରଣ, ମହିଳା ବିରୋଧୀ ଅପରାଧ ରୋକିବା, ମାଓ ଦମନରେ ସ୍ୱତନ୍ତ୍ର ପରିଚାଳନା ଗୋଷ୍ଠୀର ଭୂମିକା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ଦ୍ରୁତ ବିପର୍ଯ୍ୟୟ ପ୍ରଶମନ ବାହିନୀର ଅବଦାନ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି। ଦେଶର ନୂତନ ଅପରାଧ ଆଇନଗୁଡ଼ିକ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହିତ ଆଧୁନିକ ଓ ନ୍ୟାୟକେନ୍ଦ୍ରିକ ଅପରାଧ ନ୍ୟାୟ ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ହେଉଛି ଏହି ପ୍ରଦର୍ଶନୀର ପ୍ରମୁଖ ଉଦ୍ଦେଶ୍ୟ। ପରିଦର୍ଶକମାନେ ନୂତନ ଆଇନର ବିଭିନ୍ନ ମୂଳ ବିଶେଷତା ସହ ପୁଲିସର ବୈଜ୍ଞାନିକ ତଦନ୍ତ ପ୍ରଣାଳୀ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ମଧ୍ୟ ଅବଗତ ହେଉଛନ୍ତି। ଓଡ଼ିଶା ପୁଲିସ ପକ୍ଷରୁ କୁହାଯାଇଛି ଯେ, ବୈଜ୍ଞାନିକ ତଦନ୍ତ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପୀଡ଼ିତଙ୍କୁ ସଠିକ୍ ସମୟରେ ନ୍ୟାୟ ପ୍ରଦାନ କରିବା ଆମର ସଂକଳ୍ପ। ଏହି ପ୍ରଦର୍ଶନୀ ଆସନ୍ତା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିକରୁ ଅଧିକ ଜନସାଧାରଣ ଏଠାକୁ ଆସି ନିଜର ଆଇନଗତ ଅଧିକାର ଓ ନୂତନ ବ୍ୟବସ୍ଥା ବିଷୟରେ ଜାଣିବା ପାଇଁ ପୁଲିସ ମୁଖ୍ୟାଳୟ ପକ୍ଷରୁ ସମସ୍ତଙ୍କୁ ଆହ୍ୱାନ କରାଯାଇଛି।

# ନାରୀ ଶକ୍ତିର ଜୟଯାତ୍ରା, ସ୍ୱାବଲମ୍ବୀ ହେଉଛି ଓଡ଼ିଶା

ନାରୀ ସଶକ୍ତିକରଣ କେବଳ ଏକ ସାମାଜିକ ଲକ୍ଷ୍ୟ ନୁହେଁ, ବରଂ ଏହା ସ୍ଥାୟୀ ବିକାଶର ମୂଳଦୁଆ ଅଟେ। ଏକ ସମାଜ ପ୍ରକୃତରେ ସେତିକିବେଳେ ପ୍ରଗତି କରେ, ଯେତେବେଳେ ସେଠାକାର ମହିଳାମାନେ ଶିକ୍ଷିତ, ଆତ୍ମବିଶ୍ୱାସୀ, ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭାବରେ ଅଂଶଗ୍ରହଣ କରିବାକୁ ସମର୍ଥ ହୁଅନ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତ ମହିଳାମାନଙ୍କ ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ପ୍ରଗତିଶୀଳ ସରକାରୀ ଆଭିମୁଖ୍ୟ ଏବଂ ଗୋଷ୍ଠୀ-ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା-ନେତୃତ୍ୱାଧୀନ ବିକାଶର ଏକ ସଶକ୍ତ ଉଦାହରଣ ଭାବେ ଉଭା ହୋଇଛି। ଏହି ପରିବର୍ତ୍ତନର କାହାଣୀ କେବଳ ନୀତିଗତ ନୁହେଁ, ବରଂ ଏହା ଲକ୍ଷ ଲକ୍ଷ ମହିଳାଙ୍କ ଅଦମ୍ୟ ସାହସ ଓ ସଂକଳ୍ପର ଗାଥା, ଯେଉଁମାନେ ପାରମ୍ପରିକ ସୀମାକୁ ଅତିକ୍ରମ କରି ଆତ୍ମନିର୍ଭରଶୀଳତାର ଆକାଶକୁ ଛୁଇଁଛନ୍ତି।



**ପ୍ରଭାତୀ ପରିଡ଼ା**
**ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଐତିହାସିକ ଭାବେ ଓଡ଼ିଶାର ମହିଳାମାନେ ସର୍ବଦା ନିଜର ଶକ୍ତି ଓ ସହନଶୀଳତାର ପରିଚୟ ଦେଇ ଆସିଛନ୍ତି। 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ଭାବେ ପରିଚିତ ସଂଗ୍ରାମୀ ପାର୍ବତୀ ଗିରିଙ୍କ ଠାରୁ ଆରମ୍ଭ କରି ଅଗ୍ରଣୀ ଜନନେତ୍ରୀ ସାରଳା ଦେବୀଙ୍କ ପର୍ଯ୍ୟନ୍ତ, ମହିଳାମାନେ ରାଜ୍ୟର ସାମାଜିକ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ବର୍ତ୍ତମାନ ସମୟରେ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରେରଣାଦାୟୀ ଜୀବନଯାତ୍ରା, ଯିଏ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ବାହାରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୋଇଛନ୍ତି, ତାହା ଏକ ଶକ୍ତିଶାଳୀ ବାର୍ତ୍ତା ଦିଏ ଯେ ଦୃଢ଼ ଇଚ୍ଛାଶକ୍ତି ଓ ସୁଯୋଗ ଜଣେ ବ୍ୟକ୍ତିର ଜୀବନକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିପାରେ। ମହିଳାମାନଙ୍କ ଆତ୍ମବିଶ୍ୱାସ ସେତେବେଳେ ବୃଦ୍ଧିପାଏ, ଯେତେବେଳେ ସେମାନଙ୍କ ପାଖରେ ଶିକ୍ଷା, ଆର୍ଥିକ ସ୍ୱାଧୀନତା ଏବଂ ସାମାଜିକ ମାନ୍ୟତା ପହଞ୍ଚିଥାଏ। ପୂର୍ବରୁ ବିଶେଷ କରି ଗ୍ରାମାଞ୍ଚଳରେ ଅନେକ ମହିଳା କେବଳ ଘରୋଇ କାମରେ ସୀମିତ ରହୁଥିଲେ, କିନ୍ତୁ ଆଜି ଓଡ଼ିଶାର ମହିଳାମାନେ ଜଣେ ଜଣେ ସଫଳ ଉଦ୍ୟୋଗୀ, ଗୋଷ୍ଠୀ ନେତ୍ରୀ ଏବଂ ବିକାଶର ସକ୍ରିୟ ସହଭାଗୀ ଭାବେ ଉଭା ହେଉଛନ୍ତି।

ଏହି ରୂପାନ୍ତରଣର ମୂଳରେ ରହିଛି 'ମିଶନ ଶକ୍ତି', ଯାହା ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ କରି ସେମାନଙ୍କ ମଧ୍ୟରେ ଆର୍ଥିକ ସ୍ୱାଧୀନତା ଓ ସାମୂହିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରୁଛି। ଆଜି ଏହି ଆନ୍ଦୋଳନ ରାଜ୍ୟର ପ୍ରାୟ ଛଅ ଲକ୍ଷ ଗୋଷ୍ଠୀ ଏବଂ ପ୍ରାୟ ସତୁରୀ ଲକ୍ଷ ମହିଳାଙ୍କୁ ଯୋଡ଼ିପାରିଛି। ଏହି ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ମହିଳାମାନେ ଅର୍ଥ ସଞ୍ଚୟ କରିବା ସହ ଋଣ ସୁବିଧା ପାଇ ସିଲେଇ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷି ଭଳି ଜୀବିକା ନିର୍ବାହ କାର୍ଯ୍ୟ ଆରମ୍ଭ କରୁଛନ୍ତି। 'ସୁଭଦ୍ରା ଶକ୍ତି କ୍ୟାଫେ', 'ସୁଭଦ୍ରା ଶକ୍ତି ବଜାର' ଏବଂ ରିଟେଲ ମାର୍ଟ ଭଳି ପଦକ୍ଷେପ ଗୁଡ଼ିକ ମହିଳାମାନଙ୍କୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ବଡ଼ ପ୍ଲାଟଫର୍ମ ପ୍ରଦାନ କରିଛି। ଏହା ସହିତ 'ଲକ୍ଷପତି ଦିଦି' ଅଭିଯାନ ଗ୍ରାମାଞ୍ଚଳ ମହିଳାମାନଙ୍କୁ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମାଧ୍ୟମରେ ବାର୍ଷିକ ଅତିକମରେ ଏକ ଲକ୍ଷ ଟଙ୍କା ରୋଜଗାର କରିବାରେ ସହାୟକ ହେଉଛି। ମହିଳାମାନେ ଦୁଗ୍ଧ ଚାଷ, କୁକୁଡ଼ା ପାଳନ, କ୍ଷୁଦ୍ର ବ୍ୟବସାୟ ଏବଂ ଖାଦ୍ୟ ଉଦ୍ୟୋଗ ଭଳି କ୍ଷେତ୍ରରେ ତାଲିମ ଗ୍ରହଣ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି।

ଓଡ଼ିଶା ସରକାର ମହିଳା ଓ କନ୍ୟାମାନଙ୍କ ପାଇଁ ସେମାନଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ସହାୟତା କରିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। 'ସୁଭଦ୍ରା' ଭଳି କାର୍ଯ୍ୟକ୍ରମ ମହିଳାମାନଙ୍କ ଆର୍ଥିକ ନିରାପତ୍ତା ଓ ଜୀବିକାର ସୁଯୋଗକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଗରିବ ପରିବାରର କନ୍ୟାମାନଙ୍କର ସମ୍ମାନଜନକ ବିବାହ ସୁନିଶ୍ଚିତ କରିବାରେ ସହାୟତା କରୁଥିବା ବେଳେ, ପ୍ରସ୍ତାବିତ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳା ଯୋଜନା' କନ୍ୟା ସନ୍ତାନର କଲ୍ୟାଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରୁଛି। ଯେତେବେଳେ ସମାଜର ଅର୍ଦ୍ଧେକ ଅଂଶ ଆତ୍ମବିଶ୍ୱାସର ସହ ପାଦ ବଢ଼ାଏ, ସେତେବେଳେ ପ୍ରଗତିର ଗତି ଅପ୍ରତିହତ ରହେ। ଆଜିର ଓଡ଼ିଶା ସମଗ୍ର ବିଶ୍ୱକୁ ଏହି ବାର୍ତ୍ତା ଦେଉଛି ଯେ, ଯେତେବେଳେ ନାରୀର ଅଭ୍ୟୁଦୟ ହୁଏ, ସେତେବେଳେ ପ୍ରକୃତରେ ସମଗ୍ର ସମାଜ ପ୍ରଗତିର ଶିଖର ଆଡ଼କୁ

ନିତିଦିନ NITIDIN



# କୁମ୍ଭୀର ଆକ୍ରମଣର ସ୍ଥାୟୀ ସମାଧାନ ପାଇଁ ଦାବି



**ରାଜକନିକା,୭।୩/ଏନ୍‌ଏନ୍‌ଏସ୍:** ଜନତାଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବା ଆମର କର୍ତ୍ତବ୍ୟ। ଖରସ୍ରୋତା ନଦୀରେ ବଢୁଥିବା କୁମ୍ଭୀର ଆକ୍ରମଣ ନେଇ ସ୍ଥାନୀୟ ଲୋକମାନେ ଭୟଭିତ ଓ ଆତଙ୍କରେ ଜୀବନ ବିତାଉଛନ୍ତି। ପୂର୍ବରୁ ନଦୀତୁଠ ମାନଙ୍କରେ ହୋଇଥିବା ତାରଜାଲି ଭାଙ୍ଗି ନଷ୍ଟ ହୋଇଯାଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ଏବଂ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ବିଜେପି ଯୁବ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ବନବିଭାଗ ଅଧିକାରୀଙ୍କୁ ଭେଟି ଆବେଦନ ପ୍ରଦାନ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବନବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଭାରତୀୟ ଜନତା ଯୁବମେର୍ଚ୍ଚା ଉପ ସଭାପତି ସନ୍ତୋଷ କର, ରାଜକନିକା ୨୮ ନମ୍ବର ଜୋନ୍ ସାଧାରଣ ସମ୍ପାଦକ ସୁଜିତ ବେହେରା, ଦିଲିପ ସାମଲ, ମାନସ ବେହେରା, ମୁକେସ ବେହେରା, ବିବେକାନନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା,୭।୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ପବିତ୍ର ମୋହନ ବାରିକ




ସଭାପତିତ୍ୱ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଶୃଙ୍ଖଳା, ଲକ୍ଷ୍ୟ ଓ ସମର୍ପଣଭାବ ସହିତ ଅଧ୍ୟୟନ କରିବା ସହ ଗୁରୁଙ୍କ ଉପଦେଶକୁ ଜୀବନରେ ଅନୁସରଣ କରିପାରିଲେ ସେମାନେ ଜୀବନରେ ସଫଳ ହେବା ସହ ଜିଲ୍ଲା ଓ ରାଜ୍ୟର ଗର୍ବ ଓ ଗୌରବ ହୋଇପାରିବେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସଠିକ୍ ପଥ ପ୍ରଦର୍ଶନ କରିପାରିଲେ ଆମ ଜିଲ୍ଲା ଓ ରାଜ୍ୟର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେମାନେ ମତପ୍ରକାଶ କରିଥିଲେ। ସେହିପରି ଶିକ୍ଷାର ଭିତ୍ତିଭୂମି ସୁଦୃଢ ହେଲେ ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶ ହୋଇପାରିବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ପିଏମଶ୍ରୀ ଉତ୍ସବ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିବାରୁ ଆୟୋଜକମାନଙ୍କୁ ଏବଂ ରାଜ୍ୟ ସରକାରଙ୍କୁ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ପାଇଁ ବିଭିନ୍ନ ପିଏମଶ୍ରୀ ବିଦ୍ୟାଳୟକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ, ପିଏମଶ୍ରୀ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣ



**ଧର୍ମଶାଳା,୭।୩/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ ଜାରକା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେଏବିଇଓ ମମିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ନିବେଦିତା ପରିଡ଼ା,ଏସ୍‌ଏମ୍‌ସି ସଭାପତି ପ୍ରଦୀପ କୁମାର ସେଠୀ, ସଦସ୍ୟ ଦିଲ୍ଲୀପ କୁମାର ବିଶ୍ୱାଳ ଓ ପୁରାତନ ଛାତ୍ରସଂସଦ ସଭାପତି ତାରିଣୀ ମୋହନ ବିଶ୍ୱାଳ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀ ସ୍ୱାତି ସଙ୍ଗୀତା ବାରିକ, ଚିନ୍ମୟୀ ଭୂୟାଁ, ଯସ୍ମିନ୍ ସାମଲ, କୃତାର୍ଥା ମିଶ୍ର, ହରପ୍ରିୟା ବାରିକ, ଦେବାଶିଷ ନାଥ, ଶ୍ରୁତିଶ୍ରୀ ବାରିକ, ସ୍ୱୟଂଆଶିଷ ମହାପାତ୍ର, ସ୍ନେହା ସୁମନ ସିଂହ,ସ୍ୱର୍ଣ୍ଣପ୍ରିୟା ସାହୁଙ୍କ ସମେତ ପଞ୍ଚମ ଶ୍ରେଣୀରେ ବୃତି ପାଇଥିବା ଛାତ୍ରୀ ଶୁଭଲକ୍ଷ୍ମୀ ସେଠୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ନର୍ମଦା ବେହେରା, କୁମୁଦିନୀ ପାଢ଼ୀ, ସୁଜାତା ସାହୁ, ଏସ୍‌ଏମ୍‌ସି ସଦସ୍ୟା ଗୀତାଞ୍ଜଳି ବାରିକ ଓ ସୟଦ୍ ଗୁଲାମ୍ ମୁସ୍ତାଫା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ରାଉତ ଧନ୍ୟବାଦ ଦେଇଥିଲେ।

# ଖୁବ୍‌ଶୀଘ୍ର ନିର୍ମାଣ ହେବ ଶବଦାହ ପାଇଁ ସୌର ବିଦ୍ୟୁତ୍ ଚୁଲା ଓ ଅଟଳବିହାରୀ ପାର୍କ

**ଜଗତ୍‌ସିଂହପୁର,୭।୩/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ କଲେଜ ଛକ ଠାରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିଥିବା ଅଟଳ ବିହାରୀ ବାଜପେୟୀ ପାର୍କର ସମ୍ପୂର୍ଣ୍ଣିକରଣ ଓ ଶବଦାହ ନିମନ୍ତେ ସୋଲାରରୁ ଉତ୍ପର୍ଣ୍ଣ ବିଦ୍ୟୁତ୍ ଚୁଲା ନିର୍ମାଣ ଖୁବ୍‌ଶୀଘ୍ର ନିର୍ମାଣ ଶେଷ ହେବ। ଏହି ବିକାଶ କାର୍ଯ୍ୟ ଲାଗି ଆବଶ୍ୟକୀୟ ଅର୍ଥ ମଧ୍ୟ ଅନୁମୋଦନ କରା ଯାଇଥିବା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଛନ୍ତି। ପାର୍କ ସମ୍ପୂର୍ଣ୍ଣକରଣ ନିମନ୍ତେ ୧କୋଟି ଟଙ୍କା ଓ ଶବଦାହ ସୋଲାର ବିଦ୍ୟୁତ୍ ଚୁଲା ନିମନ୍ତେ ୫୦ଲକ୍ଷ ଟଙ୍କା ବିଧାୟକ ଶ୍ରୀ ଦାସଙ୍କ ପ୍ରଚେଷ୍ଟାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀ ସହରୀ କରଣ ଯୋଜନାରେ ଅର୍ଥ ମଞ୍ଜୁର କରିଛନ୍ତି। ଏହି ଅର୍ଥ ମଞ୍ଜୁର ହେବାପରେ ଶନିବାର ଜଗତସିଂହପୁର ବିଧାୟକ ଉକ୍ତସ୍ଥାନ ପରିଦର୍ଶନ କରି ଅନୁଧ୍ୟାନ କରିବା ସହିତ ସଠିକ୍ ମାର୍ଗରେ ବିକାଶର ଅର୍ଥକୁ ବିନିଯୋଗ କରି ଖୁବ୍‌ଶୀଘ୍ର ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ, ଏକ ସପ୍ତାହ ପୂର୍ବରୁ କଲେଜ୍ ଛକ ସ୍ଥିତ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିଥିବା ଅଟଳବିହାରୀ ବାଜ୍‌ପେୟୀ ପାର୍କର ନବୀକରଣ ନିମନ୍ତେ ଜଗତସିଂହପୁର ବିଧାୟକ ଶ୍ରୀ ଦାସ ଉଦ୍ୟମ କରିଥିଲେ। ଏଥି ସହିତ ଉକ୍ତ ସ୍ଥାନରେ ଜନ ସାଧାରଣଙ୍କ ଅତି ଆବଶ୍ୟକ ଥିବା ଶବଦାହ ନିମନ୍ତେ ବିଦ୍ୟୁତ୍ ଚୂଲା ନିର୍ମାଣ ପାଇଁ ଉଦ୍ୟମ କରି ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କୁ ଚିଠି ଲେଖି ଜଣାଇ ଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ବିଧାୟକଙ୍କ ଅନୁରୋଧ ରକ୍ଷା କରି ୨ଟି ବିକାଶ ମୂଳକ ପ୍ରକଳ୍ପ ନିମନ୍ତେ ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାରେ ୧କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

# ଫିଟ୍‌ନେସ୍ ସାର୍ଟିଫିକେଟ ପାଇଁ ଡାକ୍ତରଙ୍କ ଦଲାଲ୍ ସାଜିଛି କ୍ଲିନିକ୍

**ପାରାଦୀପ,୭।୩/ଏନ୍‌ଏନ୍‌ଏସ୍:** ଡାକ୍ତରଙ୍କ ଦଲାଲ ସାଜିଛି କ୍ଲିନିକ୍। ଡାକ୍ତରଙ୍କ ପକେଟ୍ ଗରମ କରିବାକୁ ଏହି କ୍ଲିନିକ୍ ମୁଖ୍ୟ ଆୟୁଦ୍ଧ ପାଲଟିଥିବା ବେଳେ ଖୁଲମଖୁଲା ପାରାଦୀପର ବିଭିନ୍ନ ଶିଳ୍ପ ମାନଙ୍କରେ ନିଯୁକ୍ତି କରିବାକୁ ଆସୁଥିବା ବାହାର ରାଜ୍ୟର ଲୋକମାନଙ୍କୁ ଯୋଗାଯାଉଛି ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍। ଯାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କେଉଁଠୁ କିଏ କଣ ପାଇଁ ଆସୁଛି, କାହାର କଣ ରୋଗ ଅଛି କିଛି ବୁଝିବାର ନାହିଁ। ଆଧାର କାର୍ଡ, ଭୋଟରକାର୍ଡ ସହିତ ଟଙ୍କା ଦିଅ, ସନ୍ଧ୍ୟାକୁ ଆସି ଫିଟ୍‌ନେସ୍ ସାର୍ଟିଫିକେଟ ନେଇଯାଅ। ଏହିଭଳି ଏକ ବିରାଟ ରାକେଟ ଚାଲିଛି ଅଠରବାଙ୍କୀ ଅଞ୍ଚଳରେ ଦେଖିବାକୁ ମିଳିଛି। ବିଜୁ ମେମୋରିଆଲ ହସ୍ପିଟାଲ୍‌କୁ ମେଡିକାଲ୍




ଫିଟ୍‌ନେସ୍ ପାଇଁ ଆସିଲେ ଲମ୍ବା ଧାଡିରେ ଠିଆ ହୋଇ ଆବଶ୍ୟକ କାଗଜପତ୍ର ଦେବାପାଇଁ ପଡୁଛି। ହେଲେ ଏହି ପ୍ରାଇଭେଟ କ୍ଲିନିକ୍‌ରେ କିଛି କାଗଜପତ୍ରର ଆବଶ୍ୟକ ପଡୁନାହିଁ। ଆଧାରକାର୍ଡ ଦେଲେ ହୋଇଗଲା ଫିଟ୍‌ନେସ୍ ସାର୍ଟିଫିକେଟ। ଟଙ୍କା ଦିଅ, ତୁମ କାମ ହୋଇଯିବ। ପାରାଦୀପରେ ଶିଳ୍ପ ବଢୁଥିବାରୁ ବାହାର ଜିଲ୍ଲା ସହିତ ବିଭିନ୍ନ ରାଜ୍ୟରୁ ଶ୍ରମିକମାନେ ପାରାଦୀପରେ କାମ କରିବାକୁ ଆସୁଛନ୍ତି। ଏମାନଙ୍କୁ ଡିୟୁଟି କରିବାକୁ ହେଲେ ସୁରକ୍ଷା ଦୃଷ୍ଟିରୁ ମେଡିକାଲ ଫିଟ୍‌ନେସ୍‌ର ପ୍ରମାଣ ପତ୍ର ଅର୍ନିବାର୍ଯ୍ୟ ହୋଇପଡୁଥିବା ବେଳେ ଏହି ଶ୍ରମିକମାନଙ୍କୁ ଆଣୁଥିବା ଠିକାଦାରମାନେ ମେଡିକାଲ୍‌ରେ ଲାଇନ ଲଗାଇବା ପରିବର୍ତ୍ତେ ଏହି କ୍ଲିନିକ ମାନଙ୍କରେ ଚାରି ଶହରୁ ପାଞ୍ଚ ଶହ ଟଙ୍କା ଦେଇ ମେଡିକାଲ୍ ଫିଟ୍‌ନେସ୍ ପାଇଯାଉଛନ୍ତି। ଯାହା ଫଳରେ ବିଭିନ୍ନ ସମୟରେ ଏହି କ୍ଲିନିକ୍‌ଗୁଡିକ ସାମ୍ନାରେ ଲମ୍ବାଧାଡି ଲାଗୁଥିବା ଦେଖିବାକୁ ମିଳିଛି। ଏହି ରୋଜଗାରର ଅଧା ବିଜୁ ମେମୋରିଆଲ ହସ୍ପିଟାଲରେ ରହିଥିବା କିଛି ହାତଗଣତି ଡାକ୍ତର ବେଶ ସୁବିଧାରେ ନିଜର ପକେଟ ଗରମ କରୁଛନ୍ତି। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଜଣେ ଶ୍ରମିକକୁ ବିନା ଡାକ୍ତରୀ ପରୀକ୍ଷାରେ ସାର୍ଟିଫିକେଟ ପ୍ରଦାନ କରାଯାଉଥିବା ବେଳେ ଯଦି କୌଣସି ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତି ଏହିଭଳି ଫିଟନେସ ସାର୍ଟିଫିକେଟ ନେଇ କାର୍ଯ୍ୟାସ୍ଥଳୀରେ ଯଦି କିଛି ଦୁର୍ଘଟଣା ବଶତଃ ମୃତ୍ୟୁବରଣ କରେ ତେବେ ଏଥିପ୍ରତି ଉକ୍ତ ଶିଳ୍ପସଂସ୍ଥାକୁ ଦାୟୀ କରିବା ସହିତ ଧାରଣା, ବିକ୍ଷୋଭ କରିବାକୁ ପଛାଉନାହାନ୍ତି। ତେଣୁ ଅଠରବାଙ୍କୀରେ ଚାଲୁଥିବା ଏହିଭଳି ବେଆଇନ ଫିଟନେସ ସାର୍ଟିଫିକେଟ ତିଆରି କରୁଥିବା କ୍ଲିନିକ୍‌ଗୁଡିକ ଉପରେ ସ୍ଥାନୀୟ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ପ୍ରଶାସନ ଏମାନଙ୍କୁ ଚିହ୍ନଟ କରି ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ପ୍ରହସନ ପାଲଟିଛି ଉପଖଣ୍ଡ ବସନ୍ତ ମହୋତ୍ସବ

**କାମାକ୍ଷାନଗର,୭।୩/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହର ସ୍ଥିତ ସାରଙ୍ଗଧର ଷ୍ଟାଡିୟମ ଠାରେ ଆରମ୍ଭ ହୋଇଛି ଉପଖଣ୍ଡ ବସନ୍ତ ମହୋତ୍ସବ। ଚଳିତ ମାସ ୬ରୁ ୧୦ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ। ମାତ୍ର ଗତକାଲି ମହୋତ୍ସବ ଆରମ୍ଭ ହେଉ ହେଉ ଦେଖାଗଲାଣି ଘୋର ଅବ୍ୟବସ୍ଥା। କାମାକ୍ଷାନଗର ଉପଖଣ୍ଡ ପ୍ରଶାସନ ତରଫରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା ବେଳେ ଏଠି କିନ୍ତୁ ଚିତ୍ର ଅଲଗା। ଦଳୀୟ କର୍ମୀଙ୍କ ଦବ୍‌ଦବାରେ ଅଣନିଶ୍ୱାସୀ ହୋଇଛନ୍ତି ଉପଖଣ୍ଡର ସମସ୍ତ ପ୍ରଶାସନିକ ଅଧିକାରୀ। ଅତିଥି ତାଲିକା ଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆସୁଥିବା ସେଲିବ୍ରିଟିମାନଙ୍କ ତାଲିକା ପ୍ରସ୍ତୁତ କରୁଛନ୍ତି ଦଳୀୟ କର୍ମୀ। ଏପରିକି ପୂର୍ବରୁ ଆୟୋଜିତ ହୋଇଥିବା କାମାକ୍ଷାନଗର ମହୋତ୍ସବରେ ଉପଖଣ୍ଡର ଚାରୋଟି ବ୍ଲକ୍‌ର ଅଧ୍ୟକ୍ଷ, ଅଧ୍ୟକ୍ଷା, ବିଡିଓ ଓ ତହସିଲଦାର ପ୍ରମୁଖଙ୍କୁ ପ୍ରତ୍ୟେକ ଦିନ ଅତିଥି ଭାବେ ମଞ୍ଚାସୀନ କରାଯାଉଥିବା ବେଳେ ଚଳିତ ବର୍ଷ ମହୋତ୍ସବରେ କୌଣସି ବ୍ଲକ୍‌ର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ଅତିଥି ଭାବେ ମଞ୍ଚକୁ ଡକାଯାଇ ନାହିଁ। ବରଂ ଯେଉଁମାନେ ଆଗଧାଡିର ଦଳୀୟ କର୍ମୀ ସେମାନେ ମଞ୍ଚ ଉପରେ ବସୁଥିବା ଦେଖାଯାଇଛି। ଯାହାକୁ ନେଇ ବିଭିନ୍ନ ବ୍ଲକ୍‌ର ଅଧ୍ୟକ୍ଷ ଓ ଅଧ୍ୟକ୍ଷା କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବହୁ ବିଳମ୍ବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେଉଥିବା ବେଳେ ଯେଉଁ ଅଳ୍ପସଂଖ୍ୟକ ଦର୍ଶକ ମହୋତ୍ସବକୁ ଉପଭୋଗ କରିବା ପାଇଁ ଆସୁଛନ୍ତି ସେମାନେ ନିରାଶ ହୋଇ ଫେରି ଯାଉଛନ୍ତି। ଯାହା ଫଳରେ ମହୋତ୍ସବ ପଡିଆ ସମ୍ପୂର୍ଣ୍ଣ ଫାଙ୍କା ରହୁଥିବା ଦେଖାଯାଉଛି। ଚଳିତ ମହୋତ୍ସବ ପରିଚାଳନାରେ ଯାବତୀୟ ତ୍ରୁଟି ପରିଲିକ୍ଷିତ ହେଉଥିବା ବେଳେ ଏହାକୁ ନେଇ ସାଧାରଣ ଲୋକେ ନାପସନ୍ଦ କରିଛନ୍ତି। ଲୋକଙ୍କ ଟଙ୍କାକୁ କାମାକ୍ଷାନଗର ପ୍ରଶାସନ ବେଦାୟିତ୍ୱ ଭାବେ ଖର୍ଚ୍ଚ କରୁଥିବା ବେଳେ ମହୋତ୍ସବ ଆୟୋଜନକୁ ନେଇ ସରକାରୀ ଦଳୀୟ କର୍ମୀଙ୍କ ଦବ୍‌ଦବା ଫଳରେ ବିଭିନ୍ନ ବ୍ୟତିକ୍ରମ ହେଉଥିବା ସାଧାରଣ ଲୋକ ଆଲୋଚନା କରୁଛନ୍ତି। ପୂର୍ବ ମହୋତ୍ସବରେ ପ୍ରୋଟୋକଲ ଅନୁଯାୟୀ ଏନ୍‌ଏସି ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି କାଉନସିଲର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବ୍ଲକ୍‌ର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ପ୍ରଶାସନ ତରଫରୁ ନିମନ୍ତ୍ରଣ ମିଳୁଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଯାହାକୁ ନେଇ ବିଭିନ୍ନ ଜନ ପ୍ରତିନିଧିମାନେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ଔଷଧ ବିକଳରେ ତାଟିଆ କାମୁଡିବା ଭଳି ମହୋତ୍ସବ ଆୟୋଜନ ହେଉଥିବା ବେଳେ ଏହି ମହୋତ୍ସବ କାମାକ୍ଷାନଗରର ଗୌରବ ନଷ୍ଟ କରୁଥିବା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଠିକାଦାର ସଂଘ ପକ୍ଷରୁ ଦାବିପତ୍ର




**ଯାଜପୁର,୭।୩/ଏନ୍‌ଏନ୍‌ଏସ୍:** ରାଜ୍ୟବ୍ୟାପୀ ଠିକାଦାର ସଂଘର ଆନ୍ଦୋଳନ ଆଜିକୁ ପ୍ରାୟ ତିନି ସପ୍ତାହ ହୋଇଗଲାଣି। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାରଙ୍କର ନିଦ ଭାଙ୍ଗୁନି। ୮ ଦଫା ଦାବି ନେଇ ଆନ୍ଦୋଳନ କରିଥିବା ଠିକାଦାର ସଂଘ ଗୁରୁବାର ଯାଜପୁର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ରାଜ୍ୟର ଉପସଭାପତି ଏବଂ ଜିଲ୍ଲାର ସଭାପତି ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ପ୍ରାୟ ବହୁ ସଂଖ୍ୟକ ଠିକାଦାର, ସୌମ୍ୟ ସାମଲ, ଚିନ୍ମୟ ତ୍ରିପାଠୀ, ସିଦ୍ଧାର୍ଥ ସାମଲ, ଶରତ ସାହୁ, ଦିଲ୍ଲୀପ ଜେନା, କେଦାର ରାଉତ, ବିଜୟ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଠିକାଦାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ।

# ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା,୭।୩/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହ ଭୁବନେଶ୍ୱର ଇଡ୍‌କୋ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ କେନ୍ଦ୍ରାପଡ଼ାର ସାଇବର୍ ଏବଂ ଅର୍ଥନୈତିକ ଅପରାଧ ଥାନାର ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା ଉପଖଣ୍ଡ ଆରକ୍ଷୀ କାର୍ଯ୍ୟାଳୟ ପରିସରରେ ଏହି ଥାନା କାର୍ଯ୍ୟକାରୀ ହେବ। ଏହି ଅବସରରେ କେନ୍ଦ୍ରାପଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ରିଜର୍ଭ ଇନିସ୍ପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଓ ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ସମେତ ପୁଲିସ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ, ଏହି ଅବସରରେ ଶ୍ରୀ ଶାହ କେନ୍ଦ୍ରାପଡ଼ା




ଜିଲ୍ଲାର ନୂତନ ଭାବେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଏବଂ କରୁଆ ଥାନାର ମଧ୍ୟ ଉଦ୍‌ଘାଟନ କରିଥିଲେ। ଆଭାସୀ ମାଧ୍ୟମରେ ଶ୍ରୀ ଶାହା ୩୨୭୫ କୋଟି ଟଙ୍କା ବ୍ୟୟରେ ୧୯୯ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିଥିଲେ। ସେ କହିଥିଲେ ଯେ ୨୦୨୭ ସୁଦ୍ଧା ଓଡ଼ିଶା ସହିତ ଦେଶର ଅନ୍ୟାନ୍ୟ ରାଜ୍ୟକୁ ନକ୍ସଲ ମୁକ୍ତ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଏହା ସହିତ ସମବାୟ ପୋର୍ଟାଲ, ଅତିରିକ୍ତ ୧୪୧ଟି ଧାନ ମଣ୍ଡୀ, ପ୍ୟାକ୍ସରେ ଜନସେବାକେନ୍ଦ୍ର, ନୂତନ ଡେୟରୀ ଫାର୍ମ, ୨୦ଟି ସାଇବର ଥାନା ଓ ୨୪ଟି ପୁଲିସ ଷ୍ଟେସନ ସମେତ ଅନେକ ପ୍ରକଳ୍ପର ମଧ୍ୟ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ନୂତନ ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ମାଧ୍ୟମରେ ସାଇବର୍ ଅପରାଧ ଓ ଅର୍ଥନୈତିକ ଠକେଇ ସମ୍ପର୍କିତ ମାମଲାର ତଦନ୍ତକୁ ଆହୁରି ସୁଦୃଢ଼ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନାମିଳିଛି।

# ନୂତନ ଥାନା ଉଦ୍‌ଘାଟିତ




**ନାଉଗାଁ,୭।୩/ଏନ୍‌ଏନ୍‌ଏସ୍:** ଅଭାସୀ ମାଧ୍ୟମରେ ନାଉଗାଁ ନୂତନ ନବୀକରଣ ଥାନା ଗୃହର ଶୁଭ ଉଦ୍‌ଘାଟନ କଲେ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ। ଗତକାଲି ଅପରାହ୍ନରେ ଭୁବନେଶ୍ୱର ୟୁନିଟ-୩ ଇଡ୍‌କୋ ପଦର୍ଶନୀ ପଡିଆରେ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ କରକମଳରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ। ଏହି ପରିପେକ୍ଷୀରେ ୨୪ଟି ନୂତନ ଥାନା ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ହୋଇଥିବାବେଳେ,ନାଉଗାଁ ଥାନାର ନୂତନ ନବୀକରଣ ଗୃହ ମଧ୍ୟ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ନାଉଗାଁ ଥାନା ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ତାଙ୍କ ସହିତ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା,ନାଉଗାଁ ବ୍ଲକ୍ ଉପାଧ୍ୟକ୍ଷ ସୁଜିତ ପୁହାଁଣ, ବିଜେପିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ନାଥ ବିଶ୍ୱାଳ ଓ ନାଉଗାଁ ବ୍ଲକ୍‌ର ସମସ୍ତ ଜନ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିବାର ଦେଖାଯାଇଛି।

# ମୋକିମ୍‌ଙ୍କ ନୂଆ ଦଳ ଗଠନକୁ ନେଇ ଆଲୋଚନା

**ଯାଜପୁର,୭।୩/ଏନ୍‌ଏନ୍‌ଏସ୍:** କଂଗ୍ରେସରୁ ଦୂରେଇ ଯାଇ କଂଗ୍ରେସ ନାଁକୁ ଯୋଡି ନୂଆ ଆଞ୍ଚଳିକ ଦଳ ନୂଆ ଦଳ ଗଠନ କରିବାକୁ ଯାଉଛନ୍ତି କଟକ ବାରବାଟୀ ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ଏହି ପରିପ୍ରେକ୍ଷୀରେ ଯାଜପୁରରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ରାଜ୍ୟ ରାଜନୀତିରେ ଚର୍ଚ୍ଚା ବଢ଼ାଇଥିବା ଯାଜପୁର ବୈଠକକୁ ନେଇ ପୁଣି ହଲଚଲ ଆରମ୍ଭ ହୋଇଯାଇଛି। ବିଗତ ଦିନରେ କଂଗ୍ରେସକୁ ବାଏ ବାଏ କହିଥିବା ରାଜ୍ୟର ଟାଣୁଆ ନେତାଙ୍କ ଯାଜପୁରରେ ବୈଠକକୁ ନେଇ ରାଜ୍ୟ ରାଜନୀତିରେ ଚହଳ ପକାଇଥିଲା। ଏବେ ପୁଣିଥରେ ଯାଜପୁରରେ ବୈଠକ ହୋଇଛି। ବରିଷ୍ଠ ନେତା ଦେବେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଛି। ବରିଷ୍ଠ ନେତା ବିଦ୍ୟାଧର ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଆଗକୁ ଜିଲ୍ଲାସ୍ତରୀୟ ବୈଠକ ନେଇ ଏଥିରେ ଆଲୋଚନା ହୋଇଥିଲା। ଏହି ବୈଠକରେ କଂଗ୍ରେସକୁ ବାଏ ବାଏ କରିଥିବା ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମୋକିମଙ୍କ ଅନୁଗତ ଓ ସମର୍ଥନରେ ବାହାରିଥିବା ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ। ବରିଷ୍ଠ ନେତାଙ୍କ ମଧ୍ୟରେ ନରେଶ ମହାନ୍ତି, ବିଜୟ କୁମାର ବୋଇତେଇ, ପ୍ରଫୁଲ୍ଲ ଦାସ, ଅଶୋକ ମହାନ୍ତି, ଭଗବାନ ସାହୁ,



ସଂଗ୍ରାମ କେଶରୀ କର, ସୂର୍ଯ୍ୟକାନ୍ତ ସାମଲ, ଶ୍ରୀକାନ୍ତ କୁମାର, ଦୁର୍ଗା ଚରଣ ବାରିକ, ପ୍ରଶାନ୍ତ କୁମାର ସାହୁ, ବିଦ୍ୟାଧର ମହାନ୍ତି, ଦେବେନ୍ଦ୍ର କୁମାର ପଣ୍ଡା, ଜଗନ ଜେନା, ଭବାନୀ ସିଂଦେଓ, ସୁରେନ୍ଦ୍ର ପାତ୍ର, ବିଜୟ କୁମାର ଦାସ, ବାବନ ମାଲିକ, ଦିଲୀପ କୁମାର ରାୟ, ପ୍ରଦୀପ କୁମାର ଧଳ, ସୁରେଶ ସାହାଣୀ, ସଞ୍ଜୟ କୁମାର ରାୟ, ବିଦ୍ୟାଧର ଜେନା, ରାକେଶ କୁମାର ଓ ନିରଞ୍ଜନ ପରିଡା ପ୍ରମୁଖ ସାମିଲ୍ ହୋଇଥିଲେ। ଆଗମୀ ଦିନରେ ନୂଆଦଳ ଗଠନ ଦିଗରେ ରଣନୀତି ନିର୍ଦ୍ଧାରଣ କରିଥିଲେ ବରିଷ୍ଠ ନେତୃବୃନ୍ଦ।

# ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା



**ପରଜଙ୍ଗ,୭।୩/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଡ଼ମୋଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆଡଇଲା ସାହିରେ ଭୟାବହ ଅଗ୍ନିକାଣ୍ଡରେ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ପ୍ରକାଶ, ଆଜି ହଠାତ୍ କୌଣସି କାରଣରୁ ଦୟାନିଧି ବେହେରା (୭୮)ଙ୍କ ଘରେ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ଭୟଙ୍କର ରୂପ ଧାରଣ କରିଥିଲା। ଯାହା ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ଓ ଧନ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକମାନେକଙ୍କ ଠାରୁ ଖବରପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ବିପତ୍ତିରୁ ଅନ୍ୟ ଘରଗୁଡ଼ିକ ରକ୍ଷା ପାଇଛି। ଗ୍ରାମ ପଞ୍ଚାୟତ ସରପଞ୍ଚ ସୁନିଲ କୁମାର ଧଳ ଓ ସରାଙ୍ଗ ରାଜସ୍ୱ ନୀରିକ୍ଷକ କୃଷ୍ଣଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ପରିବାରର ମୁଖ୍ୟ ନମନ୍ ବେହେରା (୪୫) ପିତା ଦୟାନିଧି ବେହେରା କହିଛନ୍ତି ଯେ, ସେମାନଙ୍କ ପାଖରେ ଏବେ ଖାଇବାକୁ ଓ ପିନ୍ଧିବାକୁ ଖଣ୍ଡିଏ ବସ୍ତ୍ର ମଧ୍ୟ ବାକି ନାହିଁ। ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଛି। ଗରିବ ନିରୀହ ପରିବାରକୁ ସ୍ଥାନୀୟ ପ୍ରଶାସନ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ତଥା ପରିବାର ପକ୍ଷରୁ ଅନୁରୋଧ କରିଛନ୍ତି।

# ତୁଳସୀ ମହିଳା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷାଙ୍କ ଯୋଗଦାନ

**କେନ୍ଦ୍ରାପଡ଼ା,୭।୩/ଏନ୍‌ଏନ୍‌ଏସ୍:** ତୁଳସୀ ମହିଳା ମହାବିଦ୍ୟାଳୟରେ ଆଜି ବରିଷ୍ଠ ପ୍ରଫେସର ଡ. ବାସନ୍ତୀ ଶୁକ୍ଳା ନୂତନ ଅଧ୍ୟକ୍ଷା ଭାବେ ଯୋଗ ଦେଇଛନ୍ତି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଇଂରାଜୀ ବିଭାଗ ଅଧ୍ୟାପକ ତପନ କୁମାର ଦାସଙ୍କ ଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷା ଡ. ଶୁକ୍ଳାଙ୍କୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଡ. ଶୁକ୍ଳା କହିଲେ ଶିକ୍ଷାନୁଷ୍ଠାନକୁ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇବା ପାଇଁ ହେଲେ ଉନ୍ନତମାନର ପାଠପଢା ସହ ସୁଶାସନ, ସ୍ୱଚ୍ଛତା ଓ ମହିଳାଶସକ୍ତିକରଣ ଉପରେ ଗୁରୁତ୍ୱ ଦେବାକୁ ପଡିବ। ଏଥିସହିତ ଡ. ଶୁକ୍ଳା ଛାତ୍ରୀମାନଙ୍କ ଶିକ୍ଷାଦାନ ଓ ବୌଦ୍ଧିକ ଅଭିବୃଦ୍ଧି କ୍ଷେତ୍ରରେ



ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମହାବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ କଲେଜ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସେ ସାକ୍ଷାତ କରିଥିଲେ। ପ୍ରଫେସର ଡ. ଶୁକ୍ଳା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ସେ ଏଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ଅତ୍ୟନ୍ତ ନିଷ୍ଠାର ସହ ତାଙ୍କ ଦାୟିତ୍ୱ ନିର୍ବାହ କରିଥିଲେ।

NITIDIN
ନିତିଦିନ
ରବିବାର, ୮ ମାର୍ଚ୍ଚ ୨୦୨୬

ନିତି ଭାରତୀ

ମହିଳାମାନଙ୍କୁ ଅବଳା ଦୁର୍ବଳା କହିବା ନିନ୍ଦନୀୟ, ଏହା ମହିଳାମାନଙ୍କ ପ୍ରତି ପୁରୁଷମାନଙ୍କର ଅବିଚାର। ଶାରୀରିକ ସାମର୍ଥ୍ୟକୁ ଯଦି ନୈତିକ ବଳ ବୋଲି କୁହାଯାଏ, ତା'ହେଲେ ସେ ଦୃଷ୍ଟିରୁ ମହିଳାମାନେ ପୁରୁଷମାନଙ୍କଠାରୁ ଢେର୍ ଆଗରେ। - **ମହାତ୍ମା ଗାନ୍ଧୀ**

# ବଢୁଛି ନାରୀ ନିର୍ଯାତନା: ନ୍ୟାୟ ଦେବ କିଏ ?

ସ୍ୱାଧୀନ ଭାରତର ଆଇନ ଶୃଙ୍ଖଳା ବ୍ୟବସ୍ଥା ଏତେ ଉନ୍ନତ ମାନର ହେବ ଏବଂ ଲୋକେ ଏତେ ଶୃଙ୍ଖଳିତ ଓ ସଂସ୍କୃତିସଂପନ୍ନ ହେବେ ଯେ ରାତି ଅଧରେ ବି ଜଣେ ଯୁବତୀ କୌଣସି ସ୍ଥାନରୁ ନିରାପଦରେ ଫେରି ଆସି ପାରିବ- ଏହା ଥିଲା ସ୍ୱାଧୀନତା ସଂଗ୍ରାମ କାଳର ଅନେକ ପ୍ରତିଶ୍ରୁତି ମଧ୍ୟରୁ ଗୋଟିଏ। ତେବେ ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷରେ ଆମେ ଏଭଳି ସ୍ଥିତିରେ ପହଞ୍ଚିଛୁ, ଯେଉଁଠି ରାତି ତ ଦୂରର କଥା, ଦିନ ଦ୍ୱିପ୍ରହରରେ, ଏମିତିକି ଘରେ, ଶିକ୍ଷାନୁଷ୍ଠାନରେ ଓ ସର୍ବସାଧାରଣ ସ୍ଥାନରେ ନାରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସମ୍ବିଧାନ ପ୍ରଦତ୍ତ ବଞ୍ଚିବାର ଅଧିକାର ଓ ସମାନତାର ଅଧିକାରକୁ ସତେ ଯେଭଳି ତିଳ ତିଳ କରି ହତ୍ୟା କରାଯାଉଥିବା ବେଳେ ଆମ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ମୂକ ଦର୍ଶକ ସାଜିଛନ୍ତି।

କେଉଁଠି ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ କରୁଛନ୍ତି ତ ଆଉ କେଉଁଠି ପିଲାମାନେ ଆତ୍ମହତ୍ୟା କରୁଛନ୍ତି। ଏଭଳି ଖରାପ ସମ୍ବାଦ ପ୍ରାୟତଃ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। କେବଳ ଓଡ଼ିଶାରେ କାହିଁକି, ସାରା ଦେଶରେ ନାରୀମାନଙ୍କ ନିରାପତ୍ତା ଘେନି ସ୍ୱର ଉଠୁଥିବା ବେଳେ ସେମାନଙ୍କୁ କିଏ ନ୍ୟାୟ ଦେବ ଏବଂ ନିର୍ଭୟରେ ବଞ୍ଚିବାକୁ ଦେବ, ସେ ସଂପର୍କରେ ବାରମ୍ବାର ପ୍ରଶ୍ନ ଉଠୁଛି। ନିକଟରେ ପ୍ରକାଶିତ ଖବର ମୁତାବକ, ମହାରାଷ୍ଟ୍ରରେ କେନ୍ଦ୍ରମନ୍ତ୍ରୀ ରାକ୍ଷୀ ଖଡସେଙ୍କ ନାବାଳିକା ଝିଅ ଓ ତାଙ୍କର ସାଥୀମାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ଆଣି ନିଜେ ମନ୍ତ୍ରୀ ଥାନାକୁ ଯାଇ ଏତଲା ଦେଇଛନ୍ତି। କିଛି ବର୍ଷ ତଳେ ଆଉ ଜଣେ କେନ୍ଦ୍ରମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ନିଶା ଯୋଗୁଁ ତାଙ୍କ ନାତି ବାପ ଛେଉଣ୍ଡ ହୋଇଥିବା ବେଳେ ବୋହୂ ମୁଣ୍ଡରୁ ସିନ୍ଦୂର ଲିଭି ଯାଇଛି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଜଣେ ଯୁବତୀ ହିମାନୀ ନରୱାଲ୍‌ଙ୍କ ମର ଶରୀର ହରିୟାନାର ରୋହତକ ଜିଲ୍ଲା ଅନ୍ତର୍ଗତ ସାମ୍ପଲା ବସ୍‌ଷ୍ଟାଣ୍ଡ ନିକଟରୁ ମିଳିଲା। ବୀଭତ୍ସ ଭାବେ ହିମାନୀଙ୍କୁ ହତ୍ୟା କରାଯାଇ ମର ଶରୀରକୁ ଏକ ସୁଟ୍‌କେଶ୍‌ରେ ଭର୍ତ୍ତି କରି ଅପରାଧୀ ସେଠାରେ ଫିଙ୍ଗି ଚାଲି ଯାଇଥିଲା। ପୂର୍ବରୁ ନୈନା ସାହାଣୀଙ୍କ ଭଳି ଜଣେ କଂଗ୍ରେସ ଯୁବ ନେତ୍ରୀଙ୍କୁ ଖଣ୍ଡ ଖଣ୍ଡ କରି କାଟି ଦିଲ୍ଲୀର ଏକ ତନ୍ଦୁରି ଚୁଲିରେ ପୋଡ଼ା ଯାଇଥିବା ଘଟଣା ଏବେ ବି ତାଜା ସ୍ମୃତି ହୋଇ ରହିଛି।



ପ୍ରହଲାଦ କୁମାର ସିଂହ

ନିକଟରେ ଆମ ରାଜ୍ୟର ଏକ ଆଇନ ଅଦାଲତ ବାଣପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ବ୍ୟକ୍ତି ମଦ ନିଶାରେ ଚୁର୍ ଥାଇ ନିଜ ଝିଅକୁ ବଳାତ୍କାର କରିଥିଲେ। ନିଶା କବଳିତ ହୋଇ ହିତାହିତ ଜ୍ଞାନ ହରାଇ କେତେ ଯେ ନିଶାଡ଼ି ଅପରାଧ ପରେ ଅପରାଧମାନ ଘଟାଇ ଚାଲିଛନ୍ତି, ତାହାର ଖବର ବି ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ସରକାର ଓ ସମାଜର ବଡ଼ପଣ୍ଡାମାନେ ନିଶା ରାକ୍ଷସର ନିପାତ କରିବା ପରିବର୍ତ୍ତେ ଏହାର ପ୍ରସାରଣରେ ମାତି ରାଷ୍ଟ୍ର, ରାଜ୍ୟ ଓ ସମାଜର ବ୍ୟାପକ କ୍ଷତି କରି ଚାଲିଛନ୍ତି।

ସରକାରୀ ରିପୋର୍ଟ ମୁତାବକ, ପ୍ରାୟ ଦୁଇ-ତୃତୀୟାଂଶ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଏହା ପଛରେ ମୁଖ୍ୟ ଭୂମିକା ରହିଛି ନିଶାର। ସହିବାର ସୀମା ଟପିଯିବା ପରେ କେତେକ କ୍ଷେତ୍ରରେ ମହିଳାମାନେ ବି ପ୍ରତିବାଦର ସ୍ୱର ଉଠାଉଛନ୍ତି। ସୁକିନ୍ଦା ଅଞ୍ଚଳର ଜଣେ ମହିଳା ତାଙ୍କ ଅତ୍ୟାଚାରୀ ନିଶାଡ଼ି ସ୍ୱାମୀର ନିର୍ଯାତନାରୁ ରକ୍ଷା ପାଇବା ପାଇଁ ତାକୁ ହତ୍ୟା କରିବାକୁ ମଧ୍ୟ ପଛାଇ ନଥିବା ଖବର ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲାର ଚାନ୍ଦିପୋଷ ଷ୍ଟେସନ୍ ନିକଟରେ ଜଣେ ୬ ବର୍ଷର ନାବାଳିକାକୁ ଧର୍ଷଣ କରାଯିବା ଭଳି ଲୋମଟାଙ୍କୁରା ଖବର ବି ପ୍ରକାଶ ପାଇଛି। କିଛି ବର୍ଷ ତଳେ ରାଜଧାନୀ ଭୁବନେଶ୍ୱରରେ ଜଣେ ଅବସରପ୍ରାପ୍ତ ସେନା ଡାକ୍ତର ତାଙ୍କ ପତ୍ନୀଙ୍କୁ ଟୁକୁଡ଼ା ଟୁକୁଡ଼ା କରି ହାଣି ଦେହାବଶେଷ ଫ୍ରିଜ୍‌ରେ ରଖିଥିଲେ। ଅବଶ୍ୟ ଆଇନ ଅଦାଲତ ଇତି ମଧ୍ୟରେ ତାଙ୍କୁ ଦଣ୍ଡିତ କରିଛି। ଦେଶର ବିଭିନ୍ନ ସହରରେ ଏଭଳି ମହିଳାମାନଙ୍କୁ ନିର୍ଦ୍ଦୟ ଭାବେ ହତ୍ୟା କରାଯାଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଯୁକ୍ତଦୁଇ ବାଣିଜ୍ୟ ଛାତ୍ରୀଙ୍କ ପ୍ରତି ପରୀକ୍ଷା କେନ୍ଦ୍ରରେ ଅଧ୍ୟାପକଙ୍କ ଅସଦାଚରଣ ଘଟଣାରେ ବ୍ୟଥିତ ହୋଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ଖବର ବି ପ୍ରକାଶିତ ହୋଇଛି। ଦିଲ୍ଲୀର ବହୁଚର୍ଚ୍ଚିତ ନିର୍ଭୟା ଘଟଣାଠାରୁ କଲିକତାର ଅଭୟା ଏବଂ ଓଡ଼ିଶାର ଛବିରାଣୀ, ପରୀ, ବେବିନା, ଇତିଶ୍ରୀ ଆଦି ଅତ୍ୟାଚାରର କାହାଣୀ ଇତିହାସର କଳା ଅଧ୍ୟାୟ ହୋଇ ରହି ଯାଇଛି। କୁଦୁଲିର ପୀଡ଼ିତା ନବମ ଶ୍ରେଣୀର ଝିଅଟି କାନ୍ଦି କାନ୍ଦି ଆତ୍ମହତ୍ୟା କରିଦେଲା ପଛେ ଆମ ବ୍ୟବସ୍ଥା କିନ୍ତୁ ତାକୁ ନ୍ୟାୟ ଦେଇ ପାରିଲା ନାହିଁ। ଏଭଳି ତାଲିକା ବେଶ୍ ଲମ୍ବା। କଠୋର ଆଇନ ସତ୍ତ୍ୱେ ବି ଚାଲିଛି କନ୍ୟାଭ୍ରୂଣ ହତ୍ୟା।




ଆମ ଶାସ୍ତ୍ର କୁହେ, ଯେଉଁଠି ନାରୀମାନଙ୍କ ପୂଜା କରାଯାଏ, ସେଠାରେ କୁଆଡ଼େ ଭଗବାନ ବିଚରଣ କରନ୍ତି। ବର୍ତ୍ତମାନ ସମୟରେ ନାରୀମାନେ ପୂଜା ଚାହାନ୍ତି ନାହିଁ, ଚାହାନ୍ତି ସମାନତା, ସମତା, ସମ୍ମାନ ଓ ନିରାପତ୍ତା। ନାରୀ ନିର୍ଯାତନା ରୋକିବା ପାଇଁ ବହୁ ଆଇନ ତିଆରି ହୋଇଛି। ଏହା ସତ୍ତ୍ୱେ ନିର୍ଯାତନା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ବିଶାଖା ମାର୍ଗ ନିର୍ଦ୍ଦେଶିକାଠାରୁ ନିର୍ଭୟା ପାଣ୍ଠି ପର୍ଯ୍ୟନ୍ତ ରହିଛି।

ଭାରତ ସରକରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜାତୀୟ ଅପରାଧ ନଥି ସଂସ୍ଥାନର ସର୍ବଶେଷ 'କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୩' ରିପୋର୍ଟ ପ୍ରକାଶ ପାଇଥିଲା ୨୦୨୫ ସେପ୍ଟେମ୍ବରରେ। ଏହି ରିପୋର୍ଟ ମୁତାବକ ୨୦୨୩ ଶେଷ ସୁଦ୍ଧା ସାରା ଦେଶରେ ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ୨୩,୩୦,୬୫୭ ମାମଲା ବିଚାରାଧୀନ ଥିଲା। ଏବେ ଏହି ସଂଖ୍ୟା ପ୍ରାୟ ୨୮ଲକ୍ଷ ହେବ ବୋଲି ଆଶଙ୍କା କରାଯାଉଛି। ଏହି ତଥ୍ୟ ମୁତାବକ, ୨୦୨୩ ବର୍ଷରେ ୨,୩୨,୦୩୬ଟି ମହିଳାଙ୍କ ପ୍ରତି ଅପରାଧିକ ମାମଲାର ଫଇସଲା ହୋଇଥିବା ବେଳେ ଏଥିରୁ ମୋଟେ ୩୬,୬୩୦ଟିରେ ଦଣ୍ଡ ବିଧାନ ହୋଇଥିଲା। କେନ୍ଦ୍ର ସରକାରଙ୍କର ଏହି ତଥ୍ୟ ମୁତାବକ, ସାରା ଦେଶରେ ଉକ୍ତ ବର୍ଷରେ ଏଭଳି କିସମର ମାମଲାରୁ ମାତ୍ର ୯.୨ ପ୍ରତିଶତ ଫଇସଲା ହୋଇଥିବା ବେଳେ ଦଣ୍ଡ ବିଧାନ ହାର ଥିଲା ୨୧.୩ ପ୍ରତିଶତ।

ଉକ୍ତ ରିପୋର୍ଟରେ ଦିଆ ଯାଇଥିବା ତଥ୍ୟ ମୁତାବକ, ୨୦୨୩ ଶେଷ ସୁଦ୍ଧା ଓଡ଼ିଶାରେ ମହିଳାମାନଙ୍କ ପ୍ରତି ଅପରାଧିକ ମାମଲାରୁ ୧,୭୭,୯୪୦ଟି ବିଚାର ପ୍ରତୀକ୍ଷାରେ ଥିଲା। ଏବେ ଏହି ସଂଖ୍ୟା ୨ ଲକ୍ଷରୁ ଅଧିକ ହୋଇପାରେ। ବର୍ଷକୁ ବର୍ଷ ଏଭଳି କିସମର ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ରିପୋର୍ଟ ମୁତାବକ, ଉକ୍ତ ବର୍ଷରେ ଓଡ଼ିଶାରେ ୯,୮୭୫ଟି ଏଭଳି ମାମଲା ଫଇସଲା ହୋଇଥିବା ବେଳେ ସେଥିରୁ ଦଣ୍ଡ ବିଧାନ ହୋଇଥିଲା ମାତ୍ର ୬୭୦ଟି। ଅର୍ଥାତ୍ ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ମାମଲାରୁ ଓଡ଼ିଶାରେ ଫଇସଲା ହାର ବର୍ଷରେ ମାତ୍ର ୫.୩ ପ୍ରତିଶତ ଥିବା ବେଳେ ଦଣ୍ଡ ବିଧାନ ହୋଇଥିଲା ମୋଟେ ୬.୯ ପ୍ରତିଶତ। ଏଭଳି କ୍ଷେତ୍ରରେ ନିର୍ଯାତିତା ନାରୀମାନଙ୍କୁ ନ୍ୟାୟ ଦେବ କିଏ ? 'କ୍ରାଇମ୍ ରେଟ୍ ରିପୋର୍ଟ ଅଫ ଇଣ୍ଡିଆ-୨୦୨୪'ର ସର୍ବଶେଷ ତଥ୍ୟ କହୁଛି ଯେ ପୂର୍ବ ବର୍ଷ ତୁଳନାରେ ମୋଟାମୋଟି ଭାବେ ଦେଶରେ ଅପରାଧିକ ମାମଲା ୦.୫୬ ପ୍ରତିଶତ ହ୍ରାସ ପାଇଥିବା ବେଳେ ବଳାତ୍କାର ମାମଲା ୧.୧ ପ୍ରତିଶତ ଓ ଅପହରଣ ମାମଲା ୫.୧ ପ୍ରତିଶତ ବଢ଼ିଛି। ଉତ୍ତରପ୍ରଦେଶ, କେରଳ, ମହାରାଷ୍ଟ୍ର, ଦିଲ୍ଲୀ ଓ ବିହାର ଭଳି ରାଜ୍ୟରେ ଅପରାଧ ଢେର୍ ବଢ଼ିଥିବା ବେଳେ ଓଡ଼ିଶାରେ ମାରାତ୍ମକ ନିଶା ଓ ମଦର କୁପ୍ରଭାବ ଯୁବ ସମାଜ ଉପରେ ପଡ଼ିବା ସହିତ ବିଭିନ୍ନ କିସମର ଅପରାଧ ମଧ୍ୟ ଘଟୁଛି।

ବିଗୁଡୁ ଥିବା ବ୍ୟବସ୍ଥା ଯୋଗୁଁ ମାମଲା ସଂଖ୍ୟା ବଢ଼ି ବଢ଼ି ଚାଲିଛି। କେନ୍ଦ୍ର ସରକାରଙ୍କ ସ୍ୱୀକାରୋକ୍ତି ଅନୁଯାୟୀ, ଆମ ଦେଶରେ ବିଭିନ୍ନ ଅଦାଲତରେ ୫ କୋଟିରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ଏଥିରୁ ଅପରାଧିକ ମାମଲା ସଂଖ୍ୟା ୩ କୋଟିରୁ ଅଧିକ। ଓଡ଼ିଶାରେ ପ୍ରାୟ ୨୨ ଲକ୍ଷରୁ ଅଧିକ ମାମଲା ବିଚାର ପାଇଁ ରହିଛି ବୋଲି ସରକାର ସ୍ୱୀକାର କରିଛନ୍ତି। ଏଥିରୁ ପ୍ରାୟ ୧୩ ଲକ୍ଷ ହେଉଛି ଅପରାଧିକ ମାମଲା। ଅନେକ ମାମଲା ୨୦/୩୦ ବର୍ଷ ଧରି ଗଡ଼ୁଛି। ସରକାରୀ କଳର ଦୁର୍ବଳତା, ରାଜନୈତିକ ଚାପ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନର ଅବକ୍ଷୟ, ଆଇନର ଦୁରୁପଯୋଗ, ମାମଲାର ତଦନ୍ତ ଓ ପରିଚାଳନାରେ ତ୍ରୁଟି ବିଚ୍ୟୁତି ଏବଂ ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ପୀଡ଼ିତାମାନେ ଅଧିକାଂଶ କ୍ଷେତ୍ରରେ ତ୍ୱରିତ ନ୍ୟାୟ ପାଉ ନଥିବା ବେଳେ ଅଭିଯୁକ୍ତମାନେ ଧନ ବଳ, କ୍ଷମତା ବଳ ଓ ରାଜନୈତିକ ପୃଷ୍ଠପୋଷକତାରେ ସେମାନଙ୍କ ଅପରାଧିକ ସାମ୍ରାଜ୍ୟ ବଢ଼ାଇ ଚାଲିଛନ୍ତି। ଗୁଜରାଟର ବିଲ୍‌କିସ୍ ବାନୋ ଘଟଣାଠାରୁ କାଶ୍ମୀରର କାଠୁଆ, ଉତ୍ତରପ୍ରଦେଶର ଉନ୍ନାଓ ପର୍ଯ୍ୟନ୍ତ ଯେତେସବୁ ଅଘଟଣ ଘଟି ଯାଉଛି ସେଥିରେ ଆମେ ଏକ ସଭ୍ୟ ଓ ସଂସ୍କୃତିସଂପନ୍ନ ସମାଜରେ ରହୁଛୁ ବୋଲି କହି ପାରିବା କି ?

ନାରୀଙ୍କୁ ନିରାପତ୍ତା ଦେବା ପ୍ରତ୍ୟେକ ପୁରୁଷର ପରମ କର୍ତ୍ତବ୍ୟ। ମା' ନଥିଲେ ଆମେ ଏ ସୃଷ୍ଟିକୁ ଆସି ନଥାନ୍ତୁ। ତେଣୁ ଆମ ସଂସ୍କୃତିରେ ମାତୃ ଉପାସନା ଉପରେ ଗୁରୁତ୍ୱ ଦିଆଯାଇଥାଏ। ସନାତନ ଧର୍ମରେ ମହାଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା, କାଳୀ, ପାର୍ବତୀ, ସୀତା ଆଦିଙ୍କୁ ବନ୍ଦନା କରାଯାଇଥାଏ। ଗାଁ ଗାଁରେ ମଙ୍ଗଳ କାର୍ଯ୍ୟ ମଙ୍ଗଳାଙ୍କ ନିକଟରେ ପୂଜା ପରେ ଆରମ୍ଭ ହୋଇଥାଏ। କିନ୍ତୁ ଏବେ ପରିସ୍ଥିତି ଓଲଟା। ଆମ ବ୍ୟବସ୍ଥା ନାରୀଙ୍କୁ ନିରାପତ୍ତା ଓ ନ୍ୟାୟ ଦେବାରେ ବିଳମ୍ବ କରୁଥିବା ବେଳେ ସେମାନେ ହିଁ ନିଜ ପାଇଁ ନିଜେ ବାହାରିବାର ସମୟ ଆସିଛି। ସେମାନଙ୍କ ଆଗରେ ଥିବା ପ୍ରତିବନ୍ଧକକୁ ଆଉ କିଏ ଭାଙ୍ଗିବ ବୋଲି ଅପେକ୍ଷା ନକରି ନାରୀ-ନାରାୟଣୀମାନେ ଏହାକୁ ଭାଙ୍ଗିବା ପାଇଁ ଆଗେଇ ଆସିବା ଚାହି।

ଆମ ପ୍ରଧାନମନ୍ତ୍ରୀ କହୁଛନ୍ତି ଯେ ମହିଳାମାନଙ୍କ ବିରୋଧରେ ଅପରାଧ ଅକ୍ଷମଣୀୟ ଓ ଅପରାଧୀମାନଙ୍କୁ ଛଡ଼ାଯିବ ନାହିଁ। କଲିକତାର ଅଭୟା ବଳାତ୍କାର ଓ ହତ୍ୟା ଘଟଣା ଦେଶର ଆତ୍ମାକୁ ଚହଲାଇ ଦେଇଛି ବୋଲି ସୁପ୍ରିମ୍‌କୋର୍ଟ କହିଥିବା ବେଳେ ରାଷ୍ଟ୍ରପତି ମଧ୍ୟ ଏଥି ଘେନି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ, ଜେଲ୍‌ଗୁଡ଼ିକରୁ ବିଚାରାଧୀନ ବନ୍ଦୀମାନଙ୍କୁ ଜାମିନରେ ମୁକୁଳାଇବା ଏବଂ ଜଘନ୍ୟ ଅପରାଧୀମାନଙ୍କୁ ରାଜକ୍ଷମା ପ୍ରଦାନ କରିବା ସହିତ ରାଜନୀତିର ଅପରାଧୀକରଣ ଓ ଅପରାଧର ରାଜନୀତିକରଣ ଏବଂ ନିଶା ପ୍ରସାରଣ ଯୋଗୁଁ ମହିଳାମାନଙ୍କ ପ୍ରତି ଅପରାଧ ସମେତ ଅନ୍ୟାନ୍ୟ ଅପରାଧର ବୋଝ ବଢ଼ି ବଢ଼ି ଚାଲିଛି। ଏଥିପାଇଁ ପୁଲିସ, ବିଚାର ବ୍ୟବସ୍ଥା ଓ ଜେଲ୍ ପରିଚାଳନା ଲାଗି ବିପୁଳ ଅର୍ଥ ବି ବ୍ୟୟ ହେଉଛି। ବହୁ ପରିବାର ଉଜୁଡ଼ି ଯାଉଛି। ମୂଳ ସମସ୍ୟାର ନିରାକରଣ କରି ସୁଶୃଙ୍ଖଳ, ସଭ୍ୟ, ସଂସ୍କାରୀ ଓ ସଂସ୍କୃତିସଂପନ୍ନ ସମାଜ ଗଠନ ପାଇଁ ପରିବାରରୁ ସରକାର ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ସକାରାତ୍ମକ ଉଦ୍ୟମ ହେଲେ ଏହି ଗୁରୁତର ସମସ୍ୟା ଲାଘବ ହୋଇ ପାରିବ ଏବଂ ବିଶ୍ୱରେ ଆମର ମାନ ସମ୍ମାନ ମଧ୍ୟ ବଢ଼ିବ। ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବହୁ ବଡ଼ ବଡ଼ କଥା କୁହାଯାଉଥିବା ବେଳେ ନିର୍ଯାତିତା ନାରୀଙ୍କୁ ନ୍ୟାୟ ଦେବ କିଏ ?■

prahalladsinha@gmail.com
Cell: ୯୪୩୭୦୧୭୩୯୫

# ଉତ୍ସବରୁ ଦାୟିତ୍ୱ ପର୍ଯ୍ୟନ୍ତ ନାରୀ ଓ ପୁରୁଷଙ୍କ ମିଳିତ ପ୍ରୟାସ



ବିମଳ ଷଡ଼ଙ୍ଗୀ

୧୯୦୮ ମସିହାରେ ନ୍ୟୁୟର୍କ୍‌ର ମହିଳା ଶ୍ରମିକଙ୍କ ଆନ୍ଦୋଳନ, ୧୯୧୦ ମସିହାରେ କୋପେନହେଗେନରେ ଆନ୍ତର୍ଜାତିକ ସାମ୍ୟବାଦୀ ନାରୀ ସମ୍ମିଳନୀ, ୧୯୧୭ ମସିହାରେ ରୁଷିଆରେ 'ରୁଟି ଓ ଶାନ୍ତି' ଦାବି ମହିଳା ଆନ୍ଦୋଳନ ଇତିହାସକୁ ନୂଆ ମୋଡ଼ ଦେଇଥିଲା। ଏହି ଆନ୍ଦୋଳନଗୁଡ଼ିକର ପରିଣାମ ସ୍ୱରୂପ ପ୍ରତି ବର୍ଷ ମାର୍ଚ୍ଚ ୮ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବେ ସ୍ୱୀକୃତି ମିଳିଲା। ୧୯୭୫ ମସିହାରେ ଜାତିସଂଘ ଏହାକୁ ଆନ୍ତର୍ଜାତିକ ମହିଳା ଦିବସର ମାନ୍ୟତା ଦେଇ ପ୍ରତି ବର୍ଷ ପାଳନ କରି ଆସୁଛି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ୨୦୨୬ ମସିହାର ଆନ୍ତର୍ଜାତିକ ମହିଳା ଦିବସର ବିଷୟବସ୍ତୁ 'ମହିଳା ଓ କନ୍ୟାଙ୍କ ଅଧିକାର, ସମାନତା ଓ ସଶକ୍ତିକରଣ', ଯାହାକୁ ପାଳନ କରାଯିବା ଅତ୍ୟନ୍ତ ଜରୁରୀ।

ପ୍ରାଚୀନ ଭାରତର ସିନ୍ଧୁ ସଭ୍ୟତା ଓ ପ୍ରାରମ୍ଭିକ ବୈଦିକ ଯୁଗକୁ ଅନୁଧ୍ୟାନ କଲେ ଆମେ ଦେଖିବା ଯେ ତତ୍କାଳୀନ ଭାରତୀୟ ସଭ୍ୟତା ସଂପୂର୍ଣ୍ଣ ପିତୃକୈନ୍ଦ୍ରିକ ନଥିଲା। ଅନେକ ମହିଳା ବିଭିନ୍ନ ଦାର୍ଶନିକ ଚର୍ଚ୍ଚାରେ ଅଂଶଗ୍ରହଣ କରୁଥିବାର ଉଦାହରଣ ଋଗ୍ ବେଦର ଗାର୍ଗୀ, ମୈତ୍ରେୟୀ ପରି ମହିଳା ଋଷିମାନଙ୍କ ଉପସ୍ଥିତିରୁ ଅନୁମାନ କରାଯାଇପାରେ, ଯାହା ସେହି ସମୟର ସମାଜରେ ସମାନତାର ଏକ ପ୍ରମୁଖ ସୂଚନା ଭାବରେ ଗଣାଯାଇପାରେ। ମାତ୍ର ପରବର୍ତ୍ତୀ ସମୟରେ ଭାରତୀୟ ସମାଜ ଅଧିକ ଶ୍ରେଣୀଭିତ୍ତିକ ଓ ପୁରୁଷକେନ୍ଦ୍ରିକ ସମାଜରେ ପରିଣତ ହୋଇଥିଲା। ମନୁସ୍ମୃତି ପରି ଗ୍ରନ୍ଥଗୁଡ଼ିକରେ ନାରୀମାନଙ୍କୁ ପିତା, ପତି ଓ ପୁତ୍ର ଉପରେ ନିର୍ଭରଶୀଳ ବୋଲି ଘୋଷଣା କରାଯାଇଥିଲା। ଉତ୍ତରାଧିକାର, ସମ୍ପତ୍ତି ଓ ବଂଶରକ୍ଷା କେବଳ ପୁରୁଷମାନଙ୍କ ଦ୍ୱାରା ସମ୍ଭବ, ଯାହାକୁ ଏକ ନିୟମ ଭାବରେ ପ୍ରଚଳିତ କରାଯାଇଥିଲା। ପରେ ପରେ ମଧ୍ୟଯୁଗୀୟ ଭାରତରେ ରାଜନୈତିକ ଅସ୍ଥିରତା ଓ ଯୁଦ୍ଧ ପରିସ୍ଥିତି ମହିଳାଙ୍କ ଚଳାଚଳ ଓ ସ୍ୱାଧୀନତାକୁ ଅଧିକ ସୀମିତ କରିଥିଲା। ପର୍ଦ୍ଦା ପ୍ରଥା, ବାଲ୍ୟ ବିବାହ, ସତୀଦାହ ଓ ମହିଳାଙ୍କ ଗୃହକେନ୍ଦ୍ରିକ ଭୂମିକାକୁ 'ମର୍ଯ୍ୟାଦା'ର ସହ ସଂଯୋଗ କରାଯାଇଥିଲା। ଏହା ପିତୃ ସତ୍ତାକୁ ସାମାଜିକ ସୁରକ୍ଷାର ନାମରେ ଶକ୍ତିଶାଳୀ କରିଥିଲା। ମାତ୍ର ବ୍ରିଟିଶ ଶାସନ କାଳରେ ପାଶ୍ଚାତ୍ୟ ଶିକ୍ଷା ଓ ନୂତନ ଚିନ୍ତାଧାରା ଦ୍ୱାରା ପିତୃକୈନ୍ଦ୍ରିକ ପରିବାରକୁ କିୟଦଂଶରେ ପରିବର୍ତ୍ତନ କରିବାର ପ୍ରୟାସ ହୋଇଥିଲା। ପରେ ପରେ ସତୀଦାହ ପ୍ରଥା ଉଚ୍ଛେଦ, ବିଧବା ବିବାହ ପ୍ରଚଳନ ଓ ନାରୀ ଶିକ୍ଷା ସପକ୍ଷରେ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା।

ଯଦିଓ ଭାରତରେ ଓ ସାରା ପୃଥିବୀରେ ମହିଳାମାନଙ୍କ ପାଇଁ ଯେଉଁ କିଛି ବିକାଶ ଓ ଆନ୍ଦୋଳନ ସଂଗଠିତ ହୋଇଛି, ତାହା ଗୋଟିଏ ଦିନର ବା ବର୍ଷର ନୁହେଁ, ନାରୀ ଓ ପୁରୁଷ ଉଭୟଙ୍କ ମିଳିତ ପ୍ରଚେଷ୍ଟା ଦ୍ୱାରା ହୋଇଥିବା ବର୍ଷ ବର୍ଷର ସଂଗ୍ରାମର ଫଳ। ଭାରତରେ ସାବିତ୍ରୀବାଈ ଫୁଲେଙ୍କ ନାରୀ ଶିକ୍ଷାକୁ ଅଧିକାର, ପଣ୍ଡିତା ରାମାବାଈଙ୍କ ବିଧବା, ନିର୍ଯାତିତ ଓ ଶିକ୍ଷାବଞ୍ଚିତ ନାରୀମାନଙ୍କ ପାଇଁ ସଂଘର୍ଷ, ପୁରୁଷ-ପ୍ରଭୁତ୍ୱ ଯୁଗରେ ରାଣୀ ଲକ୍ଷ୍ମୀବାଈଙ୍କ ନେତୃତ୍ୱ, ସରୋଜିନୀ ନାଇଡୁଙ୍କର ନାରୀଙ୍କ ରାଜନୈତିକ ଅଧିକାରର ସ୍ୱର, ଇନ୍ଦିରା ଗାନ୍ଧୀଙ୍କ ନାରୀ ନେତୃତ୍ୱ, ବିଦେଶରେ ମେରୀ କ୍ୟୁରୀଙ୍କ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା, ସିମୋନ୍ ଦେ ବୁଭୁଆର 'ଦ ସେକେଣ୍ଡ ସେକ୍ସ' ମାଧ୍ୟମରେ ନାରୀ ଅସମାନତାର ଦାର୍ଶନିକ ବିଶ୍ଳେଷଣ, ଏମେଲିନ୍ ପ୍ୟାଙ୍କହର୍ଷ୍ଟ ମହିଳାଙ୍କ ଭୋଟ ଅଧିକାରର ପାଇଁ ସଂଘର୍ଷ, ରୋଜା ପାର୍କସ୍‌ଙ୍କ ଆମେରିକାରେ ବର୍ଣ୍ଣ ଓ ଲିଙ୍ଗଜନିତ ଭେଦଭାବ ବିରୋଧରେ ସଂଗ୍ରାମ ଆଦି କାର୍ଯ୍ୟ ନାରୀ ଅଧିକାର ଓ ମାନବ ମର୍ଯ୍ୟାଦାର ପ୍ରତୀକକୁ ଦୃଢ଼ ଭାବରେ ପ୍ରତିପାଦନ କରିଥିଲା। ସେହିପରି ଭାରତରେ ରାଜା ରାମମୋହନ ରାୟଙ୍କ ସତୀଦାହ ପ୍ରଥା ବିରୋଧୀ ଅଭିଯାନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ନାରୀ ଶିକ୍ଷା ଓ ବିଧବା ବିବାହ ସପକ୍ଷରେ ଦୃଢ଼ ଭୂମିକା,




ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ନାରୀଙ୍କୁ ଜାତୀୟ ଆନ୍ଦୋଳନର କେନ୍ଦ୍ରବିନ୍ଦୁରେ ଆଣିବାର ପ୍ରୟାସ, ଡକ୍ଟର ବିଆର୍ ଆମ୍ବେଦକରଙ୍କ ନାରୀ ଅଧିକାରର ସାମ୍ବିଧାନିକ ରୂପ, ଉତ୍କଳ ନବଜାଗରଣର ଅଗ୍ରଦୂତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାରୀ ଶିକ୍ଷା ଅଭିଯାନ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସାମାଜିକ ସମତାର ପକ୍ଷପାତୀ ନୀତି, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସାହିତ୍ୟରେ ନାରୀ ଶିକ୍ଷା ଓ ସଚେତନତାର ବାର୍ତ୍ତା ଆଦି ସହିତ ଅନେକ ପୁରୁଷ ଶିକ୍ଷାବିତ୍, ସମାଜ କର୍ମୀ ଓ ସାହିତ୍ୟିକଙ୍କର ନାରୀ ଅଧିକାରକୁ ପ୍ରାଥମିକତା ନୀତି ଓ ସପକ୍ଷବାଦ ଫଳରେ ଆଜି ମହିଳାମାନେ ଅନେକାଂଶରେ ସଫଳତା ଓ ଆତ୍ମନିର୍ଭରଶୀଳତାକୁ ହାସଲ କରିଛନ୍ତି।

ତଥାପି ପିତୃକୈନ୍ଦ୍ରିକ ପରିବାରର ସଂଜ୍ଞା ସମ୍ପୂର୍ଣ୍ଣ ଭାବରେ ନ ବଦଳି କେବଳ ତା'ର ରୂପ ପରିବର୍ତ୍ତିତ ହୋଇଛି। ଯଦିଓ ସମସ୍ତେ ଜାଣିଛନ୍ତି ଯେ ପ୍ରତ୍ୟେକ ଘରର ଭାବପ୍ରବଣ ଅର୍ଥନୀତି ଜଣେ ମହିଳାଙ୍କ କାନ୍ଧ ଉପରେ ନିର୍ଭର କରେ, କାରଣ ସେମାନେ ଜନ୍ମଦିନଗୁଡ଼ିକୁ ମନେ ରଖନ୍ତି, ଆଘାତକୁ ସୁସ୍ଥ କରନ୍ତି, ବିଶୃଙ୍ଖଳାକୁ ପରିଚାଳନା କରନ୍ତି ଏବଂ କ୍ରୋଧକୁ ଶାନ୍ତ କରନ୍ତି, ଯାହାକୁ କୁହାଯାଏ ପ୍ରେମ ମାଧ୍ୟମରେ ଲୁଚି ରହିଥିବା ଅବୈତନିକ ଶ୍ରମ, ତଥାପି ମହିଳାଙ୍କୁ ଅଦ୍ୟାବଧି ସମାନ ଅଧିକାର ମିଳି ନଥିବା ଅନୁମାନ କରାଯାଏ। ଅଧିକାର, ସମାନତା, ସ୍ୱାଧୀନତା ଓ ସଶକ୍ତିକରଣର ରୂପ କେବଳ ସମ୍ମିଳନୀ, ଭାଷଣ, ସ୍ଲୋଗାନ, ସମାରୋହ, ସୁସ୍ୱାଦୁ ଖାଦ୍ୟ, ହସହସ ମୁହଁ ଓ କୋଳାହଳରେ ପ୍ରତି ବର୍ଷ ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଭଳି ଦିବସ ମାଧ୍ୟମରେ ସୀମିତ ରହିଥାଏ।

ତଥ୍ୟ ଅନୁସାରେ, ୨୦୨୨ ମସିହାରେ ଭାରତରେ ୪,୪୫,୨୫୬ଟି ମହିଳା ବିରୋଧୀ ଅପରାଧ ସଂଘଟିତ ହୋଇଥିଲା ଏବଂ ୨୦୨୩ ମସିହାରେ ଏହା ୪,୪୮,୨୧୧ଟି ମାମଲା ମାଧ୍ୟମରେ ବୃଦ୍ଧି ପାଇଥିଲା। ସେହିପରି ଓଡ଼ିଶାରେ ଜୁନ୍ ୨୦୨୪ରୁ ଜୁଲାଇ ୨୦୨୫ ମସିହା ମଧ୍ୟରେ ୩୭,୬୧୧ଟି ମହିଳା ବିରୋଧୀ ଅପରାଧ ସଂଘଟିତ ହୋଇଛି। ଏହା ପ୍ରତିପାଦନ କରେ ଯେ ମହିଳାଙ୍କ ସୁରକ୍ଷା ଏବଂ ସମ୍ମାନ କଥା ଆଜି କେବଳ ନୀତି ନୁହେଁ, ବରଂ ପ୍ରତିଦିନ ଜୀବନର ଦୁଃଖଦ ଅନୁଭବ ଭାବରେ ବିଦ୍ୟମାନ। ଏହି ଅପରାଧଗୁଡ଼ିକ ମୁଖ୍ୟତଃ ଦୁର୍ବ୍ୟବହାର, ହିଂସା, ଅପହରଣ ଓ ଅପହରଣର ଉଦ୍ୟମ, ମର୍ଯ୍ୟାଦାର ଉଲ୍ଲଙ୍ଘନ ଓ ବଳାତ୍କାର, ହତ୍ୟା ଆଦି ପ୍ରବୃତ୍ତି ସହିତ ଜଡ଼ିତ।

ବିଜ୍ଞାନ ଓ ସାମାଜିକ ସଚେତନତା ଦୃଷ୍ଟିରୁ ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ରାଜନୀତି, କୃଷି, ଶିଳ୍ପ ଓ ପରିବାର ପରିଚାଳନା ଆଦି ସବୁ କ୍ଷେତ୍ରରେ ନିଜ ପାରଦର୍ଶିତା ପ୍ରମାଣ କରିଛନ୍ତି। ତଥାପି ସେମାନଙ୍କର ଅଧିକାର, ସୁରକ୍ଷା ଓ ସମ୍ମାନ ଏବେ ମଧ୍ୟ ସଂଘର୍ଷ ଓ ବିତର୍କର ବିଷୟ ହୋଇ ରହିଛି। ଗତ କିଛି ଦଶକରେ ମହିଳା ସଶକ୍ତିକରଣ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି। ଝିଅମାନଙ୍କର ବିଦ୍ୟାଳୟ ଉପସ୍ଥାନ ହାର ଓ ଉଚ୍ଚ ଶିକ୍ଷାରେ ସେମାନଙ୍କର ଉପସ୍ଥିତି ବଢ଼ିଛି। ଆଇନଗତ ଭାବେ ମହିଳାଙ୍କୁ ସମ୍ପତ୍ତି ଅଧିକାର, ବିଭିନ୍ନ କାମ କରିବାର ସ୍ୱାଧୀନତା ଓ ରାଜନୈତିକ କାର୍ଯ୍ୟରେ ଅଂଶଗ୍ରହଣ ଆଦିର ସୁଯୋଗ ମିଳିଛି। ଭାରତରେ ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତିରାଜ ବ୍ୟବସ୍ଥା ଓ ସାମାଜିକ ଆନ୍ଦୋଳନରେ ମହିଳାମାନଙ୍କ ଭୂମିକା ଦୃଢ଼ ରହିଥିବା ସହିତ ଗାଁ'ଠାରୁ ଦେଶ ପର୍ଯ୍ୟନ୍ତ ସେମାନେ ଦେଶ ଉନ୍ନତିର ମୂଳ ଶକ୍ତି ହୋଇ ଉଠିଛନ୍ତି। ଏସବୁ ସତ୍ତ୍ୱେ ମହିଳାମାନେ ଆଜି ମଧ୍ୟ ଅନେକ ଅସମାନତାର ସମ୍ମୁଖୀନ। ସମାନ କାମ ପାଇଁ ସମାନ ଦରମା ଏବେ ମଧ୍ୟ ଅନେକ ସ୍ଥାନରେ ସ୍ୱପ୍ନ। ଘରୋଇ କାମ ଓ ସେବାର ଭାର ପ୍ରାୟ ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ଉପରେ। ଏହା ସତ୍ତ୍ୱେ କାର୍ଯ୍ୟସ୍ଥଳ ଓ ସାର୍ବଜନୀନ ସ୍ଥାନରେ ସେମାନଙ୍କର ସୁରକ୍ଷାର ଚିନ୍ତା ଦୈନନ୍ଦିନ ଜୀବନର ଗୋଟିଏ ଅଂଶ ହୋଇ ରହିଛି। ଡିଜିଟାଲ ଯୁଗ ନୂଆ ସୁଯୋଗ ଆଣିଛି, କିନ୍ତୁ ତାହା ସହିତ ମହିଳାମାନେ ଡିଜିଟାଲ ବିଭେଦ, ଅନ୍‌ଲାଇନ୍ ଅତ୍ୟାଚାର ଓ ସାଇବର ଅପରାଧର ଅଧିକ ଶିକାର ହେଉଛନ୍ତି।

ଆଜି ଶିକ୍ଷା, ଚାକିରି ଏବଂ ଉଦ୍ୟୋଗିତାରେ ବୃଦ୍ଧି ସହିତ ମହିଳାମାନେ ନିଜର ବଞ୍ଚିବା ପାଇଁ ନିଜକୁ ପ୍ରସ୍ତୁତ କରି ପାରିଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମର ୨୦୨୪ ମସିହାର ବିଶ୍ୱ ଲିଙ୍ଗଗତ ବ୍ୟବଧାନ ରିପୋର୍ଟ ଅନୁଯାୟୀ, ମହିଳା କର୍ମଶକ୍ତି ଅଂଶଗ୍ରହଣ ଏବଂ ଶିକ୍ଷା ସ୍ତର ପୂର୍ବ ଅପେକ୍ଷା ଅଧିକ। ତଥାପି ଆମକୁ ମନେ ରଖିବାକୁ ହେବ ଯେ ନାରୀ ଓ ପୁରୁଷ ଉଭୟ ପରସ୍ପରର ପରିପୂରକ ଏବଂ ଗୋଟିଏ ସୁସ୍ଥ ସମାଜ ଗଠନରେ ଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାରୀ ଆତ୍ମନିର୍ଭରଶୀଳ ହେବାର ଅର୍ଥ ପୁରୁଷକୁ ପ୍ରତ୍ୟାଖ୍ୟାନ ନୁହେଁ, ବରଂ ନିଜର ବିଦ୍ୟା ବୁଦ୍ଧିର ପରାକାଷ୍ଠାରେ ଏକ ନୂଆ ନିର୍ମାଣରେ ବିଶ୍ୱକର୍ମାର ସ୍ଥାନ ନେବା ଆବଶ୍ୟକ। ଯଦିଓ ଆଜି ମହିଳାମାନେ ନିଜର ଜୀବନ ଯାତ୍ରା, ରୋଜଗାର, ବିଶ୍ରାମ ଏବଂ ବାଛିବାର ସ୍ୱାଧୀନତା ଆଦିର ଦିବ୍ୟ ଅନୁଭବ ପାଇଛନ୍ତି ବା ଆନନ୍ଦକୁ ଅନୁଭବ କରିବାର ଆପେକ୍ଷିକତା ମଧ୍ୟରେ ନିଜକୁ ତଉଲୁଛନ୍ତି, ତେବେ ସେମାନଙ୍କୁ ମାନିବାକୁ ପଡ଼ିବ ଯେ ସମସ୍ତ ପୁରୁଷ ଖରାପ ବା ସ୍ୱେଚ୍ଛାଚାରୀ ନୁହନ୍ତି। ତେଣୁ ନାରୀ ସ୍ୱାଧୀନତାକୁ ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ। ସେମାନେ ପୁରୁଷମାନଙ୍କୁ ପ୍ରତ୍ୟାଖ୍ୟାନ ନ କରି ସମାଜର ପରିବର୍ତ୍ତନ ପଥରେ ପୁରୁଷମାନଙ୍କ ସହିତ ଏକ ଶୃଙ୍ଖଳିତ ସଭ୍ୟତା ମାଧ୍ୟମରେ ନିଜକୁ ମଧ୍ୟ ସାମିଲ କରିବା ଆବଶ୍ୟକ। ୨୦୨୬ ମସିହାର ମହିଳା ଦିବସ ଆମକୁ ଚେତାଇ ଦେଉଛି, କେବଳ ଦିନଟି ପାଳନ କଲେ ବା ଆଇନ ରହିଲେ ହେବ ନାହିଁ, ଚିନ୍ତାଧାରା, କାର୍ଯ୍ୟାନ୍ୱୟନ ଓ ବ୍ୟବସ୍ଥାକୁ ବଦଳାଇବା ସହିତ ନାରୀ ସମାନତା ସ୍ଲୋଗାନରୁ ବାହାରି ଦୈନନ୍ଦିନ ଜୀବନରେ ଉଭୟ ନର ଓ ନାରୀଙ୍କୁ ମିଳିତ ଭାବରେ ସମାଜକୁ ପରିବର୍ତ୍ତନ କରିବାକୁ ପଡ଼ିବ। କେବଳ ପୁରୁଷଙ୍କୁ ଦାୟୀ କରି ନାରୀ ନିଜର ସାମାଜିକ କର୍ତ୍ତବ୍ୟ ପଥରୁ ଓହରି ଗଲେ ପ୍ରକୃତ ନାରୀ ସ୍ୱାଧୀନତା ମିଳିବାକୁ ଆହୁରି ଅନେକ ବର୍ଷ ଲାଗିପାରେ- ଏଥିରେ କୌଣସି ସନ୍ଦେହ ନାହିଁ। ତେଣୁ ଉଭୟଙ୍କୁ ସମାଜର କଳୁଷିତ ପରମ୍ପରାକୁ ଦୃଢ଼ ଭାବରେ ବିରୋଧ କରିବାକୁ ପଡ଼ିବ ଓ ତା' ସହିତ ପ୍ରାଚୀନ ଭାରତର ସିନ୍ଧୁ ସଭ୍ୟତା ଓ ପ୍ରାରମ୍ଭିକ ବୈଦିକ ଯୁଗକୁ ଅନୁଧ୍ୟାନ କରି ଉଭୟ ସମାନୁପାତରେ ସମାଜକୁ କିଛି ଦେଇ ପାରିଲେ ଏକ ନୂଆ ସଭ୍ୟତାର ଉଦୟ ନିଶ୍ଚୟ ହୋଇ ପାରିବ।■

ମୋ: ୯୪୩୭୧୨୩୮୯୨

# ଅତୁଲ ବଳ: ବୁନ୍ଦାଏ ଅଶ୍ରୁ ସମୁଜ୍ଜ୍ୱଳ



ବିରଜା ରାଉତରାୟ

ଜାଣିଥିଲୁ, ତମ ପରି ଉଲ୍ଲସିତ ହୃଦୟଧାରୀମାନେ ଫେରି ଥାଆନ୍ତି ତ ଚୈତ୍ର ରଥରେ। ବସନ୍ତ ଉତ୍ସବର ବର୍ଣ୍ଣିଳ ବିଭାକୁ ସାକ୍ଷୀ ରଖି ମେଲାଣି ରଚନ୍ତି ଏ ସସାଗରା ପୃଥିବୀରୁ।

ତମେ କେବେ ପଢୁଥିବା କେନ୍ଦ୍ରାପଡ଼ା କଲେଜ କ୍ୟାମ୍ପସ୍‌ର ଧାଡ଼ି ଧାଡ଼ି ଦେବଦାରୁ ଗଛମାନେ ଚଇତାଳିର କୋରସ୍ ଗାଇବା ହଠାତ୍ ବନ୍ଦ କରିଦେଲେ ଯେ! ଯେଉଁଠି କାନ ପାତିଲେ ଝରଣା ପରି ଛଳ ଛଳ ତମ ଆଦ୍ୟ ତାରୁଣ୍ୟ, ଏକ ଏକ ବର୍ଣ୍ଣାଢ଼୍ୟ ଶବ୍ଦଚିତ୍ରର ଝଙ୍କାର ତୋଳେ। କେତେ ଥର କହିଛ, ଏଇଠି ଶୁଣିଛ କବି ଦୀପକ ମିଶ୍ରଙ୍କଠାରୁ କବିତାର ପଞ୍ଚାକ୍ଷର ମନ୍ତ୍ର, ଆଉ ଏଇଠୁ କୁଆଡ଼େ ସାଥୀ ହୋଇ ଶବ୍ଦର ଆକାଶକୁ ଉଡ଼ାଣ ଭରିଛ ଅଭୟ ଆଉ ତୁହିନାଂଶୁଙ୍କ ସହ। ପୁଣି ପ୍ରେମିକା ଗାଲର ତିଳ ଚିହ୍ନ ପରି ଏଇଠି ସାଇତିଛ ରୁମାଲରେ ହାତବୁଣା କାହା ନାମର ପ୍ରଥମ ଅକ୍ଷର।

ତମ ଜୀବନଟା ଆଉ କ'ଣ କି! ଗୋଟେ ମହ ମହ ବାସ୍ନାରେ ଭରା ଚଇତି ମାସର ଅଧାଲେଖା ଚିଠି। ସେଇଥିପାଇଁ ତ ସ୍ତବ୍ଧ ଦ୍ୱିପ୍ରହର ମୁହଁ ଗୋଟେ ଅସମାପ୍ତ କବିତାର ଧାଡ଼ି ପରି ଦିଶୁଥିଲା ବୋଧହୁଏ ଆଖିକୁ ତୁମ ବିଦାୟ ବେଳାରେ।

ଜାଣୁ, ଢେର୍ କିଛି ବର୍ଷ ହେଲା ଦ୍ୱିପ୍ରହର ନିର୍ଜନତାମାନଙ୍କ ସହ ତମର ଥିବା ଘନିଷ୍ଠ ବନ୍ଧୁତା ମୋଟେଇ ହୋଇ ବହି ରୂପ ନେଇ ସାରିଥିଲା ଏହା ଭିତରେ। ଯେବେଠୁ ଦୁରାରୋଗ୍ୟ ବ୍ୟାଧିର ଜାଲ ପରି ଅସ୍ତମିତ କାଳର ଛାଇ ତମ ଅସ୍ତିତ୍ୱକୁ ଆସି ଢାଙ୍କିଛି... ହୁଏତ, ବୋଧେ ସେବେଠୁ ମୁହଁ ଲୁଚାଇ ବନ୍ଧୁ ରୂପେ ବରି ନେଇଚ ଏ ନିର୍ଜନତାକୁ। ଏହି ବିଜନ ବେଳାକୁ।

ଯେଉଁ ଏକାନ୍ତରେ ତମେ ବସି ଶୁଣ ତମ ଦୀର୍ଘଶ୍ୱାସର ବଂଶୀ ସ୍ୱନ, ସେଠି ସବୁ ଥର ଶୂନ୍ୟରେ ଯୋଡ଼ିହୁଏ ଆସି ବିନ୍ଦୁ। ବିନ୍ଦୁରେ ଫୁଟିଉଠେ ଚିତ୍ର।

ପୁଣି ତାହାସବୁ ଧୀରେ ଧୀରେ ଚିତ୍ରମୟ କବିତାର ଆକାର ଧରେ। ଯେମିତି ଶ୍ରାବଣ ମାସର ଆକାଶରେ ଭସା ବାଦଲସବୁ ମେଳିହୋଇ ଆକାର ଧରନ୍ତି। ବିସ୍ତୀର୍ଣ୍ଣ ନୀଳିମାର ସିଲଟ ଉପରେ ଅବ୍ୟକ୍ତ ଚିତ୍ରଭାଷାକୁ ଆଙ୍କି ଚାଲିଥାନ୍ତି; ତମେ ସେମିତି ପଢ଼ି ପାରୁଥିଲ ସେହିସବୁ ଶୂନ୍ୟତାର ଚିତ୍ରମୟ ଭାଷାକୁ, ଯାହାକୁ ତମେ କିଛି ବର୍ଷ କାଳ ଭେଟି ଆସୁଥିଲ ଏକାନ୍ତରେ। ଯାହାର ବେପଥୁରେ ନିଜେ ନିଜେ ଶବ୍ଦଲୁହାଣ ହୋଇଛ। ଛାତିକୁ ବ୍ଲଟିଂ ପେପର କରି ସବୁତକ ଲୁହ ନିଜେ ହିଁ ପିଇଛ, ଆଉ ଧାରେ ହସର ଛଳ ଛଳ ଇମୋଜି ପାଳଟି ଲାଖି ଯାଇଛ ସମସ୍ତଙ୍କ ଆଖିରେ।

ଏ ମାଟିରୁ ଅର୍ଦ୍ଧ-ଆକାଶକୁ ଉଡ଼ାଣ ଭରୁଥିବା ସବୁ ଚିତ୍ରିତ ପ୍ରଜାପତିମାନଙ୍କ ଡେଣାର ରଙ୍ଗକୁ ଛୁଇଁ ସାରିଛି ତମ ତୂଳୀ। ସେଇଥିପାଇଁ ତ ପ୍ରଚ୍ଛଦ ଶିଳ୍ପୀର ଏକ ଅସାମାନ୍ୟ ହସ୍ତାକ୍ଷରର ନାମ ଅତୁଲ ବଳ। କେତେ ଯେ କାହାର ପୁସ୍ତକର ପ୍ରଚ୍ଛଦ ମଲାଟ ଅମରତ୍ୱ ନେଇ ସାରିଛନ୍ତି ତମ ଶୈଳ୍ପିକ ସ୍ପର୍ଶରେ କେବେ ଗଣିବାକୁ ଚାହିଁନାହିଁ। ସମୁଦ୍ର ସୈକତର କାରୁଚିତ୍ରଭରା ଶାମୁକା ପରି ବ୍ୟାପକତାର ପରିଧି। ପ୍ରଖ୍ୟାତ କଥାକାର ରାମଚନ୍ଦ୍ର ବେହେରାଙ୍କ ଗପ ଓ ଉପନ୍ୟାସର ପ୍ରଚ୍ଛଦ ରୂପାୟନଠାରୁ ଆରମ୍ଭ କରି ନୂଆ ପିଢ଼ିଙ୍କ କୃତୀରେ ମଧ୍ୟ ବାରିହୋଇ ପଡ଼ିଥାଏ ତୁମ ସିଦ୍ଧହସ୍ତତାର ସ୍ୱାକ୍ଷର। ଜୀବନ, ଦର୍ଶନ ଓ ସାଂପ୍ରତିକ ସମୟ ଏକ ନାନ୍ଦନିକ ଅଭିବ୍ୟକ୍ତିର ରୂପ ନେଇଥାନ୍ତି ତୁମର ପ୍ରତିଟି ଚିତ୍ରକାରିତାରେ। ବିଶେଷକରି ପତ୍ରିକା ହାଟରେ ତମ ଅଙ୍କନର କାଉଁରୀ ଛୁଆଁ ପାଇଥିବା ମଲାଟସବୁ ଅନନ୍ୟ ସ୍ୱକୀୟତାରେ ବାରିହୋଇ ପଡ଼ନ୍ତି। ପୁଣି ସେଇ



ପ୍ରଚ୍ଛଦଗୁଡ଼ିକ ଶାଳଗ୍ରାମ ପରି ଜୀବନ୍ତ ଶବ୍ଦ ପାଲଟି ଯାଆନ୍ତି ଦେଖୁ ଦେଖୁ ପ୍ରତିଟି ମଲାଟ ମନ୍ତ୍ରରେ। ଗଛରୁ ଆକାଶକୁ ପୁଣି ଆକାଶରୁ ଗଛକୁ ଖଣ୍ଡିଉଡ଼ା ଦେଇ ବୁଲୁଥିବା ସୃଜନର ହଳଦୀ ବସନ୍ତ ପରି ଏହି ମଲାଟ ମନ୍ତ୍ରସବୁ କାଳର ଗଭାରେ ତାରାଫୁଲ ହୋଇ ଲାଖି ଯାଇଛନ୍ତି। ଆହୁରି ବହୁ ଆଗ ଯାଏଁ ମନ୍ତ୍ର ପରି ଦିକି ଦିକି ସମ୍ମୋହନରେ ଆପ୍ଲୁତ କରି ଚାଲିଥିବେ ତୁମର ପ୍ରିୟ ପାଠକମାନଙ୍କୁ। ଆଉ ସେମାନେ ମୁଗ୍ଧ ମାନସରେ ଦୋହା ପରି ଦୋହରାଉ ଥିବେ ତମ ମଲାଟ ମନ୍ତ୍ରର ଗହନ ମର୍ମକୁ।

କେହି କେହି ପାଠକ ହୁଏତ ତମକୁ ମନେ ରଖି ପାରନ୍ତି, 'ଓଃ... ଅତୁଲ ବଳ! ଯିଏ 'ମୁକ୍ତିର ବର୍ଣ୍ଣବୋଧ'ର କଥାକାର! ଯିଏ ଅକୁହା କଥାଟିଏ କହିବା ପାଇଁ ଲେଖି ବସିଥାଏ ଗପ! ଯିଏ ଭିଡ଼ ଆଢୁଆଳରେ ଲୁଚି ଯାଇଥିବା ଚରିତ୍ରମାନଙ୍କ ଚିତ୍ରଣ ପାଇଁ ଲେଖି ବସିଥାଏ ଗପ! ଯିଏ ଅରମା ବଣରେ ଅଲକ୍ଷ୍ୟରେ ଧାପେ ସୁବାସ ଧରି ଝଡ଼ି ପଡୁଥିବା ଫୁଲମାନଙ୍କ ପାଇଁ ଲେଖି ବସିଥାଏ ଗପ! ହୁଏତ ସେଇଥିପାଇଁ ଅଳ୍ପ ବିସ୍ମୟ ଭିତରେ ରହିଗଲା ତମ ଗପମାନଙ୍କର ଗପ।

ଆସନ୍ତା କାଲି ହୁଏତ ତମକୁ ପୀଡ଼ା ଦେବାକୁ ନଥିବ ଦ୍ୱିପ୍ରହର ନିର୍ଜନତା। ତୁମକୁ କେଉଁଠି ନା କେଉଁଠି ଝୁରୁଥିବ ରହି ରହି କୁଣ୍ଠିତ ଚଇତାଳି। କେନ୍ଦ୍ରାପଡ଼ା କଲେଜର ଦେବଦାରୁ ଗଛ ପତ୍ର ସନ୍ଧିରେ ମୌନ ଅଭିମାନରେ ଅଟକି ରହିବେ କିଛି କ୍ଷଣ। ତା' ପରେ ବତୁରି ବତୁରି ଲମ୍ଫିଯିବେ ବାଣୀବିହାର ଆଡ଼କୁ। ସ୍ନାତକୋତ୍ତର ଅର୍ଥନୀତି ବିଭାଗର ସ୍କାଇଲାଇଟ୍ ଉପରେ ବସି କେଇ ମୁହୂର୍ତ୍ତ ପାରା ପରି ଘୁମୁରି ଘୁମୁରି କାନ୍ଦିବେ। ତା' ପରେ ସମସ୍ତଙ୍କ ଅଲକ୍ଷ୍ୟରେ ପରଟିଏ ଝାଡ଼ି ଉଡ଼ି ଆସିବେ ରାଜନଗର। ନିର୍ଜନ ରାତିରେ ଜଗନ୍ନାଥ ମହାବିଦ୍ୟାଳୟର ବନ୍ଦ ପଡ଼ିଥିବା ଅଧ୍ୟକ୍ଷଙ୍କ କୋଠରୀ ଟେବୁଲ ଉପରେ ଗଦା ଗଦା ବହି ଓ ପତ୍ରିକାର ମଲାଟସବୁ ଓଲଟି ଚାଲିବେ କେଉଁ ଉନ୍ମୁଖ ପରିପୂର୍ଣ୍ଣତାର ଆବାହନୀରେ।

ହୁଏତ, ତା' ପରେ ସେମାନେ ପେଣ୍ଠ ବେଳାଭୂମିର ଲହଡ଼ି ଚୂଡ଼ାରେ ଫେନିଳ ନୃତ୍ୟ ନାଚି ମିଳାଇ ଯାଉଥିବେ ନୀଳ ସମୁଦ୍ର ବକ୍ଷରେ। ସେତେବେଳେ ସବୁ ଶାନ୍ତ କୋହ ଏକାବେଳେ ମିଶି କହି ଉଠିବେ, ବିଦାୟ ଅତୁଲ ବଳ! ବିଦାୟ!■

ମାଧପୁର, କେନ୍ଦ୍ରାପଡ଼ା
ମୋ: ୯୬୫୮୮୧୦୨୪୪

# ମାଟିରେ ମିଶିଲା ଶତାୟୁ ଅନୁଷ୍ଠାନ 'ସୁନ୍ଦର କୁମାରୀ ଲେଡିଜ୍ କ୍ଲବ୍'

**ବଲାଙ୍ଗୀର,୭।୩/ଏନ୍ଏନ୍ଏସ୍:** ସମ୍ପ୍ରତି ସମାଜରେ ନାରୀଙ୍କୁ ଅଧିକ ଅଧିକାର ଦେଇ ସ୍ୱାବଲମ୍ବୀ ତଥା ସଶକ୍ତ କରିବାକୁ ପ୍ରୟାସ ଜାରି ରହିଛି। ନାରୀଙ୍କୁ ଭାବର ଆଦାନପ୍ରଦାନ ତଥା ଅବସର ବିନୋଦନ ପାଇଁ କେତେକ ସ୍ଥଳେ ଲେଡିଜ୍ କ୍ଲବ୍ ଓ ନାରୀ ସେବା ସଦନ ଭଳି ଅନୁଷ୍ଠାନର ଯଥେଷ୍ଟ ଆବଶ୍ୟକତା ରହିଛି। କିନ୍ତୁ ଆଜି ୧୯୪୧ ମସିହାରେ ବଲାଙ୍ଗୀର ସହରର ନାରୀଙ୍କ ଜାଗରଣ ପାଇଁ ସ୍ଥାପିତ 'ସୁନ୍ଦର କୁମାରୀ ଲେଡିଜ୍ କ୍ଲବ୍'ର ଅସ୍ତିତ୍ୱ ହଜିଯାଇଛି। ବଲାଙ୍ଗୀରର ପୁରୁଣା ରାଜବାଟିର ଏକ ଅଂଶରେ ଥିବା ବର୍ତ୍ତମାନର ଗୋପାଳଜୀ ମନ୍ଦିରର ପୁନଃରୁଦ୍ଧାର ବେଳେ ଏହି ଶତାୟୁ ଅନୁଷ୍ଠାନକୁ ଭାଙ୍ଗିଦେଇ ଚୁରମାର୍ କରିଦିଆଯାଇଛି। ମାର୍ଚ୍ଚ ୮ ତାରିଖ ମହିଳା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ତଥା ନେତାନେତ୍ରୀମାନେ ଅନେକ ଭାଷଣ ଦେବେ। କିନ୍ତୁ ନାରୀଙ୍କ ସଚେତନତା ପାଇଁ ଥିବା ଏକ ଅନୁଷ୍ଠାନକୁ ଭାଙ୍ଗି ଦିଆଗଲା ପରେ ମଧ୍ୟ କେହି ସ୍ୱର ଉତ୍ତୋଳନ କରୁନାହାନ୍ତି। ପାଟଣା ଇତିହାସରୁ ଜଣାଯାଏ ଯେ ସ୍ୱାଧୀନତା ପୂର୍ବରୁ ପାଟଣା ଗଡ଼ଜାତ ରାଜ୍ୟରେ ଚୌହାନ ବଂଶର ରାଜାମାନେ ଶାସନ କଲାବେଳେ ଅନେକ ଉନ୍ନତିମୂଳକ କାମ କରାଇଥିଲେ। ସେସମୟରେ ନାରୀ ସମାଜ ସେତେଟା ଶିକ୍ଷିତ ହୋଇନଥିଲା ଓ ଘରୁ ଗୋଡ଼ କାଢ଼ି ବାହାରକୁ ବାହାରୁନଥିଲା। ସେଥିପାଇଁ ନାରୀ ସଚେତନତା ଲାଗି ସୁନ୍ଦର କୁମାରୀ ଲେଡିଜ୍ କ୍ଲବ୍ ସ୍ଥାପନ କରି ଅବସର ବିନୋଦନ ପାଇଁ ସୁଯୋଗ ଦିଆଯାଇଥିଲା। ନାରୀ ଶିକ୍ଷା ଓ ସଚେତନତାରେ ଯେ ସମାଜର ମଙ୍ଗଳ ହେବ ତାହା ସେ ସମୟରେ ଉପଲବ୍ଧି କରିଥିଲେ। ସେହି ସମୟରେ ଏଠାରେ ମହିଳାମାନେ ଏକତ୍ରୀତ ହୋଇ ଭାବର ଆଦାନପ୍ରଦାନ କରିବା ସହ ଅନେକ ଖେଳ ପ୍ରତିଯୋଗିତା ମଧ୍ୟ ହେଉଥିବା କୁହାଯାଏ। ଏଠାରେ ଅନେକ ନାଟକ ମଧ୍ୟ ମଞ୍ଚସ୍ଥ ହୋଇଥିଲା ଓ ମହିଳା ଅଭିନେତ୍ରୀ ଏଠାରୁ ସୃଷ୍ଟି ହୋଇଥିଲେ। ୧୯୪୮ ମସିହାରେ ପାଟଣାଗଡ଼ ଜାତର ମିଶ୍ରଣ ପରେ ଏହା ଓଡ଼ିଶା ସରକାରଙ୍କ ହାତକୁ ଚାଲିଗଲା । ପରେ ଦେବୋତ୍ତର ବିଭାଗ ଅଧୀନରେ




ପୁନଃନିର୍ମାଣର ରହିଛି ଆବଶ୍ୟକତା

ଏହା ରହିଲା। ଅନେକ ବର୍ଷ ପର୍ଯ୍ୟନ୍ତ କିଛି ଉଦ୍ୟମୀ ମହିଳା ଏହି କ୍ଲବ୍‌କୁ ପରିଚାଳିତ କରିଥିବାବେଳେ ପରେ ମରାମତି ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଅବସ୍ଥା ଖରାପ ହୋଇଗଲା। ଏହାର ଚାରିକଡ଼େ ବୃକ୍ଷଲତା ବ୍ୟାପିଗଲା। ବ୍ୟବହାର ନହୋଇ ପଡ଼ି ରହିଥିବାରୁ ଶେଷରେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଗଲା । ପରେ ଏଠାରେ ଟେକ୍ନିଷ୍କାଣ୍ଡ କରାଗଲା। ଦୁଇ ବର୍ଷ ତଳେ ଗୋପାଳଜୀ ମନ୍ଦିରର ପୁନଃରୁଦ୍ଧାର କରାଯିବା ବେଳେ ସେହି ଲେଡିଜ୍ କ୍ଲବ୍‌ର ଜରାଜୀର୍ଣ୍ଣ ବିଲଡିଂକୁ ଭାଙ୍ଗି ଦିଆଯାଇଥିଲା। ଫଳରେ ରାଜୁଡ଼ା ଅମଳରୁ ଥିବା ଏକ ନାରୀ ସେଚତନତାର ପରିଚୟ ଶେଷରେ ହଜିଯାଇଛି। କେତେକ ବୁଦ୍ଧିଜୀବୀ ଏହାକୁ ହେରିଟେଜ୍ ବିଲଡିଂ ହିସାବରେ ପୁନଃନିର୍ମାଣ କରାଇ ସୁରକ୍ଷିତ କରିବାକୁ ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ। ତଥାପି ବଲାଙ୍ଗୀର ଅସ୍ମିତାକୁ ହଜାଇ ଦିଆଗଲା। ପୂର୍ବ ସରକାର ମିଶନଶକ୍ତି ଜରିଆରେ ମହିଳାଙ୍କୁ ସଚେତନ ଓ ସ୍ୱାବଲମ୍ବୀ କଥା କହୁଥିବାବେଳେ ବର୍ତ୍ତମାନର ବିଜେପି ସରକାର ସୁଭଦ୍ରା ଓ କନ୍ୟାରତ୍ନ ଯୋଜନା ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଦକ୍ଷତା ତାଲିମ୍ ଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କରିବା କଥା କୁହାଯାଉଛି। ଦେଢ଼ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ବଲାଙ୍ଗୀର ସହରର ୫୦ ପ୍ରତିଶତ ହେଉଛନ୍ତି ମହିଳା । ବଲାଙ୍ଗୀର ସଂସଦୀୟ କ୍ଷେତ୍ରରେ ଗତ ୯୦ ଦଶକରୁ ଜଣେ ମହିଳା ସାଂସଦ ପ୍ରତିନିଧିତ୍ୱ କରିଆସୁଛନ୍ତି। ବଲାଙ୍ଗୀର ରାଜବଂଶର ସଙ୍ଗୀତା କୁମାରୀ ସିଂଦେଓ ଏବେ ସାଂସଦ ରହିଛନ୍ତି। ସେହିପରି ବଲାଙ୍ଗୀର ପୌରପରିଷଦରେ ଗତ ୩ଟି ଟର୍ମ ବିଜେଡି ଦଳରୁ ୩ ଜଣ ମହିଳା ପୌରାଧକ୍ଷା ରହିଆସିଛନ୍ତି। ସରକାର ମିଶନଶକ୍ତି ଭବନ ନିର୍ମାଣ କରାଉଛନ୍ତି ଯାହାକି ବ୍ୟବହାର ମଧ୍ୟ ହେଉନାହିଁ । କିନ୍ତୁ ସୁନ୍ଦର କୁମାରୀ ଦେବୀଙ୍କ ନାମରେ ଥିବା ଏଭଳି ଏକ ଅନୁଷ୍ଠାନର ସୁରକ୍ଷା କଥା କେହି ମଧ୍ୟ ଚିନ୍ତା କଲେନାହିଁ। ବଲାଙ୍ଗୀର ସହରରେ ଏବେ ମଧ୍ୟ ମହିଳାଙ୍କ ପାଇଁ ଭାବର ଆଦାନପ୍ରଦାନ ତଥା ସଚେତନାତା କାର୍ଯ୍ୟକ୍ରମ ପାଇଁ କୌଣସି ସ୍ୱତନ୍ତ୍ର ଅନୁଷ୍ଠାନ ନାହିଁ । ତେଣୁ ବଲାଙ୍ଗୀରର ରାଜନେତା, ପୌରପାଳିକା, ବିଧାୟକ ଓ ସାଂସଦ ମିଳିତ ଉଦ୍ୟମ କରି ପୁଣିଥରେ ସୁନ୍ଦର କୁମାରୀଙ୍କ ନାମରେ ସ୍ଥାପିତ ହୋଇଥିବା ସେହି ଲେଡିଜ୍ କ୍ଲବ୍‌କୁ ପୁନଃନିର୍ମାଣ କରାଇବାର ଆବଶ୍ୟକତା ରହିଛି।

## ଅଳିଆରୁ ନିଆଁ ଲାଗି ଜଳିଗଲା କୁକୁଡ଼ା ଫାର୍ମ



**ବୌଦ୍ଧ,୭।୩/ଏନ୍ଏନ୍ଏସ୍:** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଧଲପୁର ଗ୍ରାମରେ ଏକ କୁକୁଡ଼ା ଫାର୍ମରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଜଣାପଡ଼ିଛି। ଗ୍ରାମର ଅଜିତ ପାତ୍ରଙ୍କ କୁକୁଡ଼ା ଫାର୍ମରେ ଶନିବାର ୩ଟାରେ ଅଚାନକ୍ ନିଆଁ ଲାଗିଥିଲା। ଫଳରେ କୁକୁଡ଼ା ଫାର୍ମର ଆଜବେଷ୍ଟ, ପ୍ଲାଷ୍ଟିକ୍ ପାଇପ୍ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଘଟଣା ସମୟରେ ଅଗ୍ନି ଦ୍ରୁତ ଗତିରେ ପ୍ରସାରିତ ହେବାରୁ କିଛି ସମୟ ପର୍ଯ୍ୟନ୍ତ ଆତଙ୍କ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ହରଭଙ୍ଗା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ହରଭଙ୍ଗା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ପ୍ରୟାସ କରି ନିଆଁକୁ ଆୟତ୍ତ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦାଦନ ଶ୍ରମିକ ମୃତ

### ସରକାରୀ ସହାୟତା ଯୋଗାଇବାକୁ ଦାବି

**କୋକସରା,୭।୩/ଏନ୍ଏନ୍ଏସ୍:** ହାଇଦ୍ରାବାଦ ସହରର ଏକ ଘରୋଇ ସଂସ୍ଥାରେ କାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହାସହ ଅନ୍ୟଜଣେ ଗୁରୁତର ଆହତ ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଖବର ସାମ୍ନାକୁ ଆସିଛି। ମୃତକ ଜଣକ ହେଲେ ଉହଗାଁ ପଞ୍ଚାୟତ ସର୍ଗିଗୁଡ଼ା ଡଙ୍ଗରୀପଡ଼ାର ଦୁଲ୍ଲଭ ମାଝୀ ଓ ଗୁରୁତର ଜଣକ ସେହି ଗ୍ରାମର ଚନ୍ଦ୍ର ଶେଖର ମାଝୀ। ଉଭୟ ଗତ ୩ରୁ ୪ ମାସ ତଳେ ଗାଁର କିଛି ଯୁବକଙ୍କ ସହ ହାଇଦ୍ରାବାଦ ସହର ପଟାନଚେରୁର ନନ୍ଦିଗାଁକୁ କାମ ଅନ୍ୱେଷଣରେ ଯାଇ ଏକ ଘରୋଇ ସଂସ୍ଥା ଜରିଆରେ ବିଲ୍ଡିଂ କାମରେ ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ସକାଳେ ବିଲ୍ଡିଂ କାମରେ ନିୟୋଜିତ ରହିଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଲ୍ଲଭଙ୍କ ମୃତ୍ୟୁ ହୋଇଥିଲା। ଚନ୍ଦ୍ରଶେଖରଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ବ୍ୟୟବହୁଳ ଅସ୍ତ୍ରୋପଚାର ଆବଶ୍ୟକ ରହିଥିବା ଜଣାପଡ଼ିଛି। ଅନ୍ୟପଟେ ସ୍ଥାନୀୟ ପୁଲିସ୍ ଏକ ମାମଲା ରୁଜୁ କରି ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇ ସାଥୀ ଶ୍ରମିକ ଓ ଠିକା ସଂସ୍ଥାକୁ ହସ୍ତାନ୍ତର କରିଥିବାବେଳେ ଆମ୍ବୁଲାନ୍ସ ଯୋଗେ ନିଜ ଭିଟାମାଟିକୁ ଶବ ଫେରୁଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ମୃତ ଯୁବକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ଯୋଗୁ ଦାଦନ ଖଟିବାକୁ ଯାଇଥିଲେ। ତେଣୁ ମୃତକଙ୍କ ପରିବାର ଓ ଗୁରୁତର ଥିବା ଯୁବକଙ୍କ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଛି।

## ମହିଳା ଦିବସରେ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ



**ମାଲକାନଗିରି,୭।୩/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଥମଦିନ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ ମାଲକାନଗିରି ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ଉପସ୍ଥିତ ଥିଲେ। ଏହି ଅବସରରେ ଶାରୀରିକ ଫିଟନେସ୍, ପୋଷଣ ଓ ମାନସିକ ସୁସ୍ଥତା ସକାଶେ ସାମୁହିକ ଯୋଗ ଅଧିବେଶନ ସମ୍ପର୍କରେ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ



**ଝାରସୁଗୁଡ଼ା,୭।୩/ଏନ୍ଏନ୍ଏସ୍:** ଡିଜିଟାଲ୍ ଅପରାଧର ମୁକାବିଲା ଏବଂ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ ଦିଗରେ ଏକ ପ୍ରମୁଖ ପଦକ୍ଷେପସ୍ୱରୂପ ଝାରସୁଗୁଡ଼ାରେ ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନା ଭବନ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ଥିଲେ। ଏହି ନୂତନ ଥାନା ପ୍ରତିଷ୍ଠା ଦ୍ୱାରା ଜିଲ୍ଲାରେ ବଢୁଥିବା ସାଇବର୍ ଠକେଇ ଏବଂ ଆର୍ଥିକ ଅନିୟମିତତା ମାମଲା ଗୁଡ଼ିକର ତୁରନ୍ତ ତଦନ୍ତ ଓ ସମାଧାନ ହୋଇପାରିବ।

## ଖେଲୋ ଇଣ୍ଡିଆ ତାଲିମ୍ କେନ୍ଦ୍ରରେ ଆନ୍ତର୍ଜାତିକ ମହିଳା ଦିବସ



**ଲାଞ୍ଜିଗଡ଼,୭।୩/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ସ୍ଥିତ ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥିବା ଖେଲୋ ଇଣ୍ଡିଆ ତାଲିମ୍ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥିଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ-୨ ଅଧକ୍ଷ ଉମାକାନ୍ତ ବେଣୁପାଣି, ତିରନ୍ଦାଜ୍ କୋଚ୍ ସୀମାଞ୍ଚଳ କାତ୍ରାକା ଓ ଶମ୍ଭୁନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ଖେଲୋ ଇଣ୍ଡିଆ କେନ୍ଦ୍ରର ପ୍ରଶିକ୍ଷିକା ଦୋଲେଶ୍ୱରୀ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ। ଶାରୀରିକ ଫିଟନେସ୍, ପୋଷଣ ଓ ମାନସିକ ସ୍ୱଚ୍ଛତା ନିମନ୍ତେ ସାମୁହିକ ଯୋଗ ଅଧିବେଶନ ବିଷୟରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଆଦିବାସୀ ଅଧୁଷିତ ଲାଞ୍ଜିଗଡ଼ ମାଟିର ସଫଳତା ପାଇଁ ଏହି ଛାତ୍ରୀମାନେ ଗୋଟିଏ ଗୋଟିଏ ପ୍ରମୁଖ ଅଂଶବିଶେଷ ସୁତରାଂ ଏମାନଙ୍କ ଜୀବନ ଧାରରେ ଏକ ବିରାଟ ପରିବର୍ତ୍ତନ ଆଣିବା ସହିତ ଏମାନଙ୍କୁ ସଶକ୍ତ କରିବାର ଧାରା ଆମେ ଜାରି ରଖିଛୁ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପାଢ଼ୀ ମତପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ସାମାଜିକ ଗଣମାଧ୍ୟମ କର୍ମଶାଳା

**ଭବାନୀପାଟଣା,୭।୩/ଏନ୍ଏନ୍ଏସ୍:** ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାସ୍ତରୀୟ ସାମାଜିକ ଗଣମାଧ୍ୟମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଳର ଓଡ଼ିଶା ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାଶ ଯୋଗଦେଇ ସାମାଜିକ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଜେପି ସରକାର ଲୋକଙ୍କୁ ମିଥ୍ୟା କଥା କହି ସାମାଜିକ ଗଣମାଧ୍ୟମରେ ନିଜର ପ୍ରଚାର ପ୍ରସାର କରୁଛି। ଉଭୟ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ଗତ ନିର୍ବାଚନରେ ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚିତ ହୋଇଥିଲା। ସେହି ଦଳର ମିଥ୍ୟା କଥାକୁ ଅଧିକରୁ ଅଧିକ ମାତ୍ରାରେ ବୁଥ୍‌ସ୍ତରକୁ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ସାଂସଦ ପାର୍ଥୀ ଦ୍ରୌପଦୀ ମାଝୀ, ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ବରିଷ୍ଠ କଂଗ୍ରେସ




ନେତା ଉଚ୍ଛବ ସାହୁ, ସାମାଜିକ ଗଣମାଧ୍ୟମ ଏବଂ ମିଡିଆ ସେଲ୍ ଜିଲ୍ଲା ସଂଯୋଜକ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ବ୍ରଜ୍ ସାହୁ, ଭାଗବତ ବାବୁ, ଜିଲ୍ଲା ସାଧାରଣ ସମ୍ପାଦକ ନୀମାଞ୍ଚଳ ନାୟକ, ସୁଦର୍ଶନ ବିଶ୍ୱାଳଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ୍‌ର ବ୍ଲକ୍ ସଭାପତି ଓ ସାମାଜିକ ଗଣମାଧ୍ୟମ ସଂଯୋଜକମାନେ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

**ମ.ରାମପୁର,୭।୩/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁରରେ ବ୍ଲକ୍‌ସ୍ତରୀୟ ସନ୍ଥକବି ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମ.ରାମପୁର ବିଡିଓ ଶରତ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ୨୬୬ ଜଣ ନାମ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୯୮ ଜଣ ଶାରୀରିକ ଭିନ୍ନକ୍ଷମ, ୩୫ ଜଣ ଚକ୍ଷୁ ଭିନ୍ନକ୍ଷମ, ୪୪ ଜଣ ମୂକ ଓ ବଧୀର ୨୫ ଜଣ ମାନସିକ ଭିନ୍ନକ୍ଷମଙ୍କ ସମେତ ୯୦ ଜଣ ଅନ୍ୟାନ୍ୟ ଉପସ୍ଥିତ ଥିଲେ। ଏଥିରେ ବାଣିଶ୍ରୀ ପାଇଁ ୨ ଜଣ, ଘର ପାଇଁ ଜଣେ, ବସ୍ ଓ ଟ୍ରେନ୍ ପାସ୍ ପାଇଁ ୩୬ ଜଣ ଆବେଦନ କରିଥିଲେ। ୨୩ ଜଣଙ୍କୁ କୃତ୍ରିମ ଉପକରଣ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩ ଜଣ ସ୍ପେସିଆଲିଷ୍ଟ ଡାକ୍ତର, ୨ ଜଣ ଟେଲି ମେଡିସିନ୍ ଡାକ୍ତର ଓ ବ୍ଲକ୍‌ର ସମସ୍ତ କର୍ମଚାରୀ, ଦିବ୍ୟାଙ୍ଗ ମଞ୍ଚ ପ୍ରତିନିଧି, ସାଇବର୍ ସାଇଟ୍ କର୍ମଚାରୀ ଓ କୃତ୍ରିମ ଅଙ୍ଗ ବଣ୍ଟନ ପାଇଁ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମାନସିକ ଅନଗ୍ରସର ମହିଳା ଉଦ୍ଧାର

**ଦେବଗଡ଼,୭।୩/ଏନ୍ଏନ୍ଏସ୍:** ଦେବଗଡ଼ କୁଣ୍ଢେଇଗୋଳା ଥାନା ଅଧିକାରୀ ଜଣେ ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଦୁଇଦିନ ମେଡିକାଲ୍‌ରେ ଚିକିତ୍ସିତ ହେବା ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିବାସ ଜାନୀଙ୍କ ତତ୍ତ୍ୱାବଧାନରେ ତାଙ୍କୁ ସୋନପୁରସ୍ଥିତ ପିପୁଲ୍ ଫରମ୍‌ଙ୍କୁ ପଠାଯାଇଥିଲା। ସେଠାରେ ତାଙ୍କର ଆବଶ୍ୟକ ଯତ୍ନ ଓ ଚିକିତ୍ସା ନିମନ୍ତେ ଥଇଥାନ୍ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




### ବାଲି ଖାଦାନରେ ଉପଜିଲ୍ଲାପାଳଙ୍କ ଚଢ଼ଉ

## ୭ ଟ୍ରାକ୍ଟର୍ ଜବତ, ୩ ଲକ୍ଷ ୫୬ ହଜାର ଜରିମାନା ଆଦାୟ

**ରାୟଗଡ଼ା,୭।୩/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାରେ ପ୍ରତିଦିନ ମନଇଚ୍ଛା ଲଘୁ ଖଣିଜ ଚୋରି ହେଉଛି। ଖାଦାନ ଅନୁମତିଠାରୁ ଅଧିକ ବାଲି ଉତ୍ତୋଳନ କରାଯାଉଛି। କାଗଜପତ୍ରରେ ବାଲିଘାଟ ଗୁଡ଼ିକ ବିଭିନ୍ନ କାରଣରୁ ବନ୍ଦ ଥିଲେ ସୁଦ୍ଧା ସେଥିରୁ ମନଇଚ୍ଛା ବାଲି ଖନନ କରି ବାହାରକୁ ବିକ୍ରି ହେଉଥିବା ବାରମ୍ବାର ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଶନିବାର ସକାଳେ ଗୁଣପୁର ଉପଜିଲ୍ଲାପାଳ ଧୂଧାଲ୍ ଅଭିଷେକ ଦିଲ୍ଲୀପଙ୍କ ନେତୃତ୍ୱରେ ଦୁଇ ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ୍, ଯୋହନ ବଡଭୁୟାଁ, ୨ ଅତିରିକ୍ତ ତହସିଲଦାର୍ ଅଭିଳାଷ ଶତପଥୀ, ସୁଶ୍ରୀ ଦୀପାରାଣୀ ବେହେରା ଓ କନିଷ୍ଠ ଖଣି ଅଧିକାରୀ ରାଜେନ୍ଦ୍ର ବିଶୋୟୀଙ୍କ ସହ ହଠାତ୍ ବଂଶଧାରା ବାଲି ଖାଦାନ ଚଢ଼ଉ କରାଯାଇଥିଲା। ସେଠାରୁ ବେନିୟମ ଭାବେ ଚାଲାଣ ହେଉଥିବା ୭ଟି ବାଲି ବୋଝେଇ



ଟ୍ରାକ୍ଟରକୁ ଜବତ କରି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଅଟକ ରଖାଯାଇଛି। ଯାଞ୍ଚ ସମୟରେ ଟ୍ରାକ୍ଟର୍ ଗୁଡ଼ିକର କାଗଜପତ୍ର ଅବୈଧ ଥିବା ସହ ଚାଳକଙ୍କ ଲାଇସେନ୍ସ ମଧ୍ୟ ନଥିବା ଅଧିକାରୀ ଦେଖିବାକୁ ପାଇଥିଲେ। ଇସ୍ପାତ୍ ଓ ଖଣି ବିଭାଗ ଦ୍ୱାରା ଜାରି ହୋଇଥିବା ନୂତନ ଏସ୍ଓପି ନଂ. ୨୩୪୫ ଅନୁଯାୟୀ ଚଢ଼ଉ କରାଯାଇଥିଲା। ମୋଟ୍ ୭ ଟ୍ରାକ୍ଟର୍‌ରୁ ୩ ଲକ୍ଷ ୫୬ ହଜାର ୫୫୨ ଟଙ୍କା ଖଣି ବିଭାଗ ପକ୍ଷରୁ ଚାଲଣ ମାଧ୍ୟମରେ ଫାଇନ୍ ଆଦାୟ କରାଯାଇଥିବା ନେଇ ଗୁଣପୁର କନିଷ୍ଠ ଖଣି ଅଧିକାରୀ ରାଜେନ୍ଦ୍ର ବିଶୋୟୀ ସୂଚନା ପ୍ରଦାନ କରିଛନ୍ତି ।ରୀଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଫଳରେ ନିଆଁ ଅନ୍ୟ ସ୍ଥାନକୁ ବ୍ୟାପି ନଥିଲା। ଅଳିଆ ପୋଡ଼ାରୁ ଫାର୍ମରେ ନିଆଁ ଲାଗିଯାଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି।

### ଗଣ୍ଡାବାହାଲି ମୁଖ୍ୟରାସ୍ତା ନିର୍ମାଣ ପ୍ରସଙ୍ଗ

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

**ସିନାପାଲି,୭।୩/ଏନ୍ଏନ୍ଏସ୍:** ସିନାପାଲି-ଖଡ଼ିଆଳ ମୁଖ୍ୟରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଦୀର୍ଘଦିନର ପ୍ରଚେଷ୍ଟା ପରେ ଜିଲ୍ଲା ତଥା ବ୍ଲକ୍ ପ୍ରଶାସନର ପ୍ରତିଶ୍ରୁତି ମୁତାବକ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିଛି। ପୂର୍ବରୁ ୪୧ ଜଣଙ୍କ ଜବରଦଖଲ ଉଚ୍ଛେଦ ପାଇଁ ଚିହ୍ନଟ କରାଯାଇଥିବାବେଳେ ଶୁକ୍ରବାର ପୂର୍ବାହ୍ନରୁ ଉଚ୍ଛେଦ ଆରମ୍ଭ ହୋଇଛି। ଏହି ସମୟରେ ନୂଆପଡ଼ା ଉପଜିଲ୍ଲାପାଳ ସୁର୍ମୀ ସୋରେନ, ସିନାପାଲି ତହସିଲଦାର୍ ଉପାଞ୍ଜାଲି ମାଝୀ, ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ସିନାପାଲି ଆଇଆଇସି ଦୁର୍ଗାମାଧବ ବାଗ ପ୍ରମୁଖଙ୍କ ସମେତ ରାଜସ୍ୱ ବିଭାଗୀୟ ଅଧିକାରୀ, ସିନାପାଲି ଓ ବୋଡେନ୍ ପୁଲିସ୍, ବିଦ୍ୟୁତ୍ ବିଭାଗୀୟ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।



ସୂଚନାଯୋଗ୍ୟ ସିନାପାଲି-ଖଡ଼ିଆଳ ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗଣ୍ଡାବାହାଲି ନିକଟରେ ବିବାଦୀୟ ହୋଇ ଅଟକି ରହିଥିଲା । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିଲା। କେବଳ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିଲେ। ଦିନକୁଦିନ ଏହି ମୁଖ୍ୟରାସ୍ତା ଅଦିନିଆ ନଈ ପାଲଟିଥିବା ଦେଖିବାକୁ ମିଳିଛି। ଏନେଇ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତୁରନ୍ତ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ ସହ ପ୍ରଶସ୍ତିକରଣ କରିବାକୁ ଅନୁରୋଧ କରିଥିଲେ। ନଚେତ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଥିଲେ। ଫଳରେ ପ୍ରଶାସନ ତତ୍ପରତା ଦେଖାଇ ସଂପୃକ୍ତ ଗଣ୍ଡାବାହାଲିରେ ପହଞ୍ଚି ଗ୍ରାମବାସୀଙ୍କ ସହ ବୈଠକ ମାଧ୍ୟମରେ ଆଲୋଚନା କରି ୫ ତାରିଖ ସୁଦ୍ଧା ଜବରଦଖଲ ଉଚ୍ଛେଦ କରିବା ସହ ରାସ୍ତା ପ୍ରଶସ୍ତିକରଣ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ୫ ତାରିଖ ପରିବର୍ତ୍ତେ ୬ ତାରିଖ ନୂଆପଡ଼ା ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି।

# ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

**ସୋର,୭।୩/ଏନ୍ଏନ୍ଏସ୍:** ସୋର ଥାନା ମାଣତ୍ରୀ (ଜହ୍ନଆଁ) ଗ୍ରାମର ଏକ ପରିବାର ମେଳଣ ଦେଖିବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଗ୍ରାମର ସୁଧାକର ସାହୁଙ୍କ ପରିବାର ଲୋକେ ଶୁକ୍ରବାର ନିକଟରେ ହେଉଥିବା ଦହୀପୁର ମେଳଣ ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚାବି ଭାଙ୍ଗି ଘରେ ପଶି ୫ ଲକ୍ଷରୁ ଅଧିକ ଟଙ୍କାର ଗହଣା ଓ ନଗଦ ଟଙ୍କା ଚୋରି କରି ଫେରାର୍ ହୋଇଯାଇଥିଲେ। ତେବେ ପରିବାର ଲୋକେ ରାତିରେ ମେଳଣରୁ ଫେରିବା ପରେ ଚୋରି ହୋଇଥିବା ଜାଣିପାରି ସୋର ପୁଲିସ୍‌କୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲା। ଶନିବାର ସକାଳେ ଏ ବାବଦରେ ପରିବାର ଲୋକଙ୍କ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପ୍ରସ୍ତାବିତ ରେମୁଣା ପର୍ଯ୍ୟଟନ କରିଡର୍ ବୁଲିଲେ ସାଂସଦ

**ବାଲେଶ୍ୱର,୭।୩/ଏନ୍ଏନ୍ଏସ୍:** ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରସ୍ତାବିତ ରେମୁଣା ପର୍ଯ୍ୟଟନ କରିଡର୍ ବୁଲି ଦେଖିଛନ୍ତି। ଏହି ସମୟରେ ସାଂସଦଙ୍କ ସହ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,



ଉପଜିଲ୍ଲାପାଳ ଶିବ ମାଲବ୍ୟ, ସିଡିଓ ସଞ୍ଜୟ କୁମାର ରାଉତ, ରେମୁଣା ବିଡିଓ ସୌରଭ ସାର୍ଥକ ମହାପାତ୍ର ଓ ତହସିଲଦାର୍ ଉତ୍ତହରି ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକଭାବେ ଏହି କରିଡର୍‌ରେ ମନ୍ଦାରପୁର ପଞ୍ଚାୟତ କାଠସଙ୍ଗଡ଼ାସ୍ଥିତ ତ୍ରିବେଣୀ ସ୍ଥଳ, ରେମୁଣା ଏନ୍ଏସି ଅଧିନ ସପ୍ତଶରା, ରାମଚଣ୍ଡୀ ମନ୍ଦିର, ଗାର୍ଗେଶ୍ୱର ଶୈବପୀଠ, ଗୋପୀନାଥ ମନ୍ଦିର, ବଳଦେବ ବିଦ୍ୟାଭୂଷଣ ପୀଠ, ପତ୍ରିପାଳ ପଞ୍ଚାୟତର କନକଦୁର୍ଗା ମନ୍ଦିର, ଭୀମେଶ୍ୱର ଶୈବପୀଠ, ବଡ଼ପାଳ ପଞ୍ଚାୟତର ଶ୍ରୀଧରସ୍ୱାମୀ ପୀଠ ଓ କଙ୍କାଳି ମଠ, ଦୁର୍ଗାଦେବୀ ଓ ଇମାମୀ ଜଗନ୍ନାଥ ମନ୍ଦିର ଅନ୍ତର୍ଭୁକ୍ତ ରହିଛି। ଏହାଦ୍ୱାରା ଅଞ୍ଚଳର ପର୍ଯ୍ୟଟନ ବିକାଶ ସହ ଅର୍ଥନୈତିକ ଉନ୍ନତିର ନୂତନ ଦିଗ ଖୋଲିବ। ଏହି ପୀଠସ୍ଥଳୀମାନଙ୍କର ସମୃଦ୍ଧ ଐତିହ୍ୟ ଓ ଧାର୍ମିକ ମହତ୍ତ୍ୱ ଆଗାମୀ ଦିନରେ ଅଧିକ ଲୋକଙ୍କୁ ଆକର୍ଷିତ କରିବ ବୋଲି ଆଶାପ୍ରକାଶ କରାଯାଇଛି। ପରେ ବାଲଗୋପାଳପୁରସ୍ଥିତ ଇମାମି ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସବୁ ପୀଠସ୍ଥଳୀ ଗୁଡ଼ିକୁ ସଂଯୋଗ କରାଯାଇ ଏକ ପର୍ଯ୍ୟଟନ ବଳୟ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୟାନନ୍ଦ ଦାସ, ଶିଳ୍ପୀ କେଶୁ ଦାସ, ନିରଞ୍ଜନ ଗିରି, ରମାକାନ୍ତ ପଣ୍ଡା, ଜୟନ୍ତ ମଣ୍ଡଳ, ହରେକୃଷ୍ଣ ଗରି, ଗିରିଧାରୀ ଦାସ, ମୟାଧର ପ୍ରଧାନ, ସରୋଜ କୁମାର ବେହେରା, ପ୍ରମୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଜୟକୃଷ୍ଣ ସାହୁ, ପ୍ରଦୀପ କୁମାର ଜେନା, ଦିଲ୍ଲୀପ କୁମାର ଦେ, ଉମେଶ ଚନ୍ଦ୍ର ମଣ୍ଡଳ ଓ ଚିତ୍ତରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରେମୁଣା ଏନ୍ଏସିସ୍ଥିତ କ୍ଷୀରଚୋରା ପଞ୍ଚତୀର୍ଥ ଅଧୀନ ମାଧବେନ୍ଦ୍ର ପୁରୀ ଗୋସ୍ୱାମୀ ମଠ, ସେରଗଡ଼ର ଖଜୁରେଶ୍ୱର ଶୈବପୀଠ, ନୂଆଗାଁ ପଞ୍ଚାୟତ ବଇଁଚାର ଜଗନ୍ନାଥ ମନ୍ଦିର, ଚଷାଖଣ୍ଡ ପଞ୍ଚାୟତର ଶହୀଦ ବାଘାଯତୀନ, ଜୟୀ ରାଜଗୁରୁଙ୍କ ସ୍ମୃତିପୀଠ, ଇଞ୍ଚୁଡ଼ି-ତାଳପଦା-ତୁଣ୍ଡୁରା ବେଳାଭୂମି, ଶ୍ରୀଜଙ୍ଗର ମଲ୍ଲିକା ସାଗର-ଅଚ୍ୟୁତ ସାଗର ପୋଖରୀ, ଶହୀଦ ସ୍ମୃତୀସ୍ତମ୍ଭ ଓ ଲବଣତୀର୍ଥ ପୀଠ, ବରୁଣସିଂର ଶ୍ୟାମରାଇଜିଉ ରାଧାକୃଷ୍ଣ ମନ୍ଦିରକୁ ରେମୁଣା ପର୍ଯ୍ୟଟନ କରିଡର୍‌ରେ ସାମିଲ କରିବାକୁ ପୂର୍ବତନ କାର୍ଡ ବ୍ୟାଙ୍କ ସଭାପତି ଅନିରୁଦ୍ଧ ଦାସ, ସାମ୍ବାଦିକ ରବୀନ୍ଦ୍ର ମହାକୁଡ଼, ସୁଧୀର କୁମାର ଦାସ, ସେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର, ଲେଙ୍କା, ପ୍ରେମରଞ୍ଜନ ପାତ୍ର ଓ ପପୁ ସିଂହ ପ୍ରମୁଖ ଦାବି କରିଛନ୍ତି।

# ମୋବାଇଲ୍ ଲୁଟି ମରଣାନ୍ତକ ଆକ୍ରମଣ



**ଯୋଡ଼ା,୭।୩/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ମୋବାଇଲ୍ ଏବଂ ଟଙ୍କା ଲୁଟି ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ଫେରାର୍ ମାରିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ଯୋଡ଼ା ବନେଇକଳା ବସ୍ତିର ଦିଲ୍ଲୀପ ନାଏକ (୩୯)। ଦିଲ୍ଲୀପ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟାରେ ଘରୁ ବାହାରି ସହିଦ ନଗର ମାର୍କେଟ୍ ବୁଲି ଯାଇଥିଲେ। ତେବେ ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇନଥିଲେ। ଶନିବାର ସକାଳେ ସ୍ଥାନୀୟ ଲୋକେ ଖବର ଦେବାରୁ ପରିବାର ଲୋକେ ତାଙ୍କୁ ଯୋଡ଼ା ପୋଷ୍ଟ ଅଫିସ୍ ଗଳିରେ ଅଚେତ ଏବଂ ରକ୍ତାକ୍ତ ଅବସ୍ଥାରେ ପାଇ ଉଦ୍ଧାର କରି ପ୍ରାୟ ୧୦ଟାରେ ଟାଟା ମେଡିକାଲ୍‌କୁ ନେଇଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରି ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏନେଇ ଥାନାରେ ଏକ ଲୁଟ୍ ଏବଂ ମାରଣାତ୍ମକ ଆକ୍ରମଣର ଅଭିଯୋଗ କରିବା ସହ ପାଖ ହଟିଂର ୩ ଜଣ ମିଶି ମୋବାଇଲ୍ ଏବଂ ଟଙ୍କା ଲୁଟି ପଥରରେ ଆକ୍ରମଣ କରିଥିଲେ ବୋଲି ଦିଲ୍ଲୀପ ପରିବାର ଲୋକଙ୍କୁ କହିଥିବା ନେଇ ପରିବାର ଲୋକେ ସୂଚନା ଦେଇଛନ୍ତି।

# ୨.୫ ଲକ୍ଷ ଟଙ୍କାର ମେଡିସିନ୍ ଜବତ, ଜଣେ ଗିରଫ

**ଖଇରା,୭।୩/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମରେ ଜିଲ୍ଲା ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨.୫ ଲକ୍ଷ ଟଙ୍କାର ମେଡିସିନ୍ ଜବତ କରାଯାଇଛି। ଏହାସହ ବେଆଇନ କାରବାରରେ ସମ୍ପୃକ୍ତ ଅମିତାଭ ପାଢ଼ୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଅମିତାଭଙ୍କର ସୋରରେ ଏକ ମେଡିସିନ୍ ଦୋକାନ ଥିବାବେଳେ କଣ୍ଟାବଣିଆ ଘରେ ମେଡିସିନ୍ ମହଜୁଦ ରଖି ବେଆଇନ କାରବାର କରୁଥିଲେ। ଡ୍ରଗ୍ସ ଇନ୍‌ସପେକ୍ଟର୍ ମୋନାଲିସା ମଲ୍ଲିକଙ୍କ ନେତୃତ୍ୱରେ ଏହି ଟିମ୍ ପ୍ରଥମେ ସୋର ଦୋକାନ ଏବଂ ପରେ ଗାଁ ଘରେ ଚଢ଼ଉ କରି ମେଡିସିନ୍ ଜବତ କରିଥିଲେ। ତେବେ ବହୁ ନିଶା ଇଞ୍ଜେକ୍ସନ୍ ଓ ନକଲି ମେଡିସିନ୍ ଧରା ପଡ଼ିଥିବା ନେଇ ଗ୍ରାମବାସୀ କହୁଥିବାବେଳେ ବିଭାଗ ଏହାକୁ ଲୁଚାଇ କମ୍ ଦର୍ଶାଇଥିବା କୁହାଯାଉଛି। ଡ୍ରଗ୍ସ ବିଭାଗ ବ୍ୟତୀତ ଅବକାରୀ ଓ ଖଇରା ପୁଲିସ ମଧ୍ୟ ଉପସ୍ଥିତ ଥିଲା।

# ଜଳ ଯୋଗାଣରେ ସମସ୍ୟା, ୩୧ ପଞ୍ଚାୟତବାସୀ ହନ୍ତସନ୍ତ

## କର୍ମଚାରୀ ଅଭାବ ଓ ହ୍ରାସ ପାଉଥିବା ଜଳସ୍ତର ସାଜିଛି ବାଧକ

**ଧାମନଗର,୭।୩/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ର ୩୧ଟି ପଞ୍ଚାୟତରେ ପାନୀୟଜଳ ସମସ୍ୟା ଚିନ୍ତାର କେନ୍ଦ୍ରବିନ୍ଦୁ ପାଲଟିଛି। ବ୍ଲକ୍‌ରେ ୨,୬୭୬ଟି ନଳକୂପ ଓ ୬୦ରୁ ଅଧିକ ସୌର ଜଳ ପ୍ରକଳ୍ପ ଥିଲେ ହେଁ ରକ୍ଷଣାବେକ୍ଷଣ ଅଭାବରୁ କାମରେ ଲାଗୁନି। ବସୁଧା ଯୋଜନାରେ ସବୁଆଡ଼େ ପାଇପ୍ ଯୋଗେ ପାଣି ପହଞ୍ଚୁନାହିଁ। ଅନେକ ସ୍ଥାନରେ ଉଚ୍ଚ ପାଣି ଟାଙ୍କି ଥିଲେ ବି ତାହା ଅଚଳ ହୋଇପଡ଼ିଛି। ଦିନକୁଦିନ ଖରାର ତାତି ବଢୁଥିବାବେଳେ ପାଣି ପାଇଁ ଲୋକମାନେ ହଇରାଣ ହେଉଛନ୍ତି। ଅନେକ ଲୋକ ନଳକୂପ ଉପରେ ବି ନିର୍ଭର କରୁଛନ୍ତି। ହେଲେ ବ୍ୟବସ୍ଥାଗତ ତ୍ରୁଟି ସମସ୍ୟାର ସମାଧାନ ପରିବର୍ତ୍ତେ ଚିନ୍ତା ବଢ଼ାଉଛି। ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ପାନୀୟଜଳ ସମସ୍ୟା ବଢୁଥିବାବେଳେ କର୍ମଚାରୀ ଅଭାବରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ପ୍ରକାଶଥାଉକି ପୂର୍ବରୁ ବ୍ଲକ୍



ପାଇଁ ୧୬ ଜଣ ଫିଟର୍ ଓ ଖଲାସୀ ଥିବାବେଳେ ଏବେ ସେଥିମଧ୍ୟରୁ ୧୧ ଜଣ ଅବସର ନେଇ ସାରିଛନ୍ତି। ବର୍ତ୍ତମାନ ମାତ୍ର ୫ ଜଣ କାର୍ଯ୍ୟ କରୁଥିବାବେଳେ ନିକଟରେ ଆଉ ୨ ଜଣ ଅବସର ନେବେ। ଜଣେ ଜଣେ ଫିଟର୍‌କୁ ୬ରୁ ୭ଟି ପଞ୍ଚାୟତ ଦାୟିତ୍ୱ ଦିଆଯାଇଥିବାରୁ ମରାମତି କାମ ବାଧାପ୍ରାପ୍ତ ହେଉଛି। ସ୍ଥାୟୀ କର୍ମଚାରୀ ନଥିବାରୁ ଅସ୍ଥାୟୀ ‘ସେଲ୍ଫ ଏମ୍ପ୍ଲୟଡ୍ ମେକାନିକ୍’ ଙ୍କ ଭରସାରେ ବିଭାଗ ଚାଲିଛି। ସେହିପରି ନଦୀ ଶଯ୍ୟାମାନଙ୍କରେ ବେଆଇନ୍ ବାଲି ଉତ୍ତୋଳନ ଯୋଗୁ ନଦୀ ଶୁଖିବା ସହ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୦୭ ମସିହା ପୂର୍ବରୁ ୩୦ ଫୁଟ୍‌ରେ ପାଣି ମିଳୁଥିବାବେଳେ ଏବେ ସରକାରୀସ୍ତରରେ ୨୧୦ ଫୁଟ୍ ଖୋଳିଲେ ବି ପାଣି ମିଳୁନାହିଁ। ଫଳରେ ଲୋକେ ବ୍ୟକ୍ତିଗତ ଭାବେ ୨୫୦ ଫୁଟ୍‌ରୁ ଅଧିକ ଗଭୀରକୁ ବୋରିଂ କରିବାକୁ ବାଧ୍ୟ ହେଉଛନ୍ତି। ନଳକୂପ ଗୁଡ଼ିକରେ ଲୌହ ଅଂଶ ଅଧିକ ରହୁଥିବାରୁ ଯନ୍ତ୍ରପାତି ଶୀଘ୍ର ଖରାପ ହେଉଛି। ବହୁଳ ବ୍ୟବହାର ଯୋଗୁ ‘ୱାସର୍’ କଟିଯାଉଛି ଏବଂ ପ୍ଲଞ୍ଜର୍ ଛିଡ଼ିଯାଉଛି। ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରପାତି ବିଭାଗ ପାଖରେ ନରହି ପଞ୍ଚାୟତ ସରପଞ୍ଚଙ୍କ ଅଧୀନରେ ରହୁଛି। ଅନେକ ସମୟରେ ସରପଞ୍ଚମାନେ ଠିକ୍ ସମୟରେ ସରଞ୍ଜାମ ଯୋଗାଉ ନଥିବାରୁ ଅଚଳ ନଳକୂପ ସେମିତି ପଡ଼ି ରହୁଛି। ଅନ୍ୟପଟେ କିଛି ଫିଟର୍ ଶାସକ ଦଳର ନେତାଙ୍କ ଛତ୍ରଛାୟା ତଳେ ରହି କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତେଣୁ ସରକାର ନୂତନ ନୀତି ପ୍ରଣୟନ କରିବା ସହ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି, ଯନ୍ତ୍ରପାତି ସିଧାସଳଖ ବିଭାଗ ନିକଟରେ ରଖିବା ଓ ଅଚଳ ପାଣି ଟାଙ୍କିକୁ ସଚଳ କଲେ ପାନୀୟଜଳର ସମସ୍ୟା ଦୂର ହୋଇପାରନ୍ତା। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ସମସ୍ୟା ଦୂର କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ

**ଭଦ୍ରକ,୭।୩/ଏନ୍ଏନ୍ଏସ୍:** ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଉପସ୍ଥିତ ଥିଲେ। ଜିଲ୍ଲାପାଳ କହିଥିଲେ ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ହେବ। ଏହା ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟରେ ଓଡ଼ିଆ ଭାଷାକୁ ସଠିକ୍ ଭାବେ ପ୍ରୟୋଗ କରିପାରିବେ। ଓଡ଼ିଆ ଭାଷା



ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ଼. ରବିନାରାୟଣ ପଣ୍ଡା, ସହକାରୀ ପ୍ରାଧ୍ୟାପକ ଡ଼. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥିମାନେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ନଥି କିପରି ସଠିକ୍ ଭାବେ ପ୍ରସ୍ତୁତ ଓ ଉପସ୍ଥାପନା କରିବେ ସେସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସରକାରୀ ଦଲିଲ୍, ନୋଟ୍‌ସିଟ୍ ଓ ଦୈନିକ କାର୍ଯ୍ୟରେ ଓଡ଼ିଆ ଭାଷାର ସଠିକ୍ ବ୍ୟବହାର ଜନସାଧାରଣଙ୍କ ସହ ସରକାରୀ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏପରି ପ୍ରଶିକ୍ଷଣ ମାଧ୍ୟମରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ଆହୁରି ବୃଦ୍ଧି ପାଇବା ସହ ରାଜ୍ୟର ଭାଷା ନୀତି କାର୍ଯ୍ୟକାରୀ କରିବାରେ ଏହା ସହାୟକ ହେବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଗୋଷ୍ଠୀ ସେବା କାର୍ଯ୍ୟକ୍ରମ



**ବାରିପଦା,୭।୩/ଏନ୍ଏନ୍ଏସ୍:** ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ଚତୁର୍ଥ ବର୍ଷ ସମନ୍ୱିତ ବିଇଡି ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହୋଇଥିବା ଗୋଷ୍ଠୀ ସେବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସହକାରୀ ପ୍ରଫେସର୍ ଭାଦବ ହେମ୍ବ୍ରମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର୍ ଡକ୍ଟର ସରୋଜ ନାୟକ, ଡକ୍ଟର ନିରୁପମା ନାୟକ, ସୁଶ୍ରୀ ସଙ୍ଗୀତା ପାତ୍ର, ସବିତାଶୋଭା ପ୍ରଧାନ, କୃଷ୍ଣା ସିଂ ଓ ନମିତା ସୋରେନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମାଜସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଲକ୍ଷ୍ମୀପୋଷି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସଙ୍ଗୀତ, ନୃତ୍ୟ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅନ୍ଧବିଶ୍ୱାସ ଦୂରୀକରଣ ଓ ସୁସ୍ଥ ଜୀବନଶୈଳୀ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟଦିନରେ ବୃକ୍ଷରୋପଣ ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ତୃତୀୟଦିନ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ଅନୁଯାୟୀ ବିଭିନ୍ନ ଗ୍ରାମକୁ ଯାଇ ସାମାଜିକ ଆର୍ଥିକ ତଥ୍ୟ ସଂଗ୍ରହ କରିଥିଲେ।

# ଅନନ୍ତପୁର ଥାନା ଉଦ୍‌ଘାଟିତ

**ସୋର,୭।୩/ଏନ୍ଏନ୍ଏସ୍:** ଭୁବନେଶ୍ୱରରୁ ଭିଡିଓ ଆଭାସୀ ମାଧ୍ୟମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଅନନ୍ତପୁର ଥାନା ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଓ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ। ଏହି ଅବସରରେ ସୋର ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ର ଅନନ୍ତପୁର ଥାନାରେ ଯୋଗ ଦେଇଥିବା ନୂତନ ଆଇଆଇସି ସରୋଜ କୁମାର ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ନୂତନ କରି ଉଦ୍‌ଘାଟିତ ହୋଇଥିବା ଥାନାରେ ଅଧିକ ଅଧିକାରୀ ଓ ପାଟ୍ରୋଲିଂ ଭ୍ୟାନ୍ ଯୋଗାଇବାକୁ ଦାବି କରିଥିଲେ।



# ‘ମହିଳା ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ’



**କେନ୍ଦୁଝର,୭।୩/ଏନ୍ଏନ୍ଏସ୍:** ମହିଳାଙ୍କ ସ୍ୱାସ୍ଥ୍ୟ, ସଶକ୍ତିକରଣ ଓ ନେତୃତ୍ୱକୁ ନୂତନ ଦିଶା ଦେବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ପ୍ରଥମଦିନରେ ସାମୂହିକ ଯୋଗ ଶିବିରରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମହିଳାଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ଉତ୍ସାହିତ କରାଯାଇ ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ ଓ ଦେଶୀୟ କ୍ରୀଡ଼ା ପ୍ରଦର୍ଶିତ ହୋଇଥିଲା। ଜଣେ ମହିଳା ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିଲେ ସେ କେବଳ ନିଜ ପାଇଁ ନୁହେଁ ବରଂ ନିଜ ପରିବାର, ଗ୍ରାମ ଓ ସମଗ୍ର ରାଷ୍ଟ୍ରର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି। ଦ୍ୱିତୀୟଦିନରେ ‘ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର’ ବିଷୟବସ୍ତୁକୁ ଆଧାର କରି ମହିଳାଙ୍କ ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନେକ ସମୟରେ ମହିଳାମାନେ ରାସ୍ତାଘାଟରେ ଅସଦାଚରଣ ବା ଭୟର ସମ୍ମୁଖୀନ ହୁଅନ୍ତି। ଆତ୍ମରକ୍ଷା କୌଶଳ ସେମାନଙ୍କୁ ନିର୍ଭୟରେ ପ୍ରତିବାଦ କରିବାର ଶକ୍ତି ଦେଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ଆହ୍ୱାନର ଦୃଢ଼ ମୁକାବିଲା କରିବା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଇଛି। ଜୁଡୋ, ବକ୍ସିଂ, କରାଟେ ଓ ମୁଆଇ ଥାଇ ଭଳି ସମରକଳାର ପ୍ରଶିକ୍ଷଣ ଓ ଚିତ୍ତାକର୍ଷକ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ସ୍ୱାସ୍ଥ୍ୟ, ସୁରକ୍ଷା ଓ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ନେଇ ଏକ ସଚେତନତା ଶିବିର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବର୍ଗର ମହିଳା, ଯୁବଗୋଷ୍ଠୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଅଂଶଗ୍ରହଣ କରି ଏହାକୁ ସଫଳ କରିଛନ୍ତି।

**AFFIDAVIT**
**Change of Name (Minor)**

By virtue of an affidavit (Sl No.09, dtd- 22/01/2026) sworn before The Executive Magistrate, Keonjhar. I, **Mahendra Kumar Behera** (applicant name), S/o Satrughana Behera, permanent & current resident of Vill: Tanalahata, PO: Janghira, PS: Pandapada, Dist: Keonjhar, PIN: 758079, State: Odisha declare that I have changed my minor daughter's name from **Archita Behera** to **Rachita Behera**. Henceforth, she shall be known as **Rachita Behera** (new name) for all purposes.

**Mahendra Kumar Behera**

# ଏମ୍‌ସିଏମ୍ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଶିକ୍ଷାଭିତ୍ତିକ ଭ୍ରମଣ

**ବାରିପଦା,୭।୩/ଏନ୍ଏନ୍ଏସ୍:** ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମାନେଜମେଣ୍ଟର ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା ଏକ ଶିକ୍ଷାଭିତ୍ତିକ ଭ୍ରମଣ ଆୟୋଜିତ ହୋଇଯାଇଛି। ଏଥିରେ ଶିକ୍ଷାର୍ଥୀମାନେ ମୟୂରଭଞ୍ଜ ଜିଲ୍ଲାର ଯଶିପୁରସ୍ଥିତ ରାମତୀର୍ଥ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନ ସହ ଅଟେଇ ଜଙ୍ଗଲ ସଫାରି ପରିଦର୍ଶନ କରି ଅନେକ ପ୍ରକାରର ଉଦ୍ଭିଦ, ଗୁଳ୍ମ ଓ ପ୍ରାକୃତିକ ଜଙ୍ଗଲରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷର ସନ୍ଧାନ କରିଥିଲେ। ବିଭାଗୀୟ ମୁଖ୍ୟ ରୂପମଞ୍ଜରୀ ବେହେରାଙ୍କ ନେତୃତ୍ୱରେ ଅଧ୍ୟାପକ କୀର୍ତ୍ତିକୌଶିକ ନାୟକ, ସମ୍ବିତ କୁମାର ମିଶ୍ର ଓ ଅଧ୍ୟାପିକା ଏନ୍ ବିଜୟାଲକ୍ଷ୍ମୀ ସହଯୋଗ କରିଥିଲେ। ଏହି ଶିକ୍ଷାଭିତ୍ତିକ ଭ୍ରମଣରେ ଉଭୟ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଭ୍ରମଣର ସଫଳତା ପାଇଁ ଉଦ୍ଭିଦ ବିଜ୍ଞାନର ମୁଖ୍ୟ ରୂପାମଞ୍ଜରୀ ବେହେରା ମହାବିଦ୍ୟାଳୟର



ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ଉପାଧ୍ୟକ୍ଷା ସଂଘମିତ୍ରା ରାଉତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ସହକାରୀ ଜିଲ୍ଲାପାଳ ସ୍ୱର୍ଣ୍ଣମୟୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଡେପୁଟି କଲେକ୍ଟର୍ ପ୍ରମିଳା ମଲ୍ଲିକ ଓ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**GOVT.OFODISHA** 25001/296/2526

**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**

e-mail ID :- eerwrairangpur@yahoo.com

**"e" procurement notice for Building works**
**Bid identification No- RWDRRP-34 of 2025-26**

1. Name of the work : Construction of block public health unit Building
2. Estimate Cost : Rs. 67.47 to Rs 67.69 lakhs (approximately)
3. Class of Contractor : "B" Class or relevant of works license.
4. Period of Completion : 09 (Nine) calendar month
5. Tender Paper Cost : Rs 10,000/-

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical bid | Financial bid |
| S.E.R.W Division, Rairangpur. | RWDRRP-34/2025-26 | 06.03.2026 at 11.00 A.M. | 16.03.2026 Up to 5.00 P.M. | 14.03.2026 Up to 5.00 P.M. | 17.03.2026 at 11.30 A.M | Will be intimated later |

Further details can be seen from the website www.tendersodisha.gov.in

-Sd- Er. Sanjeet Naik
Executive Engineer,
R.W. Division, Rairangpur.

OIPR-25001/25107/1/25-26/0006

# ୧୩ରୁ କଟକ କଳାବିକାଶ କେନ୍ଦ୍ର ମହୋତ୍ସବ

## ଯୋଗଦେବେ ଜାତୀୟ ତଥା ଅନ୍ତର୍ଜାତୀୟ କଳାକାର



**କଟକ,୭।୩/ଏନ୍ଏନ୍ଏସ୍:** କଳା ବିକାଶ କେନ୍ଦ୍ର ଚଳିତ ବର୍ଷ ୪ର୍ଥ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ-୨୦୨୬ ଆୟୋଜିତ ହେବ। କେନ୍ଦ୍ର ପ୍ରେକ୍ଷାଳୟରେ ଆସନ୍ତା ୧୩ରୁ ୧୫ତାରିଖ ଦୀର୍ଘ ତିନି ଦିନ ଧରି ମହୋତ୍ସବ ଚାଲିବ। ରାଜ୍ୟ ବାହାରୁ ଓ ସମଗ୍ର ଦେଶରୁ ୧୫ ଜଣ ଜାତୀୟ ତଥା ଅନ୍ତର୍ଜାତୀୟ କଳାକାର ଶିଳ୍ପୀ ଯୋଗ ଦେଇ ତାଙ୍କର କଳା ପ୍ରଦର୍ଶନ କରିବେ। ଏହି ଉତ୍ସବରେ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ପରାମର୍ଶ ଓ ଦିଗ୍‌ଦର୍ଶନରେ ଆୟୋଜିତ ହେଉଛି। ପଦ୍ମଶ୍ରୀ ତରୁଣ ଭଟ୍ଟାଚାର୍ଯ୍ୟ, ପଦ୍ମଶ୍ରୀ ନଳିନୀ କମଳିନୀ ପ୍ରଭୃତି ବିଶିଷ୍ଟ କଳାକାରମାନେ ଯୋଗ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ କୁହଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ସଭାପତି ଡ଼.ବିଜୟାନନ୍ଦ ସିଂହ,ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ଦାଶ,ଗୌର ପଟ୍ଟନାୟକ,କାର୍ଯ୍ୟକାରୀ ସଭାପତି ଏ.ମହେଶ୍ୱର ରାଓ ଉପସ୍ଥିତ ଥିଲେ।

# ବନ୍ଧକ ଶ୍ରମିକ ନିରାକରଣ ଓ ଭିଜିଲାନ୍ସ କମିଟି ସଶକ୍ତିକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କଟକ,୭।୩/ଏନ୍ଏନ୍ଏସ୍:** ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ ଓ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜର ମିଳିତ ଆନୁକୂଲ୍ୟରେ ଉପଜିଲ୍ଲାପାଳଙ୍କ ସଭାଗୃହରେ ବନ୍ଧକ ଶ୍ରମିକ ନିରାକରଣ ଦିଗରେ ଭିଜିଲାନ୍ସ କମିଟିର ଭୂମିକା ଶୀର୍ଷକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏକବିଂଶ ଶତାବ୍ଦୀରେ ମଣିଷ ମଙ୍ଗଳ ଗ୍ରହରେ ପହଞ୍ଚିସାରିଥିଲା ବେଳେ ଅନ୍ୟ ମଣିଷଟିଏ ବନ୍ଧକ ପଡ଼ିବା ଏକ ବିଡମ୍ବନା ବୋଲି ମତ ପ୍ରକାଶ କରିଥିଲେ। ଏଥି ସହିତ ଆମ ସମାଜରୁ ବନ୍ଧକ ଶ୍ରମିକ ଭଳି ଏକ ଅଗ୍ରହଣୀୟ ପ୍ରଥାକୁ ନିର୍ମୂଳନ କରିବାକୁ ହେଲେ ସମସ୍ତେ ନିଜ ନିଜର ଦାୟିତ୍ୱ ସଠିକ୍ ଭବେ ତୁଲାଇବା ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସ୍ୱେଚ୍ଛାସେବୀ ସମନ୍ୱୟ ସମିତି ର ଆବାହକ ଡଃ. ଅମିୟ ଭୂଷଣ ବିଶ୍ୱାଳ ଯୋଗଦାନ କରି ବନ୍ଧକ ଶ୍ରମିକ ଭଳି ଏକ କୁପ୍ରଥାକୁ ମାନବିକ ଅଧିକାର ଉଲଂଘନ ର ଏକ ବିବଛ୍ଛ ରୂପ ବୋଲି ବର୍ଣ୍ଣନା କରିଥିଲେ। ଇଣ୍ଟରନ୍ୟାସନାଲ ଜଷ୍ଟିସ ମିଶନ ର ପ୍ରତିନିଧି ଅମିତ କୁମାର ନାୟକ ଓ ଆଇନଜୀବୀ ଅମିତ କୁମାର ନାଗ ବିଷୟ ବିଶାରଦ ଭାବେ ଯୋଗଦାନ କରି ବନ୍ଧକ ଶ୍ରମିକ ଉଚ୍ଛେଦ ନିମନ୍ତେ ଥିବା ବଣ୍ଡେଡ ଲେବର ସିଷ୍ଟମ ଅବୋଲିସନ ଆକ୍ଟ ୧୯୭୬ର ବ୍ୟବସ୍ଥା ଅନୁସାରେ ଜିଲ୍ଲା ଓ ସବ ଡିଭିଜନ ସ୍ତରରେ ଭିଜିଲାନ୍ସ କମିଟିର ଗଠନ ଓ କାର୍ଯ୍ୟ କାରିତା ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏଥିସହିତ ପୁଲିସ, ଜିଲ୍ଲା ଶ୍ରମ ବିଭାଗ, ସାମାଜିକ ସଂଗଠନ ଓ ପ୍ରସାଶନ ର ଆଇନରେ ଥିବା ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରତିମା ବେହେରା, ଡେପୁଟୀ ଏସ.ପି. (ଗ୍ରାମାଞ୍ଚଳ), ସରୋଜ କୁମାର ମଲ୍ଲିକ, ଏ.ସି.ପି., ଡି.ଏଚ.ଆର.ପି.ସି., ସହକାରୀ ଶ୍ରମ ଅଧିକାରୀ, ମୌସୁମୀ ପାତ୍ର ଓ ଚିରଞ୍ଜିବୀ ରାଉତରାୟ, ସଦର ଉପଖଣ୍ଡର ସହକାରୀ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ଅତିରିକ୍ତ ତହସିଲଦାର ମାନଙ୍କ ସହିତ ଭିଜିଲାନ୍ସ କମିଟିର ସଦସ୍ୟ ଓ ସଦସ୍ୟାମାନେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଙ୍କ ଅନ୍ୱୟ ଅଭିନବ ସଂଯୋଜନା କରିଥିଲାବେଳେ ସୁଧାଂଶୁ ମଣ୍ଡଳ ଧନ୍ୟବାଦ ପ୍ରଦାନ କରିଥିଲେ।

# କିଶୋରୀଙ୍କୁ ଜରାୟୁ ଗ୍ରୀବା ଟିକା

**ଓଡ଼ଗାଁ,ଶରଣକୁଳ,୭।୩/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୪ ବର୍ଷୀୟା କିଶୋରୀମାନଙ୍କୁ ଜରାୟୁ ଗ୍ରୀବା ଟିକା ପ୍ରଦାନ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଫେବୃଆରୀ ୨୮ ତାରିଖରେ ଏହି ଜାତୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ତାପସ ରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଅଭିଲାଷ ସାହୁ ଓ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କିଶୋରୀମାନଙ୍କୁ ଟିକା ପ୍ରଦାନ କରିଥିଲେ। ଏହି ଅବସରରେ ଡାକ୍ତରୀ ଦଳ କିଶୋରୀ ଓ ସେମାନଙ୍କ ଅଭିଭାବକଙ୍କୁ ଟିକାର ଉପକାରିତା ସମ୍ପର୍କରେ ସଚେତନ କରିଥିଲେ। ଡାକ୍ତରମାନେ କହିଥିଲେ ଯେ, ୧୪ ବର୍ଷ ବୟସରେ ମାତ୍ର ଗୋଟିଏ ଟିକା ନେଲେ ଭବିଷ୍ୟତରେ ଜରାୟୁ କର୍କଟ ଓ ଅନ୍ୟାନ୍ୟ ସଂକ୍ରମଣର ଆଶଙ୍କା ରହିବ ନାହିଁ। ଏହି ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ମୋଟ ୩୮ ଜଣ କିଶୋରୀ ଏହି ଟିକା ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର, ବିକାଶ ମଞ୍ଚର ସରୋଜ ପ୍ରଧାନ, ଚିତ୍ତରଞ୍ଜନ ମହାପାତ୍ର, ରଶ୍ମିରାଣୀ ସାହୁ, ବବିତା ସାହୁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ପୂଜା ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ କିଶୋରୀଙ୍କୁ ଏହି ଟିକାକରଣ ଅଧୀନରେ ଆଣିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରୟାସ ଜାରି ରହିବ ବୋଲି ସୂଚନା ମିଳିଛି।

## ଗଣଗୌର ମେଳା ଏବଂ ପ୍ରଦର୍ଶନୀ

# ୪୨ ଷ୍ଟଲ୍‌ରେ ପାରମ୍ପରିକ ପୋଷାକ ଓ ହସ୍ତ ନିର୍ମିତ ସାମଗ୍ରୀ



**କଟକ,୭।୩/ଏନ୍ଏନ୍ଏସ୍:** ମାତୃଶକ୍ତି କଟକ ମାରୱାଡ଼ୀ ସମାଜ ଏବଂ ଓ ମାଇ ଗିଫ୍ଟ ଦ୍ୱାରା ଆୟୋଜିତ ଗଣଗୌର ମେଳା ଏବଂ ପ୍ରଦର୍ଶନୀ ସମ୍ପତି ମୋଡାଙ୍କ ଅଧକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାର ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ସାଂସ୍କୃତିକ ବେଶ ଭୂଷାରେ ଗଣଗୌର ମା' ଙ୍କ ଉପରେ ଆଧାରିତ ପ୍ରସ୍ତୁତି, ଯେଉଁଥିରେ ମୋଟ ୧୪ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଛୋଟ ଛୋଟ ଶିଶୁମାନେ ମଧ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରସ୍ତୁତ ହୋଇ ସମସ୍ତଙ୍କ ହୃଦୟ ଜିତିଥିଲେ ଓ ସମସ୍ତଙ୍କ ପ୍ରଶଂସା ଲାଭ କରିଥିଲେ। ଏହି ପ୍ରଦର୍ଶନୀରେ ମୋଟ ୪୨ଟି ଷ୍ଟଲ୍ ଲାଗିଥିଲା। ପ୍ରଦର୍ଶନୀରେ ପାରମ୍ପରିକ ପୋଶାକ, ହସ୍ତନିର୍ମିତ ସାମଗ୍ରୀ, ଉତ୍ସବ ଉପଲକ୍ଷେ ବିଶେଷ କଲେକ୍ସନ୍ ଏବଂ ଲାଇଫଷ୍ଟାଇଲ୍ ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀର ଆକର୍ଷଣୀୟ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା, ଯାହା କଟକର ଲୋକମାନଙ୍କ ପାଇଁ ଜୀବନ୍ତ କ୍ରୟବିକ୍ରୟ ଓ ସାଂସ୍କୃତିକ ଅନୁଭବର ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋଶ ଓ ବିଶିଷ୍ଟ ଅତିଥି ଭାବେ କଟକ ମାରୱାଡ଼ୀ ସମାଜର ଅଧକ୍ଷ ସଞ୍ଜୟ ଶର୍ମା ଉପସ୍ଥିତ ଥିଲେ। ସେହିପରି ବିଜୟ ଖଣ୍ଡେଲୱାଲ, ପବନ ଜାଜୋଡିଆ, ସୁରେଶ କମାନୀ, ପବନ ଚୌଧୁରୀ ପ୍ରମୁଖ ଉପସ୍ଥିତି ରହି କାର୍ଯ୍ୟକ୍ରମକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସଙ୍ଗୀତା କରଣାନୀ, ସୁନୀତା ଖେମକା, ପଲ୍ଲବୀ ସୁଲତାନିଆ, ନୀଳା ଝୁଞ୍ଜୁନୱାଲା, ନୀଳମ ସାହା, ରଶ୍ମି ମିତଲ, ଯଶ କଦୋଇ, କଳ୍ପନା ଜୈନ, କୃଷ୍ଣ ହରଲାଲକା, ଅଲକା ସିଂଘୀ ପୟମୁଖ ସହଯୋଗ କରିଥିଲେ।

## କଟକରେ ରେଜ୍ ଫାଉଣ୍ଡେସନ୍‌ର 'ସ୍ୱୟଂସିଦ୍ଧା ସମ୍ମାନ'

# ୯ ପ୍ରତିଭାବାନ୍ ମହିଳା ସମ୍ମାନିତ




**କଟକ,୭।୩/ଏନ୍ଏନ୍ଏସ୍:** ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରେଜ୍ ଫାଉଣ୍ଡେସନ' ପକ୍ଷରୁ ସ୍ଥାନୀୟ ଶହୀଦ ଭବନଠାରେ ଲୋକପ୍ରିୟ କାର୍ଯ୍ୟକ୍ରମ 'ସ୍ୱୟଂସିଦ୍ଧା-୨୦୨୬' ଏବଂ ୫ମ 'ସ୍ୱୟଂସିଦ୍ଧା ସମ୍ମାନ' ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପରିବାର ଓ ପରିବେଶରୁ ଆସି ଅସାଧାରଣ ସଫଳତା ଅର୍ଜନ କରିଥିବା ଆଦର୍ଶ ତଥା ପ୍ରତିଭାବାନ୍ ମହିଳାମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମର୍ପିତ ଥିଲା। କଟକ ମହାନଗର ନିଗମର ମେୟର ଶ୍ରୀ ସୁବାଷ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମହିଳାମାନଙ୍କ ପ୍ରଗତିରେ ହିଁ ରାଷ୍ଟ୍ରର ପ୍ରଗତି ନିହିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାନଗର ନିଗମର ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଶିଷ୍ଟ ଚିକିତ୍ସାବିତ୍ ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ, କଟକ ସହରାଞ୍ଚଳ ପୁଲିସର ସହକାରୀ କମିଶନର ଅମିତାଭ ମହାପାତ୍ର, ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଶାଶ୍ୱତ ଯୋଶୀ ଏବଂ ରୁଚି ଫୁଡ୍‌ଲାଇନ୍‌ର ଅଧକ୍ଷା ସଙ୍ଗୀତା ସାହୁ ଯୋଗ ଦେଇଥିଲେ।

ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ରେଜ୍ ଫାଉଣ୍ଡେସନର ପ୍ରତିଷ୍ଠାତା ରଶ୍ମି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱର୍ଗତ ଡାକ୍ତର ଶରତ କୁମାର ସାହୁଙ୍କ ସ୍ମୃତିଚାରଣ କରିବା ସହ ନାରୀ ଶକ୍ତିର ମହିମା ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଓଡ଼ିଶାର ୯ ଜଣ ପ୍ରତିଭାବାନ୍ ମହିଳାଙ୍କୁ 'ସ୍ୱୟଂସିଦ୍ଧା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଆଠଗଡ଼ର ଲୋକପ୍ରିୟ ଧୂପ ବ୍ୟବସାୟୀ ପ୍ରମିଳା ରାଉତଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଥିବା ବେଳେ ବିଶିଷ୍ଟ ଲେଖିକା ଗାୟତ୍ରୀବାଳା ପଣ୍ଡା, ଆଦର୍ଶ ମହିଳା ଚାଷୀ ରାଇମତୀ ଘିଉରିଆ (ମାଣ୍ଡିଆ ରାଣୀ), ଅଭିନେତ୍ରୀ ତଥା ପ୍ରଯୋଜିକା ସୌଭାଗ୍ୟଲକ୍ଷ୍ମୀ ଜେନା, କ୍ରୀଡ଼ାବିତ୍ ଜୟଶ୍ରୀ ସ୍ୱାଇଁ, ବରିଷ୍ଠ ସାମ୍ବାଦିକା ତପସ୍ୱିନୀ ପଟ୍ଟନାୟକ, ଉଦ୍ଭାବକ କବିତା ତ୍ରିପାଠୀ, ଉଦୀୟମାନ ମହିଳା ପ୍ରତିଭା କ୍ରିଷ୍ଣା ପ୍ରିୟଦର୍ଶିନୀ ରାଉତ ଏବଂ ସମାଜସେବିକା ଶୁଭଲକ୍ଷ୍ମୀ ସ୍ୱାଇଁଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଚୌଦ୍ୱାର ଉଦ୍ଧାର ଫାଉଣ୍ଡେସନର ଶିଶୁ କଳାକାର ଓ ଯାଜପୁର ସେଣ୍ଟ ଜାଭିୟର୍ସର ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ସଙ୍ଗୀତ ଗାନ କରିଥିଲେ। ପ୍ରୀତି ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିବା ବେଳେ ଉଲ୍ଲାସ ଚନ୍ଦ୍ର ବେହେରା ଏଥିରେ ସହଯୋଗ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ଅଭିନାଶ ସିଂହ ଓ ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ମହାପାତ୍ର, ଶିଳ୍ପା ଦାସ, ଆଦ୍ୟାଶା ପଟ୍ଟନାୟକ, ରାଜା ନିର୍ମାଲ୍ୟ, ମନୋରଞ୍ଜନ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇପିଏଫ୍ ପେନ୍‌ସନର୍ସ ସଂଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ



**କଟକ,୭।୩/ଏନ୍ଏନ୍ଏସ୍:** ସର୍ବଭାରତୀୟ ଇପିଏଫ ପେନସନର୍ସ ସଙ୍ଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକ ଗୋଆ ଠାରେ ଆଜି ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବହୁ ରାଜ୍ୟର ପ୍ରତିନିଧି ଯୋଗ ଦେଇଥିଲେ।ସର୍ବନିମ୍ନ ପେନସନ ୯୦୦୦ ଟଙ୍କା ସହ ମହଙ୍ଗା ଭତା ପ୍ରଦାନ କରିବାରେ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ଘୋର ନିନ୍ଦା କରିଥିଲେ।ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥମନ୍ତ୍ରୀ, ଶ୍ରମମନ୍ତ୍ରୀଙ୍କୁ ଚିଠି ଲେଖି ବାରମ୍ବାର ଅନୁରୋଧ କଲାପରେ ପେନସନ ବୃଦ୍ଧିପାଇଁ କେନ୍ଦ୍ର ସରକାର ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ପାଇଁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ସଭାରେ ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ,ଗୋଆ, ଦିଲ୍ଲୀ, କର୍ଣ୍ଣାଟକ, ଛତିଶଗଡ ଭଳି ଅନେକ ରାଜ୍ୟର ଶତାଧିକ ନେତୃତ୍ୱ ଯୋଗ ଦେଇଥିଲେ। ସର୍ବନିମ୍ନ ପେନସନ ବୃଦ୍ଧିସହ ବର୍ଦ୍ଧିତ ପେନସନ ପ୍ରଦାନରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଦେଶଭରି ତୀବ୍ରତର କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି କରାଗଲା। ପ୍ରକାଶ ୟେଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିସଭାରେ କାର୍ଯ୍ୟକାରୀ ସଭାପତି ଭୀମରାଓ ଡୁଙ୍ଗରେ, ପୁଣ୍ଡିଲିକ ପାଣ୍ଡେ, ଭଗ୍ୟଧର ବ୍ରହ୍ମା, ପ୍ରଫୁଲ୍ଲ ଦାସ, ଗୁରୁମୁଖ ସିଂହ, ପ୍ରକାଶ ପାଠକ, ତୁକାରାମ ଯୋଡେ, ଚନ୍ଦ୍ରଶେଖର ପରସାଇ, ମହେଶ ମାଲବ୍ୟଙ୍କ ସମେତ ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗୋଆ ରାଜ୍ୟ ଶାଖାର ସଭାପତି ରମେଶ ସେଟୀ ଓ ସମ୍ପାଦକ ଦେବିଦାସ ଓଲିଙ୍କର ଓ ଅନ୍ୟାନ୍ୟ କର୍ମକର୍ତା ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ପ୍ରଜ୍ଞାର ପ୍ରତୀକ

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ବିଶ୍ୱବ୍ୟାପି ମହିଳା ଦିବସ ପାଳନ ହୋଇଥାଏ। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ସଫଳତା, ଉପଲବ୍ଧି ତଥା ଅବଦାନକୁ ସମ୍ମାନ ଜଣାଇବା ଏହି ଦିବସର ପ୍ରମୁଖ ଉଦ୍ଦେଶ୍ୟ। ଆମ ସଂସ୍କୃତିରେ ନାରୀର ସ୍ଥାନ ସ୍ୱତନ୍ତ୍ର। ଏଠାରେ ନାରୀର ମହନୀୟତାକୁ ସମ୍ମାନ ଜଣାଯାଏ ଓ ନାରୀକୁ ସକଳ ଶକ୍ତିର ଉତ୍ସ ଭାବେ ପୂଜା କରାଯାଏ। ନାରୀର ଉନ୍ନତି ବିନା ସମାଜ ବା ରାଷ୍ଟ୍ରର ବିକାଶ ଅସମ୍ଭବ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଯେଉଁ ପର୍ଯ୍ୟନ୍ତ ନାରୀର ଅବସ୍ଥାରେ ଉନ୍ନତି ଆସିନାହିଁ, ସେ ପର୍ଯ୍ୟନ୍ତ ବିଶ୍ୱର ମଙ୍ଗଳ ସମ୍ଭବ ନୁହେଁ। ଯେମିତି ଗୋଟିଏ ଡେଣା ଦ୍ୱାରା ପକ୍ଷୀଟିଏ ଉଡ଼ିପାରେ ନାହିଁ, ସେମିତି ନାରୀର ଉନ୍ନତି ଓ ସହଯୋଗ ବିନା ଏକ ସମାଜ ଅଗ୍ରଗତି କରିପାରେ ନାହିଁ। ଆମ ସଂସ୍କୃତିରେ ନାରୀ ଶକ୍ତି ସ୍ୱରୂପିଣୀ, ପରମେଶ୍ୱରୀ ଏବଂ ଚିର ବନ୍ଦନୀୟା। ସ୍ୱାମୀଜୀ ଆହୁରି ମଧ୍ୟ କହିଥିଲେ ଯେ, ଏକ ରାଷ୍ଟ୍ରର ସମୃଦ୍ଧିର ପ୍ରକୃତ ପରିମାପକ ହେଉଛି ଏହାର ନାରୀମାନଙ୍କ ପ୍ରତି ଆଚରଣ। ନାରୀର ସହଭାଗିତା ବିନା ରାଷ୍ଟ୍ରର ବିକାଶ ସର୍ବଦା ଅସମ୍ପୂର୍ଣ୍ଣ। ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନାରୀ ପ୍ରତି ସମ୍ମାନ, ସମ୍ବେଦନଶୀଳତା ଓ ସହଯୋଗ ସମସ୍ତଙ୍କର ଧ୍ୟେୟ ହେବା ଜରୁରୀ।

**ସୁଜାତା ବିଶ୍ୱାଳ**

**ପରିଚାଳନା ନିର୍ଦ୍ଦେଶିକା, ଧନେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ, କଟକ**

# ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ ଓ ପଟ୍ଟା ସଂଶୋଧନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୭।୩/ଏନ୍ଏନ୍ଏସ୍:** ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଜଙ୍ଗଲ ଜମି ଅଧିକାର ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜରୁରୀ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ, ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ସ୍ୱୀକୃତ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରାଯିବ। ଜଙ୍ଗଲ କିମ୍ବା ରାଜସ୍ୱ ବିଭାଗର ଯେଉଁ ରେକର୍ଡ଼ରେ ସେହି ଜମି ରହିଛି, ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ତାକୁ ରେକର୍ଡ଼ଭୁକ୍ତ କରିବେ। ଏହି ସମଗ୍ର ପ୍ରକ୍ରିୟାକୁ ଆସନ୍ତା ତିନି ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳମାନଙ୍କୁ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ଜଙ୍ଗଲ ଜମିର ପର୍ଯ୍ୟବେକ୍ଷଣ କରିବାକୁ କୁହାଯାଇଛି। ବିଶେଷ ଭାବେ ବକେୟା ଥିବା ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ ବା ଡିମାର୍କେସନ୍ ଏବଂ 'ଭୁଲେଖ' ଡାଟାବେସରେ ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟକୁ ୩୦ ଏପ୍ରିଲ୍ ୨୦୨୬ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସଂଶୋଧିତ ସୂଚନା ସରକାରୀ ରେକର୍ଡ଼ରେ ତୁରନ୍ତ ସମ୍ମିଳିତ କରିବାକୁ କୁହାଯାଇଛି। ଏହି ପଦକ୍ଷେପ ଦ୍ୱାରା ହିତାଧିକାରୀମାନଙ୍କ ଅଧିକାର ସୁରକ୍ଷିତ ହେବ ଏବଂ ସେମାନେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ସଠିକ୍ ଭାବେ ପାଇପାରିବେ ବୋଲି ରାଜସ୍ୱ ସଚିବ ଆଶା ପ୍ରକାଶ କରିଛନ୍ତି।

# ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର - ଦି ଭିଲେଜ୍ ଷ୍ଟୋର୍‌ର ଶୁଭାରମ୍ଭ ପାଇଁ ବୈଠକ




**କଟକ,୭।୩/ଏନ୍ଏନ୍ଏସ୍:** ଗ୍ରାମୀଣ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ଗ୍ରାମୀଣ ଉତ୍ପାଦକମାନଙ୍କ ପାଇଁ ବଜାର ସଂଯୋଗକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ 'ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର – ଦି ଭିଲେଜ୍ ଷ୍ଟୋର' ଆରମ୍ଭ ସମ୍ପର୍କରେ ଜିଲ୍ଲା ପରିଷଦ, କଟକ ନୂତନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ବଜାର ଶୁଭାରମ୍ଭ ପାଇଁ ବିଭିନ୍ନ ପ୍ରସ୍ତୁତି ଓ ପରିକଳ୍ପନା ସମ୍ପର୍କରେ ଆଲୋଚନା ଓ ଚୂଡାନ୍ତ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର – ଦ ଭିଲେଜ ଷ୍ଟୋରର ଖୁବ ଶୀଘ୍ର କଟକ ନେତାଜୀ ବସ୍ ଟର୍ମିନାଲ ଠାରେ ଆରମ୍ଭ ହେବ। ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଗ୍ରାମୀଣ ଉଦ୍ୟମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଚାଷୀ, କାରିଗର ଓ ସ୍ଥାନୀୟ ଉତ୍ପାଦକମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଗୁଣାତ୍ମକ ସାମଗ୍ରୀଗୁଡିକର ପ୍ରଚାର ଓ ବିପଣନ କରିବା ପାଇଁ ଏକ ବିଶେଷ ପ୍ଲାଟଫର୍ମ ଭାବେ କାମ କରିବ। ଏହା ମାଧ୍ୟମରେ ଗ୍ରାମୀଣ ଉତ୍ପାଦକମାନେ ସିଧାସଳଖ ବଜାର ସୁଯୋଗ ପାଇବେ ଓ ତାଙ୍କର ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରି ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ। ଏହି ବଜାରରେ ହସ୍ତତନ୍ତ ଉତ୍ପାଦ ଭଳି ଖଣ୍ଡୁଆ, ସମ୍ବଲପୁରୀ, ନବକୋଠି, ବୋମକାଇ ସହିତ ଅନ୍ୟାନ୍ୟ ବିଭିନ୍ନ ପ୍ରକାରର ଶାଢ଼ି, କପଡା ଆଦି ଉପଲବ୍ଧ ରହିବା ସେହିପରି ବାଉଁଶ ଓ ବେତ ଶିଳ୍ପ, ଡୋକରା, ଟେରାକୋଟା ପଦାର୍ଥ, ଶଙ୍ଖ, ଶିଙ୍ଗ ଓ କାଠ ଶିଳ୍ପ, ପଟ୍ଟଚିତ୍ର ଚିତ୍ରକଳା ଓ ବିଭିନ୍ନ ପ୍ରକାରର ଝୋଟ ତିଆରି ସାମଗ୍ରୀ ମଧ ଏଠାରେ ଉପଲବ୍ଧ ହେବ ଏବଂ ଖାଦ୍ୟ ଓ କୃଷି ଉତ୍ପାଦ ମଧ୍ୟରେ ଗୁଡ଼, ମହୁ, ବିଭିନ୍ନ ପ୍ରକାରର ମସଲା ଓ ମିଲେଟ୍ ଆଧାରିତ ଖାଦ୍ୟ ପଦାର୍ଥ ମଧ ଉପଭୋକ୍ତାମାନଙ୍କ ପାଇଁ ରହିବ। ଏହି ପଦକ୍ଷେପ ପାଇଁ କଟକ ଜିଲ୍ଲାର ୪୦ଟି କମ୍ୟୁନିଟି ବେସଡ ଅର୍ଗାନାଇଜେସନ୍ ମାଧମରେ ପଣ୍ୟ ସଂଗ୍ରହ ଓ ଯୋଗାଣ କରାଯାଉଛି। ଏଥିପାଇଁ ପୁରୀ, ଢେଙ୍କାନାଳ, ମୟୁରଭଞ୍ଜ, ସମ୍ବଲପୁର, ଅନୁଗୁଳ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ସିବିଓ ମାନଙ୍କଠାରୁ ମଧ ସାମଗ୍ରୀ ସଂଗ୍ରହ ହେଉଛି। ଏହି ଷ୍ଟୋରଟି କଟକ ଗ୍ରାମୀଣ ପ୍ରୋଡ୍ୟୁସର ଏଂଟର ପ୍ରାଇଜେସ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ। ବର୍ତ୍ତମାନ ଏହି କମ୍ପାନୀରେ ୧୦ଟି ସିବିଓ ସଦସ୍ୟ ସଂସ୍ଥା ଓ ୧୦୦ ଜଣ ସେୟାରହୋଲ୍ଡର ଅଛନ୍ତି। ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ସ୍ଥାପନ ଗ୍ରାମୀଣ ସମୁଦାୟ ପାଇଁ ବହୁମୁଖୀ ଲାଭ ଆଣିବ ବୋଲି ଆଶା କରାଯାଉଛି। ଏହା ଗ୍ରାମୀଣ ଉତ୍ପାଦ ପାଇଁ ଏକ ନିର୍ଭରଯୋଗ୍ୟ ବଜାର ସୃଷ୍ଟି କରିବା ସହିତ ଉତ୍ପାଦକମାନଙ୍କ ଆୟ ବୃଦ୍ଧି କରିବ ଓ ସମୁଦାୟ ଆଧାରିତ ସମାବେଶୀ ଆର୍ଥିକ ଉନ୍ନତିକୁ ପ୍ରୋତ୍ସାହନ ଦେବ ଏବଂ ଉତ୍ପାଦକମାନଙ୍କୁ ସିଧାସଳଖ ଉପଭୋକ୍ତାଙ୍କ ସହ ଯୋଡ଼ିବା ମାଧମରେ ମଧ୍ୟସ୍ଥମାନଙ୍କ ଉପରେ ନିର୍ଭରଶୀଳତା କମିବ ଓ ଗ୍ରାମୀଣ ପଦାର୍ଥ ପାଇଁ ଉଚିତ ମୂଲ୍ୟ ସୁନିଶ୍ଚିତ ହେବ ବୋଲି ଓରମାସର ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ନରସିଂହପୁର, କୋକଲାବାର ରାଧାରମଣ ପିଜିର ପ୍ରମିଳା ରାଉତଙ୍କୁ ସମୁଦାୟ ଉନ୍ନତି ଓ ତାଙ୍କର ଦୀର୍ଘ ସମୟର ନିଷ୍ଠାପୂର୍ଣ କାର୍ଯ୍ୟ ପାଇଁ ଲାଇଫଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ କରିବା ପରେ ପ୍ରମିଳା ରାଉତ ଭାବବିହ୍ୱଳ ହୋଇ ନିଜ ଜୀବନ ଯାତ୍ରା ବିଷୟରେ କହିଥିଲେ। ସେ କହିଥିଲେ ଯେ ଓଡିଶା ରୁରାଲ ଡେଭେଲପମେଣ୍ଟ ଏଣ୍ଡ ମାର୍କେଟିଂ ସୋସାଇଟି ତାଙ୍କ ଜୀବନର ପ୍ରତ୍ୟେକ ପଦକ୍ଷେପରେ ସହଯୋଗ କରିଛି ଏବଂ ତାଙ୍କ ସ୍ୱାମୀ ଓ ପୁଅଙ୍କ ଦେହାନ୍ତ ପରେ ଭୟାବହ ଆର୍ଥିକ ସଙ୍କଟ ସମୟରେ ତାଙ୍କୁ ଏକ ନୂତନ ପଥ ଦେଖାଇଥିଲା। ସେ କହିଥିଲେ ଯେ ତାଙ୍କୁ ପୁନର୍ବାର ସମ୍ମାନ ଓ ଆତ୍ମବିଶ୍ୱାସ ସହ ଜୀବନ ଗଢ଼ିବାର ସୋସାଇଟି ସୁଯୋଗ ଦେଇଛି।



## ତୃତୀୟ ପୃଷ୍ଠାରୁ

## ପାଣିରେ ବୁଡ଼ି ୫ ମୃତ ...

ଲାଣ୍ଡିଗୁଡ଼ା ନିଜ ନବଦୋୟ ବିଦ୍ୟାଳୟକୁ ଛାତ୍ରମାନେ ଫେରି ଥିଲେ। ସମସ୍ତେ ନିଜ ପରିବାର ସହ ଚାଲିଯାଇଥିବା ବେଳେ ତିନି ଛାତ୍ର ନିଜ ପରିବାରକୁ ଅପେକ୍ଷା କରି ନିକଟସ୍ଥ କୋଲାବ ଜଳ ଭଣ୍ଡାର ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ। ଏହି ଘଟଣା ଦେଖି ନିକଟ ଗାଁ ଲୋକ ପହଞ୍ଚି ତିନି ଜଣଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ସେତେବେଳକୁ ସେମାନଙ୍କ ମୃତ୍ୟୁ ହୋଇ ସାରିଥିଲା। ପୁଲିସ ମୃତଦେହ ଜବତ କରି ଏସଏଲଏନ୍‌ସି ମେଡିକାଲ ଆଣି ପୋଷ୍ଟମର୍ଟମ ପାଇଁ ପଠାଇଥିବାବେଳେ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା । ଘଟଣା ସ୍ଥଳରେ ଏସଡିପିଓ ସଞ୍ଜୟ ମଣ୍ଡଳ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଏବଂ ସଦର ଥାନା ଅଧିକାରୀ ରୁନୁ ମାଝୀ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ସେହିପରି କପ୍ତିପଦା ଥାନା ବଡ଼ଖଲାଡି ନଛିପୁର ଗ୍ରାମର ଦାଣ୍ଡଘାଟ ଦେହୁରୀ ସାହି ବିଦ୍ୟାଳୟରେ ପାଠ ପଢୁଥିବା ଦୁଇ ସାଙ୍ଗ ୭ ବର୍ଷର ଶୁଭସନ୍ଧ୍ୟା ନାୟକ ଏବଂ ୮ ବର୍ଷ ର ରାଜଲକ୍ଷ୍ମୀ ଶଙ୍ଖୁଆଳ ବିଦ୍ୟାଳୟରୁ ଫେରି ଗାଧୋଇବା ନିମନ୍ତେ ଘର ନିକଟ ପୋଖରୀକୁ ଯାଇଥିଲେ। ପରିବାର ଲୋକେ ନଳକୂପରେ ଗାଧୋଇବାକୁ କହିଥିଲେ ସୁଦ୍ଧା ଦୁଇ ସାଙ୍ଗ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିଛି ସମୟ ପରେ ଅଚାନକ ପରିବାର ଲୋକେ ଦୁଇ ନାବାଳିକା ଝିଅ ପାଣିରେ ବୁଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପରିବାର ସଦସ୍ୟ ଉଭୟଙ୍କୁ ଉଦ୍ଧାର କରି କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଆଜି ମିଳିବ 'ସୁଭଦ୍ରା' ଟଙ୍କା ...

କରିଥିବା ବେଳେ ଚତୁର୍ଥ କିସ୍ତିରେ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀ 'ସୁଭଦ୍ରା' ଟଙ୍କା ପାଇବେ। ୫ ହଜାର କୋଟିରୁ ଅଧିକ ଟଙ୍କା ଯୋଗ୍ୟ ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ପଠାଯିବ। ଏନେଇ ପୁରୀର ତାଳବଣିଆ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତରେ 'ସୁଭଦ୍ରା' ଟଙ୍କା ବଣ୍ଟାଯିବ। ୨ ଲକ୍ଷ ୧୩ ହଜାର ୧୯୮ ଜଣ ନୂଆ 'ସୁଭଦ୍ରା' ହିତାଧିକାରୀ ଟଙ୍କା ପାଇବେ। ସେହିଭଳି ବିଭିନ୍ନ କାରଣ ପାଇଁ ଦ୍ୱିତୀୟ କିମ୍ବା ତୃତୀୟ କିସ୍ତିରୁ କଟିଥିବା ତଥା ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗରୁ ୩୬ ହଜାର ୩୮୫ ଜଣ ସୁଭଦ୍ରା ଟଙ୍କା ପାଇବେ। କେବଳ ସେତିକି ନୁହେଁ ଏପ୍ରିଲ ମାସରେ ଯାହାକୁ ୨୧ ବର୍ଷ ହୋଇଥିବ ସେମାନେ ଆବେଦନ କରିବେଫ ଯେଉଁମାନେ୨୧ ବର୍ଷ ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି।

## ଆଜି ଭାରତ-ନ୍ୟୁଜିଲାଣ୍ଡ ...

ମିଶ୍ରଣ କରି ପିଚ୍ ପ୍ରସ୍ତୁତ କରାଯାଇଛି। ଏଠାରେ ବଲ୍ ବହୁତ କମ୍ ଘୁରିବ, କିନ୍ତୁ ନିଶ୍ଚିତ ଭାବରେ ଗତି ଏବଂ ବାଉନ୍ସ ପ୍ରଦାନ କରିବ। ତଥାପି, ଏହା କେବଳ ବ୍ୟାଟସମ୍ୟାନମାନଙ୍କୁ ଲାଭ ଦେବ। ଏହି ପିଚ୍‌ରେ ଟି-୨୦ ବିଶ୍ୱକପ୍ ୨୦୨୬ର କେବଳ ଗୋଟିଏ ମ୍ୟାଚ୍ ଖେଳାଯାଇଛି। ସୁତରାଂ ଆସନ୍ତା କାଲି ଖେଳାଯିବାକୁ ଥିବା ପିଚ୍ ତୁଳନାତ୍ମକ ଭାବରେ ତାଜା ହେବ, କାରଣ ଟୁର୍ଣ୍ଣାମେଣ୍ଟର ଏକମାତ୍ର ମ୍ୟାଚ୍ ଯାହାକି ପ୍ରାୟ ଏକ ମାସ ପୂର୍ବରୁ ଫେବୃଆରୀ ୯ ତାରିଖରେ ଏଠାରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ସାଉଥ୍ ଆଫ୍ରିକା ମାତ୍ର ୪ ୱିକେଟ୍ ହରାଇ ୨୧୩ ରନ୍ କରିଥିଲା। ଜବାବରେ କାନାଡା କେବଳ ୧୫୬ ରନ୍ କରିପାରିଥିଲା। କାନାଡା-ଆଫ୍ରିକା ମ୍ୟାଚ୍ ପରେ ଅହମଦାବାଦରେ ପାଞ୍ଚଟି ମ୍ୟାଚ୍ ଖେଳାଯାଇଛି, କିନ୍ତୁ ସେଥିମଧ୍ୟରୁ କୌଣସିଟିରେ ଏହି ପିଚ୍‌କୁ ବ୍ୟବହାର କରାଯାଇନାହିଁ। ଭାରତ ଦ୍ୱିତୀୟ ଥର ପାଇଁ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଏକ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବ। ଦଳ ୨୦୨୩ରେ ଏଠାରେ ଦିନିକିଆ ବିଶ୍ୱକପ୍ ଫାଇନାଲରେ ହାରିଥିଲା। ଏତଦ୍‌ବ୍ୟତୀତ ଭାରତୀୟ ଦଳ ଚଳିତ ଟି-୨୦ ବିଶ୍ୱକପ୍‌ରେ ସାଉଥ୍ ଆଫ୍ରିକା ଠାରୁ ଏହି ଗ୍ରାଉଣ୍ଡରେ (ଅନ୍ୟତମ ପିଚ୍‌ରେ ଖେଳାଯାଇଥିବା ମ୍ୟାଚ୍) ପରାସ୍ତ ହୋଇସାରିଛି। ସେହିପରି ଚଳିତ ଟୁର୍ଣ୍ଣାମେଣ୍ଟରେ ନ୍ୟୁଜିଲାଣ୍ଡ ମଧ୍ୟ ଏହି ଗ୍ରାଉଣ୍ଡରେ (ଅନ୍ୟ ଏକ ପିଚ୍‌ରେ) ସାଉଥ୍ ଆଫ୍ରିକା ଠାରୁ ପରାସ୍ତ ହୋଇସାରିଛି। ତେବେ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ୍‌ରେ ନ୍ୟୁଜିଲାଣ୍ଡ ଏହି ପରାଜୟର ବଦଳା ନେଇଥିଲା ଏବଂ ସାଉଥ୍ ଆଫ୍ରିକାକୁ କୋଲକାତାର ଇଡେନ୍ ଗାର୍ଡେନ୍ ପଡିଆରେ ପରାସ୍ତ କରି ପ୍ରଥମ ଫାଇନାଲିଷ୍ଟ ଟିମ୍ ଭାବେ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷେ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌କୁ ନେଇ ଏକ ଭ୍ରାନ୍ତ ଧାରଣା ମଧ୍ୟ ଭାରତୀୟଙ୍କ ମଧ୍ୟରେ ରହିଛି ଯେ, ଏହି ଷ୍ଟାଡିୟମ୍‌ରେ ଖେଳୁଥିବା ମ୍ୟାଚ୍‌ଗୁଡ଼ିକରେ ଭାରତୀୟ ଦଳ ପରାଜିତ ହୋଇଥାଏ। ତେବେ ଏହି ଭ୍ରାନ୍ତ ଧାରଣାକୁ ଦୂର କରିବା ଦିଗରେ ଭାରତୀୟ ଖେଳାଳିମାନେ ଆସନ୍ତାକାଲି ନିଜ ସାମର୍ଥ୍ୟ ମୁତାବକ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ସନ୍ଧ୍ୟା ୭ଟା ସମୟରେ ମ୍ୟାଚ୍ ଆରମ୍ଭ ହେବ। ଆଇସିସି ପକ୍ଷରୁ ଘୋଷଣା କରାଯାଇଛି ଯେ ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଏବଂ ଆଲେକ୍ସ ୱ୍ହାର୍ଫ ଏହି ମ୍ୟାଚ୍‌ରେ ଫିଲ୍ଡ ଅମ୍ପାୟାରିଂ କରିବେ। ପ୍ରକାଶ, ଶନିବାର ଟିମ୍ ଇଣ୍ଡିଆ ଅହମଦାବାଦ୍ ଗ୍ରାଉଣ୍ଡରେ ଅଭ୍ୟାସ କରିଛି। ଅନ୍ୟପକ୍ଷରେ, ବୁଧବାର ସେମିଫାଇନାଲ୍ ଜିତିବା ପରେ ଗୁରୁବାର ନ୍ୟୁଜିଲାଣ୍ଡ ଦଳ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ପହଞ୍ଚ ଅଭ୍ୟାସ କରିଥିଲା। ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ କ୍ରମାଗତ ଦ୍ୱିତୀୟ ଆଇସିସି ଧଳା ବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରସ୍ପରକୁ ମୁହାଁମୁହିଁ ହେଉଛନ୍ତି। ଗତ ବର୍ଷ କେବଳ ମାର୍ଚ୍ଚ ୯ ତାରିଖରେ ଭାରତ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା।

## ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ...

କେବଳ ସେତିକି ନୁହେଁ; ସମ୍ମିଳନୀ ସମାପ୍ତ କରି ବିମାନବନ୍ଦରକୁ ଫେରିବା ପୂର୍ବରୁ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହଠାତ୍ ବିଧାନନଗରରେ ଆୟୋଜିତ ଆଦିବାସୀଙ୍କ ଅନ୍ୟ ଏକ ବୈଠକରେ ଉପସ୍ଥିତ ହୋଇଥିଲେ। କିନ୍ତୁ ତାଙ୍କ ସାଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯାଇନଥିଲେ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ କହିଥିଲେ,' ପୂର୍ବରୁ, ସମ୍ମିଳନୀ ଏଠାରେ ଅନୁଷ୍ଠିତ ହେବାର କଥା ଥିଲା । ହଠାତ୍, ମୁଁ ଜାଣିନାହିଁ କ'ଣ ହେଲା, କାହିଁକି ? କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇନଥିଲା । ତେଣୁ ମୁଁ ଏଠାକୁ ଆସିବା ପାଇଁ ଚାହିଁଲି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରି ରାଷ୍ଟ୍ରପତି କହିଥିଲେ,' ସାଧାରଣତଃ ଯେତେବେଳେ ରାଷ୍ଟ୍ରପତି ଆସନ୍ତି, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀମାନେ ସେଠାରେ ଥାଆନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ଆସି ନଥିଲେ । ମୁଁ ମଧ୍ୟ ଜଣେ ବଙ୍ଗୀୟ ଝିଅ । କିନ୍ତୁ ମୋତେ ଏଠାକୁ ଆସିବାକୁ ଅନୁମତି ଦିଆଯାଏ ନାହିଁ। ମମତା ମୋ ଭଉଣୀ ପରି। ସେ ମୋ ଉପରେ କାହିଁକି ରାଗିଛନ୍ତି ମୁଁ ଜାଣିନାହିଁ !' ସେ ଏହା ମଧ୍ୟ କହିଥିଲେ, 'ଏହି ଭୂମି ମଧ୍ୟ ଯଥେଷ୍ଟ ବଡ଼ ଥିଲା। ପାଞ୍ଚ ଲକ୍ଷ ଲୋକ ଏଠାରେ ଏକାଠି ହୋଇପାରିଥାନ୍ତେ । ତଥାପି, ମୁଁ ଜାଣିନାହିଁ କାହିଁକି ଏଠାରେ କାର୍ଯ୍ୟକ୍ରମ ଆୟୋଜନ କରାଗଲା ନାହିଁ ।'ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ଅସମ୍ମାନ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିବା ସହ ପାଲଟା ପ୍ରଶ୍ନ କରିଛନ୍ତି ମମତା ବାନାର୍ଜୀ। ମମତା ରାଷ୍ଟ୍ରପତିଙ୍କୁ ପ୍ରଶ୍ନ କରି କହିଛନ୍ତି ଯେ, ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ହେଲେ ଆପଣ କାହିଁକି ପ୍ରତିବାଦ କରୁନାହାଁନ୍ତି ? ମଧ୍ୟପ୍ରଦେଶ କିମ୍ବା ଛତିଶଗଡ଼ରେ ଏହା ଘଟିଲେ ଆପଣ କାହିଁକି ପ୍ରତିବାଦ କରୁନାହାଁନ୍ତି ? ସେହିପରି ମମତା କହିଛନ୍ତି ଯେ ରାଷ୍ଟ୍ରପତି ଯଦି ୫୦ଥର ଗସ୍ତ କରନ୍ତି ଆଉ ଏଥିରେ ଯୋଗଦେବା ଅସମ୍ଭବ। ମୁଁ ଏବେ ଏକ ପ୍ରତିବାଦ ସଭାରେ ଅଛି ତାହା ବୋଧେ ତାଙ୍କୁ ଜଣାନାହିଁ। ଏହାସହ ମମତା କହିଛନ୍ତି କି, ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ସରକାର ଅବଗତ ନାହାନ୍ତି। ଏନେଇ ତାଙ୍କୁ କୌଣସି ସୂଚନା ମଧ୍ୟ ଦିଆଯାଇନାହିଁ। ରାଷ୍ଟ୍ରପତି ଯେତେବେଳେ ରାଜ୍ୟକୁ ଗସ୍ତ କରନ୍ତି ସେତେବେଳେ ପୂର୍ବରୁ ସୂଚନା ପ୍ରଦାନ କରାଯାଏ। ମାତ୍ର ଏନେଇ କୌଣସି ସୂଚନା ଆମକୁ ଦିଆଯାଇନାହିଁ । ଏହାସହ ସେ କହିଛନ୍ତି କି, ବିଜେପି ତାଙ୍କୁ ଏଜେଣ୍ଟ କରି ଏଠାକୁ ପଠାଇଛି । ଯାହା କହିବାକୁ ମଧ୍ୟ ଲାଜ ଲାଗୁଛି। ମଣିପୁରରେ ଆଦିବାସୀଙ୍କ ଉପରେ ଅତ୍ୟାଚାର ହେଉଥିବାବେଳେ ରାଷ୍ଟ୍ରପତି କାହିଁକି ଚୁପ୍ ବସିଥିଲେ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ମମତା କହିଛନ୍ତି କି, ନିର୍ବାଚନ ପୂର୍ବରୁ ମୋ ସହ ଏଭଳି ରାଜନୀତି କରନ୍ତୁ ନାହିଁ। ମୁଁ ରାଷ୍ଟ୍ରପତିଙ୍କୁ ଅନୁରୋଧ କରୁଛି। ରାଜ୍ୟ ସରକାର କୌଣସି କାର୍ଯ୍ୟକ୍ରମକୁ ବନ୍ଦ କରିନାହାନ୍ତି। ଏହାସହ ତାଙ୍କର କୌଣସି ସମ୍ପର୍କ ମଧ୍ୟ ନାହିଁ । ବିଜେପି ରାଜନୀତିକୁ ପ୍ରାଥମିକତା ଦିଏ, ମୁଁ ଲୋକଙ୍କ କଲ୍ୟାଣକୁ ପ୍ରଥମେ ଦେଖେ ବୋଲି ମମତା କହିଛନ୍ତି।

## ଭିଜିଲାନ୍ସ ଜାଲରେ ଯନ୍ତ୍ରୀ ...

ଡିଏସ୍‌ପି ପୁଷ୍ପାଞ୍ଜଳି ଜେନା, ଇନ୍ସପେକ୍ଟର ପ୍ରଭାସିନୀ ପୁହାଣ, ବିଜୟ କୁମାର ସେଠୀ, ଏଏସ୍‌ଆଇ ସୁଶାନ୍ତ କୁମାର ସାମଲ ପ୍ରମୁଖ ସାମିଲ ଥିଲେ।

## ସମଗ୍ର ଆଦିବାସୀ ସମ୍ପ୍ରଦାୟ ...

ହଠାତ ସ୍ଥାନାନ୍ତର ଦୁର୍ଭାଗ୍ୟଜନକ। ରାଷ୍ଟ୍ରପତିଙ୍କୁ ମର୍ଯ୍ୟାଦା ଦେବା ଓ ସମ୍ମାନର ସହ ବ୍ୟବହାର କରିବା ଉଚିତ। ସାନ୍ତାଳ ସମ୍ପ୍ରଦାୟର ସଦସ୍ୟଭାବେ ଏହା ମୋତେ ଗଭୀର ଆଘାତ ଦେଇଛି। ଗଣତନ୍ତ୍ରରେ ଏପରି ସଂକୀର୍ଣ୍ଣ ରାଜନୈତିକ ବିଚାରର କୌଣସି ସ୍ଥାନ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସାତ୍ତ୍ୱିକ ସତ୍ୟକାମଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୩/ଏନ୍‌ଏନ୍‌ଏସ୍:** ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ଅଲ୍ ଇଣ୍ଡିଆ ର୍ୟାଙ୍କ ୧୦୦ ହାସଲ କରିଥିବା କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ସାତ୍ତ୍ୱିକ ନିଜ ପିତାମାତାଙ୍କ ସହ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ, ଏଭଳି ସଫଳତା ରାଜ୍ୟ, ବିଶେଷ କରି କେନ୍ଦୁଝର ଜିଲ୍ଲାର ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହେବ। ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳ ଲକ୍ଷ୍ୟ। ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ପରାମର୍ଶ ଦେଇଥିଲେ।



## 'ରାଜ୍ୟରେ ମହଜୁଦ ଅଛି ଯଥେଷ୍ଟ ତେଲ'

**ଭୁବନେଶ୍ୱର,୭।୩/ଏନ୍‌ଏନ୍‌ଏସ୍:** ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ତେଲ ସରିଯିବା ଭୟରେ ପେଟ୍ରୋଲ ପମ୍ପ ଗୁଡ଼ିକରେ ନାହିଁ ନଥିବା ଭିଡ଼ ଲାଗିଛି। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜ୍ୟରେ ଏବେ ପାଇଁ ପେଟ୍ରୋଲ, ଡିଜେଲ ମହଜୁଦ ଅଛି। ଯୁଦ୍ଧ ପାଇଁ ବିଭ୍ରାନ୍ତକାରୀ ତଥ୍ୟ ଆସୁଛି। ରାଜ୍ୟରେ ଯଥେଷ୍ଟ ପରିମାଣରେ ତୈଳ ମହଜୁଦ ଅଛି। ଋଷ ଠାରୁ ତେଲ ଆଶୁଛି, ତେଲ ନିଅଣ୍ଟିଆ ହେବ ନାହିଁ। ରାଜ୍ୟବାସୀ ସରକାରୀ ତଥ୍ୟ ଉପରେ ଭରସା କରନ୍ତୁ। କେବେ ବି ତେଲ କୁ ନେଇ ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ପୁଣି କହିଛନ୍ତି ଯେ, କଳାବଜାରୀ କରୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି। ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭାରତ ଉପରେ ଯୁଦ୍ଧର ପ୍ରଭାବ ପଡ଼ିବ ନାହିଁ। ଖାଇବା ପିଇବା ଜିନିଷ ମଧ୍ୟ ମହଜୁଦ ଅଛି। ଏ ସମୟରେ ଏଲପିଜି ଦର ବଢିବ, କିନ୍ତୁ ମହଜୁଦ ଅଛି। ରେଟ୍ ସାମୟିକ ଭାବେ ବଢ଼ିଛି।



## ରାଜ୍ୟର ବିକାଶ ଧାରାକୁ ନୂତନ ରୂପ ଦେଉଛନ୍ତି ମହିଳା: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୩/ଏନ୍‌ଏନ୍‌ଏସ୍:** ମହିଳା ସଶକ୍ତିକରଣର ସୁନାମି ଆସିଛି। ଓଡ଼ିଶା ପ୍ରଗତିପଥେ ଅଗ୍ରସର ହେଉଛି। ଓଡ଼ିଶାରେ ମହିଳାମାନେ ରାଜ୍ୟର ବିକାଶରେ କେବଳ ସହଭାଗୀ ନୁହନ୍ତି, ବରଂ ପରିବର୍ତ୍ତନର ନେତୃତ୍ୱ ନେଇ ରାଜ୍ୟର ବିକାଶ ଧାରାକୁ ଏକ ନୂତନ ରୂପ ଦେଉଛନ୍ତି ବୋଲି ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବ ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା ଏହା କହିଛନ୍ତି।




ପ୍ରଭାତୀ ପରିଡ଼ାଙ୍କ ଦକ୍ଷ ନେତୃତ୍ୱ ଓ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପତ୍ନୀ ତଥା ରାଜ୍ୟର ପ୍ରଥମ ମହିଳା କମ୍ଭମପାଟି ଜୟଶ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଡଃ ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସୱାଲ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ସମେତ ରାଜ୍ୟର ଅନେକ ବିଶିଷ୍ଟ ଅତିଥି ଏବଂ ସଫଳ ମହିଳାମାନେ ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତାଙ୍କର ଅଦ୍ୱିତୀୟ ନେତୃତ୍ୱ ଏବଂ ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ସୁସ୍ମିତା ଦାଶ ଏବଂ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଡଃ ଆଦ୍ୟାଶା ଦାସଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉତ୍ସବକୁ ଅଧିକ ମନୋଜ୍ଞ କରିଥିଲା।

## ଶିଶୁପୁତ୍ରକୁ ଅପହରଣ ପରେ ଗଳାକାଟି ହତ୍ୟା: ଜଣେ ଅଟକ

**ରାୟଗଡ଼ା,୭।୩/ଏନ୍‌ଏନ୍‌ଏସ୍:** ସାମାନ୍ୟ କିଛି ଟଙ୍କା ପାଇଁ ୭ବର୍ଷର ଶିଶୁ ପୁତ୍ରକୁ ହତ୍ୟା କରାଯାଇଛି। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ଷ୍ଟେସନ ସାହିରେ। ପ୍ରକାଶ ଯେ ଚାଟିକଣାସ୍ଥିତ ପୁରୁଣା ଷ୍ଟେସନ୍ ସାହିର ପୁରୁଷୋତ୍ତମ ଗନ୍ତାୟତଙ୍କ ପୁଅ ରିଷି ଗନ୍ତାୟତ (୭)କୁ ତାଙ୍କ ଦାଦା ବଜାରକୁ ନେଇ କିଛି ସମୟ ପରେ ଘର ନିକଟରେ ଥିବା ଏକ ଗଳି ପାଖରେ ଛାଡ଼ି ଦେଇଥିଲେ। କିନ୍ତୁ ରିଷି ଆଉ ଘରକୁ ଫେରିନଥିଲା। ରାତି ପ୍ରାୟ ୮ଟାରେ ବେଳେ ରିଷିଙ୍କ ମାମୁଁଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ଧମକ ମେସେଜ ଆସିଥିଲା ଯେ ରିଷିକୁ ଅପହରଣ କରାଯାଇଛି। ତାକୁ ଛାଡ଼ିବା ପାଇଁ ୩ଲକ୍ଷ୫୦ ହଜାର ଟଙ୍କା ଦେବାକୁ ପଡ଼ିବ। ଏ ସମ୍ପର୍କରେ ପୁଲିସକୁ କିମ୍ବା କାହାକୁ ଜଣାଇଲେ ସ୍ଥିତି ଖରାପ ହେବ ବୋଲି ଧମକ ଦିଆଯାଇଥିଲା। ପରିବାର ଲୋକ ଭୟରେ ପୁଲିସକୁ ନଜଣାଇ ଦିନସାରା ଖୋଜାଖୋଜି କରିଥିଲେ ମଧ୍ୟ ରିଷିର ପତ୍ତା ପାଇ ନଥିଲେ। ଶେଷରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ରଷିର ରକ୍ତ ଜୁଡୁବୁଡୁ ମୃତଦେହକୁ ଏକ ବସ୍ତାରେ ବନ୍ଧାଯାଇ ଘର ପଛପଟେ ଫିଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଏନେଥ ସୂଚନା ପାଇ ବିଷମକଟକ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଏସପି ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପଟେ ପୁଲିସ ରିଷିଙ୍କ ଦାଦାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ରିଷିଙ୍କ ମା ଓ ଆଇଙ୍କୁ ଥାନାକୁ ଆଣି ଅଧିକ ତଥ୍ୟ ନେଉଛି ବିଷମକଟକ ପୁଲିସ।

### ୱାଟ୍‌କୋର ଜଳ ପରିଚାଳନା ସମୀକ୍ଷା କଲେ ସାଂସଦ ଅପରାଜିତା

# ୬ ଜଳଶୋଧନ କେନ୍ଦ୍ର, ମେଣ୍ଟାଇ ପାରୁନି ଆବଶ୍ୟକତା

**ଭୁବନେଶ୍ୱର,୭।୩/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ରାଜଧାନୀରେ ୬ଟି ଜଳଶୋଧନ କେନ୍ଦ୍ର ରହିଛି। ତେବେ ବର୍ତ୍ତମାନର ଜନସଂଖ୍ୟା ଆଧାରରେ ପାନୀୟ ଜଳର ଚାହିଦା ମେଣ୍ଟାଇ ପାରୁନାହିଁ। ଆବଶ୍ୟକତା ଅନୁସାରେ ରାଜଧାନୀରେ ଜଳର ଅଭାବ ରହିଛି। ବର୍ତ୍ତମାନ ପ୍ରାୟ ୬୫ ଏମ୍‌ଏଲ୍‌ଡି ପର୍ଯ୍ୟନ୍ତ ଯୋଗାଣ ଅଭାବ ରହିଛି। ଅଭାବ ପୂରଣ ନେଇ ମୁଣ୍ଡଳିରେ ଚାଲୁଥିବା ୧୩୦ ଏମ୍‌ଏଲ୍‌ଡି କ୍ଷମତାର ଜଳ ଶୋଧନ କେନ୍ଦ୍ର ଏବଂ ଶିଖରଚଣ୍ଡିରେ ୩୦ ଏମ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ମାଷ୍ଟର ବାଲାନସିଂ ରିଜର୍ଭର ଫଳପ୍ରଦ ହେବ। ଏହି ପ୍ରକଳ୍ପ ମାଧ୍ୟମରେ ସହରର ପ୍ରାୟ ୭୩୦ଟି ଆପାର୍ଟମେଣ୍ଟ କମ୍ପ୍ଲେକ୍ସକୁ ପାଣି ଯୋଗାଣ ସୁବିଧା ମିଳିବା ସହିତ ସମଗ୍ର ପାଣି ଯୋଗାଣ ବ୍ୟବସ୍ଥା ଶକ୍ତିଶାଳୀ ହେବ। ଏଥିସହ ରାଜଧାନୀର ୪୫୦ ବସ୍ତିକୁ ସ୍ୱେରେଜ ବ୍ୟବସ୍ଥା ସହ ଯୋଡ଼ାଯିବ। ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

ରାଜଧାନୀରେ ପାନୀୟ ଜଳ ପରିଚାଳନା ନେଇ ଭୁବନେଶ୍ୱର ଉନ୍ନତି ଭବନ୍‌ରେ ୱାଟ୍‌କୋ ପକ୍ଷରୁ ଏକ ସମୀକ୍ଷା ବୈଠକ ହୋଇଯାଇଛି। ଆୟୋଜିତ ସମୀକ୍ଷା ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଇଂ ଦେବବ୍ରତ ମହାନ୍ତି ବର୍ତ୍ତମାନ ସହରରେ ଜାରି ରହିଥିବା ଜଳଯୋଗାଣ ଏବଂ ସ୍ୱିରେଜ ସମ୍ପର୍କରେ ପାୱାର ପଏଣ୍ଟ ଜରିଆରେ ସବିଶେଷ ତଥ୍ୟ ରଖିଥିଲେ। ରାଜଧାନୀରେ ସମ୍ପୂର୍ଣ୍ଣ ହୋଇଥିବା ଓ ଚାଲୁଥିବା ପ୍ରକଳ୍ପମାନଙ୍କର ସ୍ଥିତି ସହ ଆଗାମୀ ପାଣି ଯୋଗାଣ ଓ ସ୍ୱେରେଜ୍ ବିକାଶ ପାଇଁ କାର୍ଯ୍ୟଯୋଜନା ନେଇ କହିଥିଲେ। ପାରମ୍ପରିକ ଜଳ ଶୋଧନ ପ୍ରକ୍ରିୟା, ଯୋଜନା ଚିତ୍ର ଓ ସହରରେ ଚାଲୁଥିବା ଜଳ ଶୋଧନ କେନ୍ଦ୍ର ଏବଂ ମଳ ଶୋଧନ କେନ୍ଦ୍ର ଗୁଡ଼ିକର ସ୍ଥାନ ସମ୍ପର୍କରେ ବିବରଣୀ ଦିଆଯାଇଥିଲା।

ପରିଚାଳନା ନିର୍ଦ୍ଦେଶକ ସାଂସଦଙ୍କୁ ବିକଶିତ ଭାରତ ଭିଜନ୍ ଅନୁସାରେ ୨୦୪୭ ସୁଦ୍ଧା ଭୁବନେଶ୍ୱର ସହରର ଭବିଷ୍ୟତ ଜଳ ଚାହିଦା ପ୍ରକଳ୍ପନ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ। ଏହା ପାଇଁ ୨୦୩୬ ମସିହାରୁ ଅତିରିକ୍ତ ୪୦୦ଏମଏଲଡି କ୍ଷମତାର ଜଳ ଶୋଧନ କେନ୍ଦ୍ର ସ୍ଥାପନ କରିବା ପ୍ରସ୍ତାବ ରହିଛି। ସେ କହିଥିଲେ, ଜଳ ଶୋଧନ କେନ୍ଦ୍ରଗୁଡ଼ିକରୁ ନିୟମିତ ଆଭ୍ୟନ୍ତରୀଣ ଜଳ ପରୀକ୍ଷା ଲାବରେଟୋରୀ ଓ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଜଳସାଥୀଙ୍କ ଦ୍ୱାରା ନିୟମିତ ନମୁନା ସଂଗ୍ରହ ଚାଲିଛି। ପରୀକ୍ଷା ଫଳାଫଳକୁ ଜଳମାନ ଆପ୍‌ରେ ଅପଲୋଡ୍ କରାଯିବ।

**ରାଜଧାନୀର ୪୫୦ ବସ୍ତିକୁ ସ୍ୱେରେଜ ବ୍ୟବସ୍ଥା ସହ ଯୋଡ଼ାଯିବ**

ସ୍ୱାଧୀନ ଗୁଣବତ୍ତା ଯାଞ୍ଚ ପାଇଁ ପିପିପି ଲାବରେଟୋରୀ ମାଧ୍ୟମରେ ଜଳ ନମୂନା ପରୀକ୍ଷା କରାଯିବ। ଏନେଇ ଭୁବନେଶ୍ୱର ଆଇଆଇଟି ସହ ପ୍ରାରମ୍ଭିକ ଏମ୍‌ଓୟୁ ମାଧ୍ୟମରେ ପ୍ରଯୁକ୍ତି ସହାୟତା ନିଆଯିବ। ଏହି ଅବସରରେ ୱାଟ୍‌କୋ ଏମ୍‌ଡି କହିଛନ୍ତି ବିଏମସି ଅଞ୍ଚଳରେ ୨୪୭ଟି ପାଣି ଯୋଗାଣ ପାଇଁ ଗଠିତ ଡିଏମଏରୁ ମୋଟ୍ ୧୫୨ ପ୍ରକଳ୍ପ ଗ୍ରହଣ କରାଯାଇଛି, ୧୪୧ଟି ଡିଏମ୍‌ଏ ପୂରା ହୋଇଛି, ୧୧ଟି ଡିଏମଏ କାର୍ଯ୍ୟାନୁଷ୍ଠାନ ଅବସ୍ଥାରେ ଅଛି। ଜଟଣୀ ଓ ଖୋର୍ଦ୍ଧା ନଗର ଅଞ୍ଚଳରେ ୪ଟି ଡିଏମଏରୁ ଗୋଟିଏ ସମ୍ପୂର୍ଣ୍ଣ ହୋଇଛି। ସଭାରେ ମୁଣ୍ଡୁଳିରୁ ସିଖରଚଣ୍ଡୀ ପାହାଡ଼ ଶୀର୍ଷ ପର୍ଯ୍ୟନ୍ତ ୧୭.୯୦ କି.ମି ଲମ୍ବର କ୍ଲିୟର ୱାଟର ରାଇଜିଂ ମେନ ପାଇପ୍ ଲାଇନ୍ ପଡନ ସମ୍ପର୍କରେ ଥିବା ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। କିଛି ସ୍ଥାନରେ ଜମି ସମ୍ପର୍କିତ ବିବାଦରୁ କାମରେ ବାଧା ସୃଷ୍ଟି ହେଉଛି। ଶିଶୁମନ୍ଦିର ଛକ, ଚନ୍ଦକା ଓ କଥାଗୋଳା ଅଞ୍ଚଳରେ ସମସ୍ୟା ଥିବା ଜଣାଇଥିଲେ । ଏନେଇ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ମାମଲା ଉଠାଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହିତ ଶିଖରଚଣ୍ଡୀ ମନ୍ଦିର ଗେଟ୍‌ର ଏମ୍‌ବିଆରଠାରୁ କିଟ୍ ଛକ ପର୍ଯ୍ୟନ୍ତ ୯୦୦ ଏମ୍‌ଏମ୍ ବ୍ୟାସର କ୍ଲିୟର ୱାଟର ଫିଡର ମେନ୍ ପାଇପ୍ ଲାଇନ କାମ, ପୂର୍ତ୍ତ ବିଭାଗ ଦ୍ୱାରା କରିଡର ସମନ୍ୱୟ ନିର୍ଦ୍ଧାରଣ ନହେବାରୁ ବିଳମ୍ବ ଘଟିଛି। ରାଜଧାନୀରେ ଥିବା ୪୫୦ଟି ବସ୍ତି ସମେତ ଅବଶିଷ୍ଟ ଅଂଚଳକୁ ସ୍ୱିରେଜ ସିଷ୍ଟମ ସହିତ ଯୋଡିବାକୁ ନିଷ୍ପତ୍ତି ହୋଇଛି।

ଉକ୍ତ ବୈଠକରେ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ଡାଇରେକ୍ଟର (ଅପରେସନ) ଶାରଦା ପ୍ରସନ୍ନ ନାଏକ, ସ୍ୱେରେଜ ଓ ଜଳ ପରିଚାଳନାର ଜେନେରାଲ ମ୍ୟାନେଜରଙ୍କ ସହ ସାଂସଦଙ୍କ ମଧ୍ୟ ନିର୍ବାଚନ ମଣ୍ଡଳିର ପ୍ରତିନିଧି କିସଲୟ ଘୋଷ , ପ୍ରଣୟ କରନ ପ୍ରମୁଖ ଉପସ୍ଥିତ ଥିଲେ।

## ଲଜ୍ଜାଜନକ,ଦୁର୍ଭାଗ୍ୟଜନକ ...

କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଗଣତନ୍ତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ସଶକ୍ତିକରଣରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିରାଶ ହୋଇଛନ୍ତି। ରାଷ୍ଟ୍ରପତି ଜୀଙ୍କ ଦ୍ୱାରା ପ୍ରକାଶିତ ଯନ୍ତ୍ରଣା ଏବଂ ବେଦନା, ଯିଏ ନିଜେ ଏକ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି, ଭାରତର ଲୋକଙ୍କ ମନରେ ଅତ୍ୟନ୍ତ ଦୁଃଖ ସୃଷ୍ଟି କରିଛି। ପଶ୍ଚିମବଙ୍ଗର ଟିଏମ୍‌ସି ସରକାର ପ୍ରକୃତରେ ସମସ୍ତ ସୀମା ଅତିକ୍ରମ କରିଛି । ରାଷ୍ଟ୍ରପତିଙ୍କ ପ୍ରତି ଏହି ଅପମାନ ପାଇଁ ସେମାନଙ୍କର ପ୍ରଶାସନ ଦାୟୀ। ଏହା ସମାନ ଭାବରେ ଦୁର୍ଭାଗ୍ୟଜନକ ଯେ ସାନ୍ତାଳ ସଂସ୍କୃତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ପଶ୍ଚିମବଙ୍ଗ ସରକାର ଏତେ ସହଜରେ ବ୍ୟବହାର କରନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ରାଜନୀତିର ଊର୍ଦ୍ଧ୍ୱରେ ଏବଂ ଏହି କାର୍ଯ୍ୟାଳୟର ପବିତ୍ରତାକୁ ସର୍ବଦା ସମ୍ମାନ କରାଯିବା ଉଚିତ। ପଶ୍ଚିମବଙ୍ଗ ସରକାର ଏବଂ ଟିଏମସି ମଧ୍ୟରେ ଉତ୍ତମ ବୁଦ୍ଧି ଉଦୟ ହେଉ ବୋଲି ଆଶା କରାଯାଉଛି ବୋଲି ମୋଦୀ ଏକ୍ସରେ ଲେଖିଛନ୍ତି।

## ଟ୍ରମ୍ପ୍ ଦେଲେ ରାତି ଅଧିଆ ...

ଅନ୍ୟପକ୍ଷେ ରାଷ୍ଟ୍ରପତିଙ୍କ କ୍ଷମା ପ୍ରାର୍ଥନାର କିଛି ଘଣ୍ଟା ପରେ, ଇରାନ୍‌ର ମଧ୍ୟବର୍ତ୍ତୀକାଳୀନ ନେତୃତ୍ୱ ପରିଷଦର ସଦସ୍ୟ ତଥା ଇରାନର କଠୋରପନ୍ଥୀ ନ୍ୟାୟପାଳିକା ମୁଖ୍ୟ ଘୋଲାମହୋସେନ ମୋହସେନି ଏଜେଇ ପୁନର୍ବାର ପଡ଼ୋଶୀଦେଶଗୁଡ଼ିକୁ ଚେତାବନୀ ଦେଇ କହିଛନ୍ତି ଯେ, 'ଇରାନର ସଶସ୍ତ୍ର ବାହିନୀର ପ୍ରମାଣ ଦର୍ଶାଉଛି ଯେ ଏହି ଅଞ୍ଚଳର କିଛି ଦେଶର ଭୌଗୋଳିକ ସ୍ଥିତି ଖୋଲାଖୋଲି ଏବଂ ଗୁପ୍ତ ଭାବରେ ଶତ୍ରୁଙ୍କ ହାତରେ ଅଛି। ଇରାନ୍ ଏସବୁକୁ ବରଦାସ୍ତ କରିବ ନାହିଁ ଏବଂ ଇସଲାମିକ୍ ଗଣରାଜ୍ୟ ଆଞ୍ଚଳିକ ପଡ଼ୋଶୀମାନଙ୍କୁ ଟାର୍ଗେଟ କରିବା ଜାରି ରଖିବ।' ପ୍ରକାଶ, ଇରାନ ଶନିବାର ଦିନ ଆମେରିକାର ସେନାକୁ ଆତିଥ୍ୟ ଦେଉଥିବା ଏହାର ଉପସାଗରୀୟ ପଡ଼ୋଶୀ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଆରମ୍ଭ କରିଛି ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ କୌଣସି ଆତ୍ମସମର୍ପଣ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛି। ଇରାନ୍‌ର ଆକ୍ରମଣ ମଧ୍ୟରେ ଇସ୍ରାଏଲ ଏବଂ ଆମେରିକା ପକ୍ଷରୁ ମଧ୍ୟ ଆଜି ଦିନରେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯାଇଛି। ବିମାନ ଆକ୍ରମଣରେ ତେହେରାନ ବିମାନବନ୍ଦର ସମ୍ପୂର୍ଣ୍ଣ ଜଳିଯାଇଥିବାର କିଛି ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି। ଏହାସତ୍ତ୍ୱେ ଇରାନ ସାମରିକ ଭାବରେ ପ୍ରତିଶୋଧ ନେବା ଜାରି ରଖିଛି। ଇରାନ୍ ପକ୍ଷରୁ ଇସ୍ରାଏଲର ଜେରୁଜେଲମ ଏବଂ କତାରର ଦୋହାରେ ଭୟଙ୍କର ବିମାନ ଆକ୍ରମଣ କରାଯାଇଛି। ସେହିପରି ଆଜି ସକାଳୁ ଏବଂ ଅପରାହ୍ନରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ବାହାରିନ ଉପରେ ଦୁଇଟି ଆକ୍ରମଣ କରିଛି। ଇରାନ୍‌ର ଏପ୍ରକାର ଆକ୍ରମଣ ସମ୍ପର୍କରେ ସୂଚନା ଦେଇ ୟୁଏଇ କହିଛି ଯେ ଶନିବାର ସକାଳେ ଏହାର ବାୟୁ ପ୍ରତିରକ୍ଷା ୧୫ଟି କ୍ଷେପଣାସ୍ତ୍ର ଏବଂ ୧୧୯ଟି ଡ୍ରୋନ୍ ପ୍ରତିରୋଧ କରିଥିଲା। ଭିଡିଓ ଫୁଟେଜରେ ମଧ୍ୟ ଦେଖାଯାଇଛି ଯେ ଗୋଟିଏ ପ୍ରକ୍ଷେପଣିକା ଆନ୍ତର୍ଜାତୀୟ ଯାତାୟାତ ପାଇଁ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଦୁବାଇ ବିମାନବନ୍ଦରରେ ଖସିପଡ଼ିଛି। ଇସ୍ରାଏଲ୍ ପକ୍ଷରୁ ଲେବାନନ୍‌ରେ ମଧ୍ୟ ଭୟାବହ ଆକ୍ରମଣ ଜାରି ରହିଛି। ଗତ ସପ୍ତାହ ମଧ୍ୟରେ, ଇରାନ ସାଉଦି ଆରବ, ୟୁଏଇ ଏବଂ ଜୋର୍ଡାନରେ ନିୟୋଜିତ ଆମେରିକାର ଟର୍ମିନାଲ ହାଇ ଅଲ୍ଟିଚ୍ୟୁଡ୍ ଏରିଆ ଡିଫେନ୍ସ (ଥାଡ୍) ସିଷ୍ଟମକୁ ଟାର୍ଗେଟ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଆକ୍ରମଣରେ ଜୋର୍ଡାନର ମୁୱାଫାକ ସାଲଟି ବାୟୁସେନା ଘାଟିରେ ଥିବା ଥାଡ୍ ରାଡାର ସିଷ୍ଟମ ନଷ୍ଟ ହୋଇଯାଇଛି। ଏକ ଥାଡ୍ ସିଷ୍ଟମର ମୂଲ୍ୟ ୨୨,୦୦୦ କୋଟି ପର୍ଯ୍ୟନ୍ତ, ଯେତେବେଳେ ଏକ ଥାଡ୍ ରାଡାର ସିଷ୍ଟମର ମୂଲ୍ୟ ୨,୭୦୦ କୋଟି (୩୦୦ ନିୟୁତ ଡଲାର) ପର୍ଯ୍ୟନ୍ତ ରହିଥାଏ। ଏହି ରାଡାର ଥାଡ୍ ସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ଶତ୍ରୁ ବାଲାଷ୍ଟିକ୍ ମିସାଇଲକୁ ଚିହ୍ନଟ ଏବଂ ଟ୍ରାକ କରିବା ପାଇଁ ଦାୟୀ। ଆମେରିକା ପାଖରେ କେବଳ ୭-୮ ଟି ଥାଡ୍ ସିଷ୍ଟମ ଅଛି, ତେଣୁ ଏହାକୁ ଏକ ପ୍ରମୁଖ ସାମରିକ କ୍ଷତି ବୋଲି ବିବେଚନା କରାଯାଉଛି। ପ୍ରକାଶ, ବର୍ତ୍ତମାନ ସୁଦ୍ଧା ଇରାନ୍‌ରେ ମୃତ୍ୟୁ ସଂଖ୍ୟା ୨ହଜାର ଛୁଇଁଥିବା ଦାବି କରାଯାଉଥିବା ବେଳେ ଇସ୍ରାଏଲ୍‌ରେ ମଧ୍ୟ ଅନେକ କ୍ଷତି ହୋଇଥିବା ଦେଖିବାକୁ ମିଳିଛି।

## ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ଭୁବନେଶ୍ୱର,୭।୩/ଏନ୍‌ଏନ୍‌ଏସ୍:** ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ମହିଳା କଂଗ୍ରେସ ନେତୃବୃନ୍ଦ ଗ୍ୟାସ୍ ଟାଙ୍କି ମୁଣ୍ଡେଇ ରାଲି କରିବା ପରେ ମାଷ୍ଟର କ୍ୟାଣ୍ଟିନ ଛକରେ ଚୁଲିରେ କାଠ ଜାଳି ରୋଷେଇ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦିପ୍ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଉକ୍ତ ବିକ୍ଷୋଭରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଅବିଶ୍ୱକଲ୍ୟାଣୀ କର, ସୁନିତା ବିଶ୍ୱାଳ, କୁସୁମ ପ୍ରଧାନ, ଗୀତାଞ୍ଜଳି ମହାନ୍ତି, ଶ୍ରୀୟାସ୍ମିତା ପଣ୍ଡା, ବାସନ୍ତି ସାମଲ, ଅମିସା ସାମନ୍ତରାୟ, ଜୟସ୍ମିତା ମହାନ୍ତି, ଚୈତାଳି ପଟ୍ଟନାୟକ, ମଞ୍ଜୁ ମିଶ୍ର, କଳ୍ପନା ପଣ୍ଡା, ଉର୍ବଶ୍ରୀ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# କବିତାର ଦାୟିତ୍ୱବୋଧ



ଅଜୟ ପ୍ରଧାନ

ଦାଣ୍ଡକୁ ଆସିଲେ ଜଣେ ନିଜେ ମୁକ୍ତ ବୋଲି ଯେମିତି ଜଣାଯାଏ ସେମିତି, କବିତା କବିଠୁ ବାହାରି କାଗଜକୁ ଚାଲିଆସିଲେ ସିଏ ମୁକ୍ତ ଓ ସ୍ୱତନ୍ତ୍ର। ତା' ନିଜ ସତ୍ତା ସମ୍ପର୍କରେ କେତେ କଣ କିଏ କହିବା ଆରମ୍ଭ ହେଇଯାଏ। ଯେମିତି ଆମେ ଚିହ୍ନା ଜଣା ଜଗତରେ, ମଣିଷ ଭାବରେ ଦାଣ୍ଡରେ ବୁଲିଲେ ମନେମନେ କେତେ କିଏ ଆମକୁ ନେଇ ଭାବନ୍ତି ଓ ସୁବିଧା ଦେଖି କହନ୍ତି। ଆମ ପରିବେଶ ଓ ପରିସର ଅବିସ୍ତୃତ କିନ୍ତୁ କବିତାର ସୀମା କବିଠୁ ଯଥେଷ୍ଟ ଅଧିକ। କବି ଯୋଉଠି ପହଞ୍ଚି ନ ଥାଏ, ସେଠି କବିତା ପହଞ୍ଚି ସାରିଥାଏ। ଏଇଥିପାଇଁ କବି ନିମିତ୍ତ; କବିତା ନମସ୍ୟ (ଜରସ୍ୱକ୍ଷରମସ୍ୱରୟ), ନାୟକ(ଐରକ୍ସକ୍ଷ)! ସମୟର ଗତି ପଥରେ କବି ଅତୀତ ଓ କବିତା ଭବିଷ୍ୟତ; ଯଦିଓ ଆମେ ଓଲଟା ଭାବିଥାଉ ଓ ଭାବିବାର ପଥ ପରିବର୍ତ୍ତନ କରି ନଥାଉ।

ଏହାର କାରଣ କମ୍‌ରେ ? ହେଲା: (କ) ଅନ୍ୟକୁ ଆମେ ଆଲୋଚନାର ଅଂଶ କରିଥାଉ; କିନ୍ତୁ, ନିଜକୁ ନୁହେଁ। (ଖ) ଉପଦେଶ ଦେବାକୁ ଭଲ ଲାଗେ; ଶୁଣିବାକୁ ନୁହେଁ। ତେଣୁ, ଦାୟିତ୍ୱବୋଧ ଆମର ଆଦୌ ଲୋଡ଼ା ପଡ଼େ ନାହିଁ ବା ଏତେ କମ୍ ମାତ୍ରାରେ ଥାଏ ଯେ ତା ନଥିବା ସ' ସମାନ। କବିତା, ଅନ୍ୟ ପକ୍ଷରେ, କବିକୁ ଦାୟିତ୍ୱବାନ ହେବାକୁ ଶିଖାଏ। କବିର ବେଦାୟିତ୍ୱ କବିତାର ଦେହକୁ ନଷ୍ଟ କରିଦିଏ। କବିର କୁମ୍ଭାର କାମ ଯେତିକି, କମାର କାମ ଯେତିକି, ସେତିକି ବି ଦରଜି କାମ, ସେତିକି ବି ଚିତ୍ରକରର କାମ। କାମ ହିଁ କାମ ! ଅଳସୁଆଙ୍କ ନିଶ କେବେ ସିଧା ହୁଏ ନା ଥାଏ କି ?

ଏଇ କାରଣରୁ, ଧରାଯାଇ ପାରେଯେ, ସଙ୍ଗତି ଯୁକ୍ତ ଅଥବା ରୁଚି ପୂର୍ଣ୍ଣ କଳ୍ପନାର କ୍ୟାଲେଣ୍ଡର ହେଉଛି କବିତା। ଏଇ ହେତୁ ବି ବିସ୍ମୟ ବା ବିଶ୍ୱାସଯୋଗ୍ୟ କଳ୍ପନା ହିଁ କବିତାର ଚୁମ୍ବକୀୟ କ୍ଷେତ୍ର ଯା' ଭିତରକୁ ପାଠକ ଟାଣିହେଇ ଯାଏ ଓ ରହେ। ଆବେଗ, ଉଦ୍ଦୀପନା, ଶିହରଣ, ଚିନ୍ତନ ଓ ଚେତନାର ପଞ୍ଚଶର କବିତାର ତୂଣୀରରେ ମହଜୁଦ ନ ରହିଲେ ପାଠକ ଖସ୍ କିନା ଖସି ଯାଏ। ପ୍ରେମ, ସ୍ନେହ, କ୍ଷୁଧା, ଲୁହ, କ୍ରୋଧ, ସମ୍ପର୍କ, ରତ୍ନ, ଆଲୋକ, ଅନ୍ଧାର, ଆଧ୍ୟାତ୍ମିକ, ରାଜନୀତିକ, ମୁକ୍ତି, ସାମାଜିକ ବିଚଳନ, ନିଃସଙ୍ଗତା, ଶୂନ୍ୟତା, ବେଦନା, ସ୍ୱାର୍ଥ, ତ୍ୟାଗ, ବନ୍ଧୁତ୍ୱ- ସବୁସବୁକୁ ଏଇ ପଞ୍ଚଶର ବିଦ୍ଧ କରେ ଓ ଶରୀରକୁ ଆଣି ଜୀବନ୍ତ ଭାବେ ପକେଇଦିଏ ପାଠକର ପାଦ ତଳେ: 'ମହାଭାଗ! ଏଇ ନିଅନ୍ତୁ ଆପଣଙ୍କ ଭୋଗ୍ୟ ଆଉ ଭୋଜ୍ୟକୁ'!

ପ୍ରେମର ସ୍ପନ୍ଦନ, କ୍ରୋଧର ସ୍ଫୁରଣ, ପ୍ରକୃତି ବା ସୌନ୍ଦର୍ଯ୍ୟର ଶିହରଣ, ଜୀବନର ଚିନ୍ତନ, ଦିବ୍ୟତ୍ୱର ଆବାହନ ବା ବେଦନାମୁଖୀ ଆବେଗର ପରିପ୍ରକାଶ ପାଇଁ କବି ସର୍ବଦା ଚେଷ୍ଟା କରେ। କବି ବିସ୍ମିତ ହୁଏ ବେଳେବେଳେ; କେବେକେବେ ବିସ୍ମିତ କରେ। 'କିଛି ଗୋଟାଏ' କବିକୁ ଆଘାତ ଦିଏ, ଚାପ ପକାଏ, ଜଳାଏ, ରକ୍ତାକ୍ତ କରାଏ, ଅଣନିଃଶ୍ୱାସ କରାଏ, ବିଗଳିତ କରେ, ଉଦ୍‌ବୁଦ୍ଧ କରେ, କ୍ଷୁବ୍ଧ କରେ ଏବଂ ତା ଇ କବିତାର ଆଧାର, ଉତ୍ସ ବା ପ୍ରେରଣା ହେଇଥାଏ।

ତ, କବିତାର ଅଧରରେ ଯେତେବେଳେ ଦିଶେ ବିନ୍ଦୁଏ ଦାନ୍ତ ଫୁଟା ରକ୍ତ, ସେତେବେଳେ ପାଠକ ଦେଖେ ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ; ଯେତେବେଳେ ଦିଶେ ସୂଚ୍ୟାଗ୍ରେ କଳାଜାଇ, ସେତେବେଳେ ପାଠକ ଦେଖେ ରାତି ବା ଅମାବାସ୍ୟା! ଏହା ହିଁ କବିତାର କମାଲ, ଏହା ହିଁ କବିର କୁହୁକ! ପାଠକକୁ ବିମୁଗ୍ଧ ନ କଲେ କବିର ଶାନ୍ତି ନାହିଁ କି ସନ୍ତୁଷ୍ଟି ନାହିଁ। ଶବ୍ଦ ଜାଲରେ ପାଠକ ଖେଳିଖେଳି ନୟାନ୍ତ ହେଲେ କବି ଖୁସ୍! କାରଣ, ପାଠକଙ୍କ ବଡ଼ପଣ ଆଗରେ କବି ନିମିତ୍ତ ମାତ୍ର!

ଏବକୁ ଏବକୁ ସବୁ, ଆଉ, ସମସ୍ତେ ନିମିତ୍ତ ବୋଲି ଲାଗିଲେଣି! କାଲି ଥିଲା ସାଧାରଣ ଯନ୍ତ୍ର ତ ଆଜି ରୋବୋଟ୍; କାଲି ରୋବୋଟ୍ ତ ଆଜି ଏଆଇ ! କାଲିଥିଲା କେବଳ ଖବରକାଗଜ, ରେଡିଓ ତ ଆଜି ଟେଲିଭିଜନ! କାଲି ଟେଲିଭିଜନ ତ ଆଜି ଫେସ୍‌ବୁକ୍, ଏକ୍ସ, ଟ୍ୱିଟର ସମେତ କେତେ ସାମାଜିକ ଗଣମାଧ୍ୟମ! ମଞ୍ଚର ଅଭାବ ନାହିଁ; ନାଟକର ଅଭାବ ନାହିଁ! ତଥାପି ଶୋଷ ବଳବତ୍ତର; ଶୋଷଣର ଅନ୍ତ ନାହିଁ!

କବିତା ଏଇ ଶୋଷ ଆଉ ଶୋଷଣର ଅକୁହା କାହାଣୀ କହିବାକୁ ଗୋଟାଏ ଦାୟିତ୍ୱ ବୋଲି ଭାବିବାରେ ଅସୁବିଧା କଣ ହେବ ?

## କବିତାର ରୂପାନ୍ତର

କବିତାରେ ଉତ୍ସର ରୂପାନ୍ତର ହୁଏ ଭାବନା ବା ଚେତନାକୁ, ଭାବନା ବା ଚେତନାର ରୂପାନ୍ତର ହୁଏ ଶବ୍ଦକୁ, ଶବ୍ଦର ରୂପାନ୍ତର ହୁଏ ଶକ୍ତିକୁ ଓ ଶକ୍ତି ରୂପାନ୍ତରିତ ହୁଏ ସ୍ପନ୍ଦନ ବା ଶିହରଣ ବା ପୁଲକ ବା ଉଷ୍ମତାକୁ। ମୋଟାମୋଟି, ଶବ୍ଦର ଅଦୃଶ୍ୟ ଅଣୁ ବନ୍ଧନ ଏକ ଅଣରାସାୟନିକ ଉପାୟରେ ରାସାୟନିକ କ୍ରିୟା ସଞ୍ଚାରିତ କରେ। ଏ ରୂପାନ୍ତର ପ୍ରକିୟାଟି କବିତାରେ ଥାଏ କିନ୍ତୁ କବିତାରେ ଘଟେନାହିଁ। ଏଇ ପ୍ରକ୍ରିୟାଟି ସୃଷ୍ଟି ହୁଏ ଗୋଟିଏ ପାତ୍ରରେ। ପାଠକର ମନ ବା ଚେତନାରେ ଓ କ୍ରମଶଃ ସଂକ୍ରମଣ ହୁଏ ହୃଦୟ। ତା'ପରେ ପାଠକର ରୂପାନ୍ତର ଘଟେ ଓ କବିତା ମିଶିଯାଏ ରକ୍ତରେ, ଝାଳରେ ଓ ନିଃଶ୍ୱାସରେ! ପାଠକ ଭିତରେ କବିତାର ମୃତ୍ୟୁ ତାକୁ ଅମରତ୍ୱ ପ୍ରଦାନ କରିଥାଏ। ସେଇଥିପାଇଁ ଅକ୍ଷର ଅକ୍ଷୟ !

କବିତାର ପ୍ରେରଣା ଯେହେତୁ ଗୋଟିଏ ଉତ୍ସ, ତ ସେଇ ପ୍ରେରଣାର ପ୍ରଗଣାକୁ ଶବ୍ଦାୟନ କରେ କବି। ବସ୍ତୁତଃ, ସେଇ ପ୍ରେରଣାଟି ଗୋଟିଏ ଆବେଗ ସୃଷ୍ଟି କରେ ଓ ସେଇ ଆବେଗ ବହୁ ରୂପରେ ଆସିଥାଏ। କେବେ ଗୋଟିଏ ଦୃଶ୍ୟରେ, କେବେ ଗୋଟିଏ ଚିତ୍ରରେ, କେବେ ଗୋଟିଏ ସ୍ପର୍ଶରେ ବା ଗୋଟିଏ ଉପଲବ୍ଧିରେ। ପରିମାଣ, ଗଭୀରତା ଓ ତୀକ୍ଷ୍ଣତା ଏ ଦୃଶ୍ୟ ବା ଚିତ୍ର ବା ସ୍ପର୍ଶକୁ ବୃହତ୍ତର ଜଗତ ସ' ଯୋଡ଼ିଥାଏ। ଅନ୍ୟପକ୍ଷରେ, ଆବେଗକୁ ଅନୁସରଣ କରେ କବି। କୋଉଠି ପହଞ୍ଚେ ଜାଣିବା ପୂର୍ବରୁ ସେ ପହଞ୍ଚି ସାରିଥାଏ। ଅନୁସରଣ ମାର୍ଗଟି ଟିକିଏ ଜଟିଳ। କେତେ କଣ୍ଟାଝଣ୍ଟା ମାଡ଼ି ଚାଲିବାକୁ ହେଇଥାଏ, କେତେ ପାଣି, ପବନ, ଖରା, ବର୍ଷାରେ। ଲକ୍ଷ୍ୟ ଯେହେତୁ ନିର୍ଦ୍ଦିଷ୍ଟ ନୁହେଁ; ପଥ ସେମିତି ଅନିର୍ଦ୍ଦିଷ୍ଟ ! ସ୍ପଷ୍ଟ କରିଦେବା ଉଚିତ ଯେ ପ୍ରେରଣା ସ୍ୱୟଂଭୂ ନୁହେଁ !

ମଣିଷର ତନ୍ତ୍ରୀଗୁଡ଼ିକ କାହା ନା କାହା ଦ୍ୱାରା ମୁଖରିତ ହୁଅନ୍ତି। ମସ୍ତିଷ୍କ ଓ ପରେ ହୃଦୟ ସେଇ ତରଙ୍ଗକୁ ନେଇ ସ୍ପନ୍ଦିତ ହୁଅନ୍ତି। ଏଇ ସ୍ପନ୍ଦନ ହିଁ କ୍ରମେ ପ୍ରେରଣା ପାଲଟନ୍ତି। ଧରନ୍ତୁ, ଜଣେ କ୍ରିକେଟ ଖେଳାଳିକୁ ଦେଖି କ୍ରିକେଟ ଖେଳିବାକୁ ଚାହିଁଲା ଓ ହେଲା। ଅନ୍ୟ ଜଣେ, ବ୍ୟାଟ୍ ଦ୍ୱାରା ବଲ୍‌କୁ କେମିତି ପିଟୁଚି ଦେଖି ତା' ବନ୍ଧୁ ବା ଶତ୍ରୁକୁ ପିଟିଲା। ଉଭୟଙ୍କ ପାଇଁ ପ୍ରେରଣାର ଉତ୍ସ ଗୋଟିଏ; ଅଥଚ ଗ୍ରହଣ କରିବାରେ ଦୁଇ ଜଣଙ୍କ ଭିତରେ ଭିନ୍ନତା ଦିଶିଲା। ଅତଏବ, ଗ୍ରହଣକାରୀ ବା



ଗ୍ରହୀତା ଉପରେ ଓ ସେଇ ମୁହୂର୍ତ୍ତର ପ୍ରଭାବ ଉପରେ ନିର୍ଭର କରେ ଉତ୍ସ ଓ ପ୍ରେରଣାର ସ୍ପର୍ଶ। ଦସ୍ୟୁ ରତ୍ନାକର ଯୋଉ ମୁହୂର୍ତ୍ତରେ ଋଷି ବାଲ୍ମୀକିଙ୍କ କଥା ଶୁଣି ନିଜକୁ ପରିବର୍ତ୍ତନ କଲା; ସେଇ ମୁହୂର୍ତ୍ତରେ କଥୋପକଥନର ଫଳ ବି ଓଲଟା ହେଇ ପାରିଥାନ୍ତା। ଋଷି ବାଲ୍ମୀକି ଦସ୍ୟୁ ହେବାକୁ ଚାହି ରତ୍ନାକର ପରି ହେଇ ପାରିଥାନ୍ତେ। କିନ୍ତୁ ମୁହୂର୍ତ୍ତର ବିଧାନ ଥିଲା ଭିନ୍ନ ! ଦାତା ଦେବ, ଦେବାରେ ତା କାର୍ପଣ୍ୟ ନ ଥାଇପାରେ; କିନ୍ତୁ ଗ୍ରହୀତା ଉପଯୁକ୍ତ ବି ହେବା ଦରକାର। ଭାବନ୍ତୁ ତ, ଭଗୀରଥଙ୍କ ତପସ୍ୟାରେ ପ୍ରସନ୍ନ ହେଇ ଗଙ୍ଗା ତତକ୍ଷଣାତ୍ ଓହ୍ଲେଇଲେନି କାଇଁକି ? କାଇଁକି ଖୋଜିଲେ ଉପଯୁକ୍ତ ଭୂମି, ଜଣେ ଧାରକ, ଜଣେ ବାହକ ?

ସାଧାରଣତଃ, 'ମୁହୂର୍ତ୍ତ' ଓ 'ମସ୍ତିଷ୍କ' ଉଭୟ ସବୁକୁ ନିୟନ୍ତ୍ରଣ କରେ। ହୃଦୟ ତାକୁ ଅନୁମୋଦନ କରେ। ତା'ପରେ ଅନ୍ୟ ଇନ୍ଦ୍ରିୟ ଅନୁସରଣ କରେ। ସେମିତି ପ୍ରଚୋଦିତ, ପ୍ରରୋଚିତ ଅଥବା ପ୍ରଜ୍ଜ୍ୱଳିତ ହେଇ କବି ଅନୁସରଣ କରେ ଏକ ଭାବର।

ଅନୁସରଣ କରୁକରୁ କବି ବାଟଯାକ ଚିହ୍ନା ଜଣା ଶବ୍ଦଙ୍କୁ ଖୋଜୁଥାଏ। ତା' ଦୃଷ୍ଟି ସ୍ଥିର ଥିଲେ ବି ଘୂରୁଥାଏ। ବେଳେବେଳେ ଏଇ ଶବ୍ଦମାନେ ତାକୁ ଅଟକେଇ ଦିଅନ୍ତି। କିନ୍ତୁ, ଏଇ ଶବ୍ଦମାନେ ଇ ତାକୁ ବାଟେଇ ନିଅନ୍ତି। ବାଟେଇ ନେଉଥିବା ଶବ୍ଦମାନେ ଭୁଲ ବାଟରେ ବେଳେଅଧେ ନେଇଯାନ୍ତି। କବି ଜାଣିବା ମୁସ୍କିଲ କିନ୍ତୁ ଅସମ୍ଭବ ନୁହେଁ।

ଏଇଠି କହିଦେବା ଜରୁରୀ ଯେ ଯୋଉ ବାଟରେ କବି ଆସିବାର ଥାଏ ସେ ବାଟ ବଦଳିଲେ କବିର ରୂପାନ୍ତର ହୁଏ। ମନୋଜଗତ ହଲଚଲ ହେଇଯାଏ। କବି ଯାହା ଅନୁଭବ କରୁଥାଏ ସେଇଟା ବି ବଦଳି ଯାଏ। ନୂଆ ଅନୁଭବଟିଏ ତାକୁ ଟାଣି ନେଇଯାଏ । କହିବା କଥାକୁ କହୁକହୁ କବି ଆଉ ବାଗେ କହିଦିଏ। ଏମିତି ହେଇପାରେ ବି, କବିତା ସମସ୍ତଙ୍କୁ ଗ୍ରହଣ କରନ୍ତି ନାହିଁ। ଜବରଦସ୍ତ କବିତାକୁ କେହିକେହି ରଖିଥାନ୍ତି। ସେଥିପାଇଁ କବି ପରି ସମସ୍ତେ ମନେ ହେଇପାରନ୍ତି କିନ୍ତୁ ସମସ୍ତେ କବି ନୁହନ୍ତି। ତେଣୁ, କବିତା ପାଠକକୁ ବିସ୍ମିତ କରିବା ଆଗରୁ କବିକୁ ବିସ୍ମିତ କଲେ ଭଲ; ନାଇଁ ତ ଦିଅଁ ଗଢୁଗଢୁ ବାନ୍ଦର ହେଇଯିବାର ଭୟ ଥାଏ। ବହୁତ କବିତା ଏମିତି କବିଙ୍କୁ ଠକି ଦେଇଥାଏ। ଯଦି କବି ଓ କବିତା ଦିହେଁ ଅଚିହ୍ନା ପରି ଚଳାଚଳ କରୁକରୁ ବେଶ୍ ଚିହ୍ନା ଓ ପରିଚିତ ହେଇଯାନ୍ତି, ତେବେ, ଶୁଭ ପରିଣୟ; ଏକ ରୋମାଞ୍ଚକର ମୁହୂର୍ତ୍ତଟିଏ ମିଳିଗଲା ବୋଲି ଶତପ୍ରତିଶତ ଜାଣ!

ରୂପାନ୍ତର ପ୍ରକ୍ରିୟାଟି ପାରସ୍ପରିକ ଭାବରେ ଯଦି ଏମିତି ହେଇଯାଏ ଓ ତା କିଛି ନ ଘଟିବା ପରି ଲାଗେ; ତେବେ, ଏଇ ନ ଲାଗିବା ହେତୁ, କବିତା ହେଇଯାଏ ଖୁସ୍ ଓ କବି ବି ହେଇଯାଏ ତତୋଧିକ ଖୁସ୍। ଏଇଟା ତାତ୍କାଳିକ ପ୍ରକ୍ରିୟା। ୟୁଙ୍ଗ(ଔଙ୍କଭଶ)ଙ୍କ ଭାଷାରେ କାକତାଳୀୟ (ଉକ୍ଷସଭମସୟରଭମର) ! କରୁଥିବା କଥା ଛାଡ଼ି ମନ ଭିତରେ ଅକସ୍ମାତ ଆସିଥିବା କଥାଟି ଘଟେ। ଏଇଥିପାଇଁ କୁହାଯାଏ ଯେ କାବ୍ୟ-ପ୍ରକ୍ରିୟା ଚିର ରହସ୍ୟମୟ !

ରହସ୍ୟର ଊର୍ଦ୍ଧ୍ୱରେ, ଏଇ ରୂପାନ୍ତରଣରେ ଯଦି ଉଭୟ ପକ୍ଷ ଖୁସି ହୁଅନ୍ତି; ଯଦି ତା ଖୁସି ହେଲା ଭଳି ହେଇଥାଏ; ତେବେ, ତୃତୀୟ ପକ୍ଷ ଅର୍ଥାତ୍ ପାଠକ ଆଉ ଯିବେ କୁଆଡ଼େ!

ମୋ-୭୯୭୮୮୫୮୦୯୧

# ଗୋଟେ ନଦୀ ରଙ୍ଗର ଦେବୀ ଓ ସମୁଦ୍ର



ଶୁଭସ୍ମିତା ତ୍ରିପାଠୀ

ଋଷିକୁଲ୍ୟାର ମିଠାପାଣିରେ
ବୁଡ଼େଇ ଆସିଥିଲି ପାଦ ହଳକ ଯେ
ମୁଁ ତା'କୁ ଭାବି ବସିଲି ସମୁଦ୍ର;
ଆଉ ମତେ ଖୋଜୁଥିବା ଗୋଟେ
ମିଠାମିଠା ଶୋଷ,
ଯା'ର ଆରମ୍ଭ ହୁଏ
ଶାମୁକାଏ ପ୍ରେମରୁ....ଆଉ ଶେଷ ନଥାଏ
ଥାଏ ଶେଷହୀନ ଗୋଟେ
ସାମୁଦ୍ରିକ ଆଲିଙ୍ଗନ.....!

ଯେମିତି ବାକିଥାଏ
ତରଳି ଯିବା ପରେ ବି
ଆହୁରି ଗାଢ଼...ଗାଢ଼ରଙ୍ଗର ସମ୍ମିଶ୍ରଣ
ଆହୁରି ଆହୁରି କେଉଁ ନୀଳଛାତିରେ
ରାତି ରାତି ଜାଗି ତାରା ଗଣିବାର ଆକର୍ଷଣ।

କେମିତି କେଜାଣି,
ଗୋଟେ ପୁରୁଣା ବରଗଛର ଓହଳ ଭଳି
ମୁଁ ନଈକୂଳରେ ଟାଣିଧରେ
ମୋ ଅପେକ୍ଷା ଓ ବିଶ୍ୱାସର
କଳା ସୂତା ଖିଅ,
ଥୋଇଦେଇ ସେଇଠି ମୋ ଛାତି;
ଛାତି ଭିତରର ପୂବେଇ ପବନ,
ଆଉ, ଯେତେ ସବୁ ବର୍ଣ୍ଣିଳ ସ୍ପନ୍ଦନ...

ମୁଁ ପୁଣି ବାସେ ନୂଆଁ ନୂଆଁ,
ପୁଣି ଭାବି ବସିଲେ ତାକୁ
'ତାରା' ଭଳି ରକ୍ତାଭ ଦିଶେ ମୋ
ନୀରବ ଓଠ,
'ତାରିଣୀ' ଭଳି ଗାଢ଼ ସ୍ୱପ୍ନିଳ କଜଳରେ
କଳା ହୁଏ ମୋ ଅପେକ୍ଷାର ଆଖିପତା,

ମାଳମାଳ ଗାଢ଼ ବିଶ୍ୱାସର ରକ୍ତମନ୍ଦାରରେ
ଘୋଡେଇ ହୁଏ ମୋ
ପର୍ବତ ପର୍ବତ ବାସୁଥିବା ଦେହ,
ଚୁଆ ବାସ୍ନାର ରକ୍ତାଭ ସିନ୍ଦୂରା ଫାଟେ,
ଗୀତଟିଏ ଗାଏ
ନିତି ସ୍ୱପ୍ନ ପକ୍ଷୀମାନଙ୍କୁ
ଅପହଞ୍ଚ ରଖୁଥିବା ଆକାଶ,
ପାହାଡ଼ର ଗୋଟେ ପଥୁରିଆ କାନ୍ଦରେ

ଥରୁଥାଏ କେଉଁ ଦୂର
ସମୁଦ୍ରର ଛାତି,
ଆଉ ତା' ଭିତରେ ଶୋଇଥିବା ବତାସ !

ସେ ସବୁଦିନ
ଗୋଟେ କୂଳ ଉପକୂଳହୀନ ସମୁଦ୍ର ;
ଆଉ ମୁଁ,
ଉପକୂଳକୁ ସ୍ୱପ୍ନରେ ଦେଖି
ଦି ଧାର ଋଷିକୁଲ୍ୟାର ପାଣିକୁ ଆଣି
ପାଉଁଜି କରି ପିନ୍ଧୁଥିବା ଝିଅ !

ନଈକୂଳିଆ ଦେବୀ ମାନଙ୍କ ଛାଇ ତୋଳି
କେବେ ଫେରିବା ଜାଣି ନଥିବା
ଗୋଟେ ଶ୍ୟାମଳ ରଙ୍ଗର ଅପେକ୍ଷା....

କେବେ ଦିନେ
ଇଞ୍ଚେ ପାହାଡ଼, ଟିପେ ସବୁଜିମା
ଧାରେ କଜଳ ଗାରର ଦେବୀତ୍ୱ
ଆଉ ଅଧାଭାଗ ନଈ ହେଇ
ମୁଁ ଅଜାଡି ପଡିଲି ଯେ,
ସେ ଭୁଲିଗଲାନି ତଥାପି
ତା'ର ଉପକୂଳହୀନତା,
ଓଦା ହେବାର ଲଗ୍ନରେ
ଶୋଇ ରହିଲା ବାଲି ତଳେ !

ବହୁଥିବା ନଈ ପାଣି ଜାଣେ
କେବଳ ସେଇ ଗୋଟେ ଛୁଇଁବାରେ ଥାଏ ଆକର୍ଷଣ,
କେବଳ ଆଉ କେବଳ
ସେ ଗୋଟେ
ନୀଳ ଇଲାକାରେ ଥାଏ ପ୍ରେମିକପଣ,
ସେଇ ଗୋଟେ ସନ୍ଧିସ୍ଥଳରେ ଥାଏ
ନିବୁଜ କବାଟ
ଆଉ ତା' ଦେହର ପୃଷ୍ଠାଟି ଓଲଟେଇଲେ
ସେଥିରେ ଲେଖିହେବ
ହସଲୁହ ମିଶା ସମୁଦ୍ରେ କବିତା...!!

ବ୍ରହ୍ମପୁର, ଗଞ୍ଜାମ
ମୋ : ୮୪୮୦୮୬୭୧୯୦



# ଭୋକ



ଡ. ଶୁଭେନ୍ଦୁ ମହାପାତ୍ର

ସାତ ବର୍ଷର ଛୋଟ ପୁଅ ବବଲୁକୁ ମାଆ ବିରକ୍ତ ହୋଇ କହିଲେ, ତତେ କଅଣ ଭୋକ ହେଉନାହିଁ ? ସହରରେ ଜନ୍ମ ହୋଇ ସେଇଠି ବଢ଼ିଥିବା ପୁଅ ପଚାରିଲା ମମି ଭୋକ କଅଣ ? ଏଥର ମାଆ ଚାପୁଡାଟେ ମାରି ଟାଣି ଟାଣି ନେଇଗଲେ, ଚାଲ ଖାଇବୁ ଚାଲ। ବାପା ବାଲକୋନୀରେ ଛିଡାହୋଇ ଦେଖିଲେ ପୁଅ ତା ସାଙ୍ଗମାନଙ୍କ ସହିତ ଖେଳୁଥିବା ବେଳେ ସ୍ମିତା ମାଡ଼ମାରି ଖାଇବାକୁ ଡାକୁଛନ୍ତି। ପ୍ରକାଶ ତଳକୁ ଆସି ସ୍ତ୍ରୀଙ୍କୁ ବୁଝାଇବା ଛଳରେ କହିଲେ ପିଲାଟାର ଦୋଷ କଅଣ ?

ସ୍ମିତା କହିଲେ ସ୍କୁଲ ଛୁଟି ବୋଲି ଏତେବେଳେ ହେଲାଣି ତାକୁ ଭୋକ ହେଉନାହିଁ। ଗଲା ଖେଳରେ ମାତିଛି, ଡାକିଲେ କହୁଛି ଭୋକ କଅଣ ?

ସବୁ ପିଲାମାନେ ଖେଳୁଛନ୍ତି, ମାଡ ମାରିଲେ ପିଲା ମାଡୁଆ ହୋଇଯିବ ?

ଛୁଟିଦିନ ଥିବାରୁ ପ୍ରକାଶ ଅପରାହ୍ନ ଚାରିଟା ବେଳେ ପୁଅକୁ ବାଇକରେ ବସାଇ ବଜାର ଆଡେ ବାହାରିଲେ। ସେହି ଯିବା ଭିତରେ ପୁଅକୁ ଭୋକର ସଂଜ୍ଞା ବୁଝାଇବାକୁ ଯାଇ ନାନାଦି ଉଦାହରଣ ଦେଇ ଚାଲିଥିଲେ। ଯେମିତି ଆମକୁ ଭୋକ ହେଲେ ନାନାଦି ଡାଲି ତରକାରୀ ସହିତ ଭାତ ରୁଟି ଇତ୍ୟାଦି ଖାଆନ୍ତି।

ବବଲୁ ଚଟାପଟ୍ ଉତ୍ତର ଦେଲା ମୋର ତ ଇଚ୍ଛା ନଥିଲେ ବି ମାମା ଜୋର ଜବରଦସ୍ତି ଖୁଆଇ ଦିଅନ୍ତି, ସେ ତ ମୋ କଥା ଶୁଣନ୍ତି ନାହିଁ। ଅଧିକାଂଶ ସମୟରେ ମୁଁ ବାନ୍ତି କରେ ।

ପ୍ରକାଶ ପୁଅର କଥା ହୃଦୟଙ୍ଗମ କରି ମନେମନେ ଭାବୁଥିଲେ, ରାଜନଅରରେ ବଢ଼ିଥିବା କୋଉ ରାଜାଙ୍କ ଅଲିଅଳ ଯୁବରାଜ ପୁଅ ଭାତ ଥାଳି ପାଖରେ ଖାଇବାକୁ ବସି, ଭାତରୁ ବାହାରିଥିବା ଧାନକୁ ନିଜର ତଥାକଥିତ ରାଣୀରୂପି ମାଆଙ୍କୁ ପଚାରିଲେ, 'ମାଆ ଭାତ ଭିତରେ ଏହିଟା କଅଣ '? ଏକଥା ରାଜାଙ୍କ କାନକୁ ଗଲା, ରାଜା ଭାବିଲେ ନଅର ଭିତରେ ଥିବା ତାଙ୍କ ପୁଅ ଧାନକୁ ଚିହ୍ନି ପାରୁନାହିଁ, ଏହା ଶୁଭଙ୍କର ନୁହେଁ। ତେଣୁ ମନ୍ତ୍ରୀଙ୍କ ସହିତ ବାହାରକୁ ପଠାଇ ସମସ୍ତ ପଦାର୍ଥ ସହିତ ପରିଚିତ ହେବାକୁ ନିର୍ଦ୍ଦେଶ ଦେଲେ। ମନେ ମନେ ଖୁବ୍ ହସିଲେ ପ୍ରକାଶ। ବବଲୁ ପଚାରିଲା ବାବା କଅଣ ହସୁଛନ୍ତି ? ନା ଆମେ ଆଗକୁ ଗଲେ ଭୋକକୁ ଭେଟିବା ।

କିଛି ବାଟ ଯିବାପରେ ପ୍ରକାଶଙ୍କର ମନେ ପଡ଼ିଲା ଗତକାଲି ସହରର ଶୁଭମ୍ ମଣ୍ଡପଠାରେ ଗୋଟେ ବଡ଼ ଭୋଜି ଥିଲା। ତାଙ୍କୁ ବି ନିମନ୍ତ୍ରଣ ଥିଲା କିନ୍ତୁ ଦିନବେଳା ଅଫିସ ଥିବାରୁ ଯାଇପାରିଲେ ନାହିଁ। ହୁଏତ ସେଠାକୁ ଗଲେ କିଛି ଗୋଟେ ସୁରାକ ମିଳି ଯାଇପାରେ, ତେଣୁ ସେହିଠାକୁ ସିଧା ବାଇକ୍ ଗଡାଇଲେ।

ଅଳ୍ପ ସମୟ ମଧ୍ୟରେ ସେଠାରେ ପହଞ୍ଚି ଯାହା ଭାବିଥିଲେ ଏକ ଜ୍ୱଳନ୍ତ ନମୁନା ମିଳିଗଲା। ପୁଅକୁ ଗାଡିରୁ ଓହ୍ଲାଇ ମଣ୍ଡପ ପଛପାଖ ଅଳିଆ ଗଦାପାଖକୁ ନେଇଗଲେ। ପ୍ରକାଶ ସେହି ଅଳିଆ ଗଦାଆଡେ ଆଙ୍ଗୁଳି ନିର୍ଦ୍ଦେଶ କରି କହିଲେ ଦେଖ ଏହା ହିଁ ଭୋକ।

ବବଲୁ ଦେଖିଲା ଲୋମ ନଥିବା ଘା ଘାଉଡି ଯୁକ୍ତ କେତୋଟି କୁକୁର ବିଲେଇ କୁଆ ଓ ସେମାନଙ୍କ ସହିତ ଫୁଙ୍ଗୁଳା ଶରୀରରେ ପେଟପିଠି ଏକାକାର ହୋଇଥିବା ମାଟି ସାଲୁବାଲୁ ଅପରଛନିଆ ମଣିଷଟାଏ। ସମସ୍ତେ ଅଇଁଠା ପତ୍ରକୁ ଚାଟି ଖାଇବାରେ ବ୍ୟସ୍ତ, ଭୋକର ଏ କି ବିଭତ୍ସ ରୂପ।

ବବଲୁ ପଚାରିଲା ବାବା ସେ ଲୋକଟା କିଏ, ସେଠି କଣ କରୁଛି ? ସେ ଜଣେ ବିକୃତ ମାନସିକ ରୋଗୀ ଯାହାକୁ ଆମେ ପାଗଳ ବୋଲି କୁହନ୍ତି। ଭଲମନ୍ଦର ବିଚାର କରିବା ଶକ୍ତି ତା'ର ନାହିଁ। ଭୋକ ମାରିବାକୁ କୁକୁର ବିଲେଇଙ୍କ ସହିତ ମିଶି ଅଇଁଠା ଚାଟିଖାଉଛି। ଆଛା ତୁ କହ ଏଥର ଭୋକ କଣ ବୁଝିଲୁ ? ଭୋକ ହେଲେ ସ୍ଥାନ କାଳ ପାତ୍ର ବିଚାର ନକରି ଜୀବ ବିକାରହୀନ ଭାବରେ ଖାଇଯାଏ, ଯେମିତି ପାଗଳଟି ଖାଉଛି।

ବବଲୁ କହିଲା ହଁ ବାବା ମୁଁ ଏଥର ବୁଝିପାରିଲି, 'ଭୋକ ଏକ ରାକ୍ଷସ'।

ସତ୍ୟବିହାର, ପଳାଶୁଣି,
ଭୁବନେଶ୍ୱର
ମୋ -୯୪୩୮୦୬୪୯୦୮



# ଜଙ୍ଗଲ



ସୁଶୀଲ କୁମାର ପାଣିଗ୍ରାହୀ

ଜଙ୍ଗଲ
ନିଜ ପାଇଁ
ରଖି ନଥାଏ ବାଟ କି
କାହା ପାଇଁ ବି
ବାଟ ରଖି ନଥାଏ।

ଜଙ୍ଗଲ
ନିଜ ଗୀତ ଓ ସଂଳାପ ଛଡା
କିଛି ବି ପସନ୍ଦ କରେନି
ମଣିଷର ପ୍ରତିଟି ପାଦଶବ୍ଦ
ତା' ପାଇଁ ଆହ୍ୱାନ।

ତା' ଭିତରେ
କଟାଗଛର ଗଣ୍ଡିରେ
ବର୍ଷାର ଛମ୍ ଛମ୍ ବୁନ୍ଦା
କାହାର କାନ୍ଦିବା ଭଳି ଶୁଭୁଛି
ତା' ଗୀତର ସ୍ୱରରେ କିଛି ଭିଜା ଶବ୍ଦ
ଥପ୍ କରି ଖସିପଡୁଛି।

ଯେବେ ବଡ ବଡ ଟ୍ରକ
ତା' ଛାତି ଉପରକୁ ମାଡି ଆସନ୍ତି
ସେ ଆର୍ତ୍ତଚିତ୍କାର କରିଉଠେ
ସେ ଚିତ୍କାରକୁ ଚାପିଦିଏ
ତା' ଚାରିପଟେ ଥିବା
କରତକଳର ବିକଟାଳ ହସ।

ବଡ ଦୁଃଖି ସେ
ମିଠା ମନଭୁଲା ବଂଶୀସ୍ୱର ବି
ତାକୁ ଦେଇପାରେନି ଖୁସି
ବାଉଁଶ ଫୁଲକୁ ଝୁରି ହୁଏ କେତେ

ସ୍ୱପ୍ନରେ ହେଣ୍ଟାଳକୁ
ଖୋଜେ
ଚାର ମହୁଲ ଶାଳ ମଞ୍ଜି ଧରି
କଅଁଳିଆ ହସରେ
ପୁଲକିତ କରୁଥିବା
ଝିଅମାନଙ୍କ ଆସିବା ବାଟକୁ
ଚାହିଁ ରହିଥାଏ
ଆହା..
ଆଗର ତା' ଆତ୍ମାର
ସୁମଧୁର ମର୍ମର ସହ
ପକ୍ଷୀଗୀତର ଯୁଗଳବନ୍ଦୀ
କାହିଁ ?

ଏବେ ତାହାର ଦୀର୍ଘଶ୍ୱାସ
ତାକୁ ହିଁ କରେ ବିଦ୍ଧ
ମୁଗ୍ଧ ଜୀବନ ସ୍ମୃତି ହେଇ
ଆସିଲେ ବି ସ୍ୱାଗତ କରିପାରେନି
ଇଚ୍ଛା ହୁଏନି ପାଳିବାକୁ
କେବେଠୁ ବନ୍ଦ ହେଇଯାଇଥିବା
ବର୍ଷାଋତୁର ମେଘପର୍ବ କି
ନବ ପଲ୍ଲବନର ମହାଉତ୍ସବ।

କଲ୍ୟାଣୀ ରେସିଡେନ୍ସି,
ଫ୍ଲାଟ-୨୦୩, ସମ୍ବଲପୁର
ମୋ-୮୧୪୪୨୨୮୨୦୨

# ବୋଉ



ବିଜୟ ମଲ୍ଲ

-ଏକ-
ନେଇଗଲୁ ମତେ ଦିନେ ଶିବ ମନ୍ଦିରକୁ
ସମର୍ପିଲୁ ଓ କହିଲୁ
ଭୋଳାନାଥ ! ରକ୍ଷାକର
ମୋ ଭୋଳା ପୁଅକୁ।
ଜାଣିନି କପଟ ଛନ୍ଦ
ସଂସାର ବାଟରେ
ଘଣ୍ଟ ଘୋଡ଼େଇ ରଖୁବ
ଗତ ଆଗତକୁ।

ତୋର ସେ ଆକୁଳ ଭାଷା
ଭୋଳାନାଥ ଯଦି ଶୁଣିଥିବେ
ପାଇବାକୁ ତୋ' ପରି ବୋଉଟେ
ଆଜିବି ସେ ତପ କରୁଥିବେ।

-ଦୁଇ-
ଏତେ ଓଷା, ଏତେବ୍ରତ
କଲୁଯାହା ପାଇଁ
ତୋ' କଥା ସେ ଭାବୁଚି କି ନାଇଁ
ଦିନେ ତୁ ତ ପଚରିଲୁ ନାଇଁ !
ପାଦରେ ତା' ଧୂଳି ଲାଗିବନି ବୋଲି
କାଖରୁ ତଳକୁ କେବେ
ଓହ୍ଲେଇଲୁ ନାହିଁ କଳାମାଣିକକୁ
ଯଦିଓ ତୁ ଜାଣିଥିଲୁ
ପାଦଦମ୍ଭ ହେଲାପରେ
ଚାଲିଚାଲି ଚାଲିଯିବ ସିଏ
ତତେ ଛାଡି ମଥୁରାପୁରକୁ।

ମୋ-୯୪୩୭୩୧୨୩୮୫

## ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍

# ସେମିଫାଇନାଲ୍‌ରେ ଲକ୍ଷ୍ୟ ସେନ୍



**ଲଣ୍ଡନ୍, ୭।୩/ଏଜେନ୍ସି:** ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତର ଲକ୍ଷ୍ୟ ସେନ୍ ଚମତ୍କାର ପ୍ରଦର୍ଶନ କରିବା ପୂର୍ବକ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେ ପୂର୍ବତନ ଚାମ୍ପିଅନ୍ ତଥା ବିଶ୍ୱର ୬ ନମ୍ବର ସିଡେଡ୍ ଖେଳାଳି ଚୀନ୍‌ର ଲି ଶିଫେଙ୍ଗ୍‌ଙ୍କୁ ସିଧାସଳଖ ଖେଳରେ ପରାସ୍ତ କରିଛନ୍ତି। ତେବେ ଏହି ବିଜୟ ସହ ଲକ୍ଷ୍ୟ ଇଂଲଣ୍ଡ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ରେ ତୃତୀୟ ଥର ପାଇଁ ଶୀର୍ଷ-୪ରେ ପ୍ରବେଶ କରିଛନ୍ତି। ଲକ୍ଷ୍ୟ ନିଜ ପ୍ରଥମ ମ୍ୟାଚ୍‌ରେ ଲି ଶିଫେଙ୍ଗ୍‌ଙ୍କ ପୂର୍ବରୁ ବିଶ୍ୱର ନମ୍ବର ୧ ଖେଳାଳି ତଥା ଚୀନ୍‌ର ଶି ୟୁକିଙ୍କୁ ମଧ୍ୟ ପରାସ୍ତ କରିସାରିଛନ୍ତି। ପ୍ରକାଶ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି ୧,୪୫୦,୦୦୦ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରା ଅନୁସାରେ ୧୩.୩୪ କୋଟି ଟଙ୍କା) ରହିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ୟ ସେନ୍ ପ୍ରତିପକ୍ଷ ଲି ଶିଫେଙ୍ଗ୍‌ଙ୍କୁ ୨୧-୧୨, ୨୧-୧୬ ସେଟ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱର ୧୨ ନମ୍ବର ସିଡେଡ୍ ଖେଳାଳି ତଥା ୨୦୨୨ ରନର୍ସଅପ୍ ହୋଇଥିବା ଲକ୍ଷ୍ୟ ସେନ୍ ଦୀର୍ଘ ଏକ ଘଣ୍ଟା ଧରି ଚାଲିଥିବା ଏହି ମ୍ୟାଚ୍‌ରେ ଲି ଶିଫେଙ୍ଗ୍‌ଙ୍କ ଉପରେ ପ୍ରଥମରୁ ହିଁ ଦବଦବା ଜାହିର କରିବାରେ ସଫଳ ହୋଇଥିଲେ। ମ୍ୟାଚ୍ ପରେ, ଲକ୍ଷ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ବର୍ତ୍ତମାନ ସୁଦ୍ଧା ନିଜ ପ୍ରଦର୍ଶନରେ ସନ୍ତୁଷ୍ଟ ଅଛନ୍ତି। ଆଜିର ମ୍ୟାଚ୍‌ରେ ଶିଫେଙ୍ଗ ମଧ୍ୟ ଭଲ ଖେଳିଥିଲେ। ଦୁଇଟି ଯାକ ସେଟ୍ ଲମ୍ବା ସମୟ ଯାଏ ଚାଲିଥିଲା। ତେବେ ଲକ୍ଷ୍ୟ ଆତ୍ମବିଶ୍ୱାସର ସହିତ ମ୍ୟାଚ୍ ଆରମ୍ଭ କରିଥିଲେ, ୪-୧ ଲିଡ୍ ନେଇଥିଲେ ଏବଂ ଆକ୍ରମଣାତ୍ମକ ଭାବରେ ଖେଳି ଏହାକୁ ୧୦-୪ ପର୍ଯ୍ୟନ୍ତ ବିସ୍ତାର କରିଥିଲେ। ବିରତି ସମୟରେ ସେ ୧୧-୬ ଆଗୁଆ ଥିଲେ। ଯଦିଓ ତାଙ୍କୁ ଶିଫେଙ୍ଗଙ୍କ ଓଭରହେଡ୍ କ୍ରସକୋର୍ଟ ସ୍ମାଶ୍ ପଢ଼ିବାରେ କିଛି ଅସୁବିଧା ହୋଇଥିଲା, ତଥାପି ସେ ୧୫-୧୧ ଲିଡ୍ ନେଇଥିଲେ। ଶିଫେଙ୍ଗ ଏକ ଲମ୍ବା ରାଲି ଜିତି ସ୍କୋର ୧୩-୧୫ କରିଥିଲେ, କିନ୍ତୁ ଲକ୍ଷ୍ୟ ନେଟ୍ କର୍ଡ ବ୍ୟବହାର କରି ତାଙ୍କର ଲିଡ୍ ୧୮-୧୩ କୁ ବୃଦ୍ଧି କରିଥିଲେ ଏବଂ ୨୪ ମିନିଟ୍‌ରେ ପ୍ରଥମ ଖେଳ ଜିତିଥିଲେ। ଦ୍ୱିତୀୟ ସେଟ୍ ଖେଳରେ ଶିଫେଙ୍ଗ ଭଲ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ସ୍କୋର ୬-୬ ରେ ବରାବର ରଖିବାରେ ସମର୍ଥ ହୋଇଥିଲେ। କିନ୍ତୁ ଲକ୍ଷ୍ୟ ଉତ୍କୃଷ୍ଟ ପ୍ରତିରକ୍ଷା ଏବଂ ସ୍ମାଶ ସହିତ ଅଗ୍ରଣୀ ହୋଇଥିଲେ। ଶିଫେଙ୍ଗ ଏକ ଲମ୍ବା ୪୫-ସଟ୍ ରାଲି ଜିତି ସ୍କୋରକୁ ୧୫-୧୯ କରିଥିଲେ, କିନ୍ତୁ ଲକ୍ଷ୍ୟ ଶୀଘ୍ର ମ୍ୟାଚ୍ ପଏଣ୍ଟ ଅର୍ଜନ କରିଥିଲେ।

ଲକ୍ଷ୍ୟ ଏବେ ସେମିଫାଇନାଲରେ କାନାଡାର ଭିକ୍ଟର ଲାଇଙ୍କ ସହ ମୁକାବିଲା କରିବେ। ଭିକ୍ଟର ଅନ୍ୟ କ୍ୱାର୍ଟରଫାଇନାଲରେ ଜାପାନର କୋକି ୱାଟାନାବେଙ୍କୁ ୧୮-୨୧, ୨୧-୧୭, ୨୧-୧୫ ରେ ପରାସ୍ତ କରିଛନ୍ତି। ମ୍ୟାଚ୍ ସ୍ଥାନୀୟ ସମୟ ଶନିବାର ଅପରାହ୍ନ ୪:୩୦ରେ ଆରମ୍ଭ ହେବ।

# ଭାରତ ପାଇଁ ୮ମ ଆଇସିସି ଟ୍ରଫି ଜିତିବାର ସୁଯୋଗ

## ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ଦଳ ୧୫ ଥର ଫାଇନାଲ୍‌କୁ ଉତ୍ତୀର୍ଣ୍ଣ, ୭ଥର ଟ୍ରଫି ଜିତିବାରେ ସଫଳ




**ନୂଆଦିଲ୍ଲୀ, ୭।୩/ଏଜେନ୍ସି:** ଆସନ୍ତା କାଲି ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-୨୦ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍ ଖେଳାଯିବ। ତେବେ ଏହାକୁ ନେଇ ଅନେକ ଚର୍ଚ୍ଚା, ତର୍କ, ବିତର୍କ ଏବେ ପ୍ରାୟ ସବୁ ଦେଶର ଜାତୀୟ ଚ୍ୟାନେଲ୍‌ରେ ଆରମ୍ଭ ହୋଇଯାଇଛି। କ୍ରିକେଟ୍ ଏକ୍ସପର୍ଟଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁଇ ଦଳର ସାମର୍ଥ୍ୟ, ଦୁର୍ବଳତା ଆଦି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଏସବୁ ଚର୍ଚ୍ଚା ମଧ୍ୟରେ ଭାରତ ପକ୍ଷରୁ ଏକ ବଡ ଉପଲବ୍ଧିକୁ ମଧ୍ୟ ଅନେକ ଲୋକ ଚର୍ଚ୍ଚାକୁ ଆଣିଛନ୍ତି।

ଆଇସିସି ପ୍ରାୟୋଜିତ କୌଣସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ (ଦିନିକିଆ ବିଶ୍ୱକପ୍, ଚାମ୍ପିଅନ୍ସ ଟ୍ରଫି, ଟି-୨୦ ବିଶ୍ୱକପ୍, ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍) ଇତିହାସରେ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଆସନ୍ତା କାଲିର ମ୍ୟାଚ୍‌କୁ ମିଶାଇ ରେକର୍ଡ ୧୫ତମ ଥର ପାଇଁ ଫାଇନାଲରେ ଖେଳିବ। ୧୯୮୩ ମସିହାରେ କପିଳ ଦେବଙ୍କ ଅଧିନାୟକତ୍ୱରେ ଭାରତ ପ୍ରଥମ ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍ ଖେଳିଥିଲା ଏବଂ ବିଜୟୀ ହୋଇଥିଲା। ତେବେ ଫାଇନାଲ୍‌ରେ ଖେଳିବାର ଏହି ଅଭିଯାନ ମଧ୍ୟରେ ଭାରତ ବର୍ତ୍ତମାନ ସୁଦ୍ଧା ୭ଟି ଆଇସିସି ଟ୍ରଫି ଜିତିସାରିଛି। ଅର୍ଥାତ୍ ଭାରତ ବର୍ତ୍ତମାନ ସୁଦ୍ଧା ଆଇସିସିର ୧୪ଟି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଥିବା ବେଳେ ୭ଟି ଟ୍ରଫି ଜିତିଛି। ଏଥିସହ ଅଷ୍ଟ୍ରେଲିଆ ପରେ ବିଶ୍ୱର ୨ୟ ସଫଳତମ ଦଳ ଭାବେ ଭାରତ ନିଜକୁ ସ୍ଥାନିତ କରିପାରିଛି। କାରଣ ଅଷ୍ଟ୍ରେଲିଆ ଦଳ ବର୍ତ୍ତମାନ ସୁଦ୍ଧା ଆଇସିସି ପ୍ରାୟୋଜିତ ପ୍ରାୟ ୧୪ଟି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଥିବା ବେଳେ ଏଥିମଧ୍ୟରୁ ୧୦ଟିରେ ଟ୍ରଫି ଜିତିପାରିଛି। ୨୦୦୨ ଚାମ୍ପିଅନ୍ସ ଟ୍ରଫିର ଭାରତ-ଶ୍ରୀଲଙ୍କା ଫାଇନାଲ ବର୍ଷା ଯୋଗୁଁ ଦୁଇ ଦିନରେ ସମାପ୍ତ ହୋଇପାରିନଥିଲା, ତେଣୁ ଉଭୟ ଦଳକୁ ମିଳିତ ବିଜେତା ଘୋଷଣା କରାଯାଇଥିଲା। ତେବେ ଏବେ ଯେତେବେଳେ ଟି-୨୦ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଲଢ଼େଇ ହେବାକୁ ଯାଉଛି ସେତେବେଳେ ଭାରତ ଏହି ମ୍ୟାଚ୍‌କୁ ଜିତି ନିଜ ଟ୍ରଫି ସଂଖ୍ୟାକୁ ବଢ଼ାଇବାକୁ ନିଶ୍ଚିତ ରୂପେ ଚେଷ୍ଟା କରିବ।

ଟିମ୍ ଇଣ୍ଡିଆ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଶେଷଥର ପାଇଁ ଟାଇଟଲ ବିଜୟୀ ହୋଇଥିଲା। ଏହାପୂର୍ବରୁ ୨୦୨୪ରେ ମଧ୍ୟ ଭାରତ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟି-୨୦ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଏବେ, ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ, ଭାରତୀୟ ଦଳ ମାର୍ଚ୍ଚ ୮ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଆଉ ଏକ ଟାଇଟଲ ପାଇଁ ଲକ୍ଷ୍ୟ ରଖିଛି।

ପ୍ରକାଶ, ଏହା କେବଳ ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଷ୍ଟାଟିସ୍‌ଟିକ୍ସ୍। ଏତଦ୍‌ବ୍ୟତୀତ ଭାରତୀୟ ମହିଳା କ୍ରିକେଟ୍ ଦଳ ଏବଂ ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ପକ୍ଷରୁ ଅନେକ ଉପଲବ୍ଧି ରହିଛି।

# ଦେଶ ବିଦେଶ

## ନେପାଳ ସଂସଦୀୟ ନିର୍ବାଚନ: ଭୁଶୁଡ଼ିଲା ଓଲିଙ୍କ ଅଭେଦ୍ୟ ଦୁର୍ଗ

# ବାଲେନ୍ ଶାହ ହେବେ ନୂଆ ପ୍ରଧାନମନ୍ତ୍ରୀ



**କାଠମାଣ୍ଡୁ, ୭।୩/ଏଜେନ୍ସି:** ଜଣେ ରାପର୍ ଭାବେ ପରିଚୟ ସୃଷ୍ଟି କରିବା ପରେ ରାଜନୀତିରେ ଏଣ୍ଟ୍ରି କରିବା ଏବଂ ମାତ୍ର ୪ ବର୍ଷ ବୟସରେ ସମସ୍ତ ନେପାଳବାସୀଙ୍କ ପସନ୍ଦର ରାଜନେତା ସାଜିବା କୌଣସି ବ୍ୟକ୍ତିଙ୍କ ପକ୍ଷେ ସହଜସାଧ୍ୟ ନୁହେଁ। କିନ୍ତୁ ଏପ୍ରକାର ଏକ ଅସାଧ୍ୟ କାର୍ଯ୍ୟକୁ ସଫଳତାପୂର୍ବକ ସାକାର କରି ଦେଖାଇଛନ୍ତି ୩୫ ବର୍ଷୀୟ ବାଲେନ୍ ଶାହ ଓରଫ୍ ବାଲେନ୍ଦ୍ରେ ଶାହ। ବାଲେନ୍ ଶାହ ମାତ୍ର ୪ ବର୍ଷ ପୂର୍ବରୁ ନେପାଳ ରାଜନୀତିରେ ପ୍ରବେଶ କରିଥିବା ବେଳେ ଏବେ ସେ ନେପାଳର ନୂଆ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ନେପାଳର ଅଭେଦ୍ୟ ଦୁର୍ଗ ଅର୍ଥାତ୍ କେପି ଶର୍ମା ଓଲିଙ୍କ ଅଭେଦ୍ୟ ଦୁର୍ଗକୁ ସେ ଧୂଳିସାତ୍ କରିଦେଇଛନ୍ତି। ନେପାଳରେ ସଦ୍ୟ ସମାପ୍ତ ହୋଇଥିବା ସାଧାରଣ ନିର୍ବାଚନ ବା ସଂସଦୀୟ ନିର୍ବାଚନର ଫଳାଫଳ ସାମ୍ନାକୁ ଆସିଛି। ଏଥିରେ ବାଲେନ୍ ଶାହଙ୍କ ନେତୃତ୍ୱାଧୀନ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସ୍‌ପି) ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ନେପାଳ ସଂସଦର ମୋଟ୍ ୨୭୫ ଆସନ ମଧ୍ୟରୁ ୧୬୫ଟି ଆସନ ପାଇଁ ଭୋଟ ଗ୍ରହଣ ହୋଇଥିବାବେଳେ ଆରଏସ୍‌ପି ୧୧୪ଟି ଆସନରେ ବିଜୟୀ ହୋଇଛି। ଅବଶିଷ୍ଟ ୧୧୦ ଆସନ ପାଇଁ ପ୍ରୋପର୍ସନାଲ ରିପ୍ରେଜେଣ୍ଟେସନ ପଦ୍ଧତି ଗ୍ରହଣ କରାଯାଉଥିବାବେଳେ ଏଥିରେ ୩୧୩୫ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବା ଜଣାପଡିଛି।

ଗତ ବର୍ଷ ନେପାଳରେ ଦେଖାଦେଇଥିବା ଜେନ୍-ଜେଡ୍ ଆନ୍ଦୋଳନ ଓଲି ସରକାରର ପତନ ଘଟାଇଥିଲା। ସେତେବେଳେ ଏହି ଆନ୍ଦୋଳନର ନେତୃତ୍ୱ ବାଲେନ୍ ଶାହ ନେଇଥିଲେ। ବାଲେନ୍ ଶାହ ଜେନ୍-ଜେଡ୍ ଆନ୍ଦୋଳନର ମୁଖ୍ୟ ପୁରୋଧା ସାଜିବା ଯୋଗୁ ନେପାଳରେ କ୍ଷମତା ପରିବର୍ତ୍ତନ ହୋଇଥିଲା। ନେପାଳ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଥିଲା। ତେବେ ଏସବୁ ମଧ୍ୟରେ ନେପାଳ ନିର୍ବାଚନରେ ଓଲିଙ୍କ ଦଳ ପୁଣିଥରେ ବିପୁଳ ସମର୍ଥନ ହାସଲ ସହ ସରକାର ଗଠନ କରିବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଏସବୁକୁ ମିଥ୍ୟା ପ୍ରମାଣିତ କରି ବାଲେନ୍ ଶାହ ଏବଂ ତାଙ୍କ ଦଳ ବହୁମତ ହାସଲ କରିଛି ଏବଂ ନେପାଳରେ ସରକାର ଗଠନ କରିବାକୁ ଜନାଦେଶ ପାଇଛି। ନେପାଳର ସଂସଦୀୟ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ପରାସ୍ତ କରିବା ପରେ ୩୫ ବର୍ଷୀୟ ବାଲେନ୍ଦ୍ର ଶାହ ଶନିବାର ତାଙ୍କର ବିଜୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଯଦି ତାଙ୍କ ଦଳର ଦେଶବ୍ୟାପୀ ଶକ୍ତିଶାଳୀ ପ୍ରଦର୍ଶନ ନିଶ୍ଚିତ ହୁଏ, ତେବେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସ୍‌ପି) ନେତା ବାଲେନ୍ ଶାହ ହିମାଳୟ ଗଣରାଜ୍ୟର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ।

ଶନିବାର ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ, କାଠମାଣ୍ଡୁର ପୂର୍ବତନ ମେୟର ବାଲେନ୍ ଭାବରେ ଜଣାଶୁଣା ବାଲେନ୍ଦ୍ର ଶାହ ପୂର୍ବ ଝାପା ଜିଲ୍ଲାରେ ନେପାଳର ପ୍ରତିନିଧି ସଭାର ଏକ ଆସନ ପାଇଁ ଏକ ପ୍ରତିଯୋଗିତାରେ ୭୪ ବର୍ଷୀୟ କମ୍ୟୁନିଷ୍ଟ ନେତା କେ.ପି. ଶର୍ମା ଓଲିଙ୍କୁ ପରାସ୍ତ କରିଛନ୍ତି। ଉଭୟ ଏହି ଆସନରେ ପରସ୍ପର ସହ ମୁକାବିଲା କରିଥିଲେ। ସବୁଠୁ ବଡ଼କଥା ହେଉଛି ଏହି ଆସନରୁ କ୍ରମାଗତ ୬ ଥର ଅର୍ଥାତ୍ ୩ ଦଶନ୍ଧି ଧରି ନିର୍ବାଚିତ ହୋଇଆସୁଥିଲେ। ବାଲେନ୍ ଶାହଙ୍କୁ ଏଠାରେ ମୋଟ୍ ୬୮,୩୪୮ ଭୋଟ୍ ମିଳିଥିବା ବେଳେ ଓଲିଙ୍କୁ ମାତ୍ର ୧୮,୭୩୪ ଭୋଟ୍ ମିଳିଛି। ବାଲେନ୍ ଶାହଙ୍କ ବିଜୟରେ ମୁଖ୍ୟତଃ ନେପାଳର ଯୁବଭୋଟରଙ୍କ ସମର୍ଥନ ହିଁ ରହିଛି।

# ଅଳ୍ପକେ ବର୍ତ୍ତିଲେ ୟୁପି ଉପମୁଖ୍ୟମନ୍ତ୍ରୀ



**ଲକ୍ଷ୍ନୌ, ୭।୩/ଏଜେନ୍ସି:** ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଶନିବାର ଏକ ନିଶ୍ଚିତ ତଥା ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରିପୋର୍ଟ ଅନୁସାରେ ମୌର୍ଯ୍ୟଙ୍କ ହେଲିକପ୍ଟର ଜରୁରୀକାଳୀନ ଅବତରଣ କରିଛି। ହେଲିକପ୍ଟରଟି ଲକ୍ଷ୍ନୌର ଲା-ମାର୍ଟିନିୟର କଲେଜ ଗ୍ରାଉଣ୍ଡ ହେଲିପ୍ୟାଡ୍‌ରୁ କୌଶାମ୍ବୀ ଅଭିମୁଖେ ଉଡ଼ାଣ ଭରିଥିବା ବେଳେ ୨୦୦୦ ଫୁଟ୍ ଉଚ୍ଚତାରେ ଏଥିରେ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା। ବିମାନର ଡିସପ୍ଲେ ୟୁନିଟ୍ କାମ କରିବା ବନ୍ଦ କରିଦେଇଥିଲା। ଏବଂ ବିମାନରୁ ଧୂଆଁ ବାହାରିବା ଆରମ୍ଭ ହୋଇଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଇଲଟ୍ ତୁରନ୍ତ ବିମାନକୁ ଲକ୍ଷ୍ନୌ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଇଥିଲେ। ତେବେ ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପ୍ରଶାସନ ଏବଂ ସୁରକ୍ଷା ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲିକପ୍ଟର ତ୍ରୁଟିର ତଦନ୍ତ ପାଇଁ ଏକ ବୈଷୟିକ ଦଳ କାର୍ଯ୍ୟ କରୁଛି। ଏସମ୍ପର୍କରେ କେଶବ ପ୍ରସାଦ ମୌର୍ଯ୍ୟଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମୌର୍ଯ୍ୟଙ୍କ ନିକଟତର ଜଣେ ବିଜେପି ନେତାଙ୍କ ଅନୁଯାୟୀ, ଉପ-ମୁଖ୍ୟମନ୍ତ୍ରୀ ମୌର୍ଯ୍ୟ ଅନେକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କୌଶାମ୍ବୀ ଯାଉଥିଲେ। ମୌର୍ଯ୍ୟଙ୍କ ସହ ତାଙ୍କ ସହଯୋଗୀ ବିବେକ ଏବଂ ଦୁଇ ଜଣ ପାଇଲଟ୍ ସମେତ ମୋଟ୍ ୫ଜଣ ଏହି ହେଲିକପ୍ଟରରେ ଥିଲେ।

# ରାମ ରହିମ୍‌ଙ୍କୁ କୋର୍ଟରୁ ବଡ଼ ଆଶ୍ୱସ୍ତି



**ନୂଆଦିଲ୍ଲୀ,୭।୩/ଏଜେନ୍ସି:** ୨୪ ବର୍ଷ ପୁରୁଣା ତଥା ବହୁ ଚର୍ଚ୍ଚିତ ସାମ୍ବାଦିକ ରାମ ଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ରାମ ରହିମ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଶନିବାର ସକାଳେ ପଞ୍ଜାବ ଏବଂ ହରଆଣା ହାଇକୋର୍ଟ ସିବିଆଇ କୋର୍ଟର ରାୟକୁ ବଦଳାଇଛନ୍ତି ଏବଂ ଏହି ମାମଲାରେ ଡେରା ମୁଖ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ତେବେ କୋର୍ଟ ଅନ୍ୟ ତିନି ଦୋଷୀ କୁଲଦୀପ, ନିର୍ମଳ ଏବଂ କୃଷ୍ଣଲାଲଙ୍କ ଆଜୀବନ କାରାଦଣ୍ଡାଦେଶକୁ ବଜାୟ ରଖିଛନ୍ତି। ଏହି ମାମଲାରେ, ସ୍ୱତନ୍ତ୍ର ସିବିଆଇ କୋର୍ଟ ଡେରା ମୁଖ୍ୟ ଗୁରମିତ ରାମ୍ ରହିମ ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ମାମଲାରେ, ଡେରା ମୁଖ୍ୟଙ୍କୁ ୨୦୧୯ ଜାନୁଆରୀ ୧୭ରେ ଦଣ୍ଡାଦେଶ ଶୁଣାଯାଇଥିଲା। ତେବେ ରାମ୍ ରହିମ୍ ଏବଂ ଅନ୍ୟ ସହ-ଅଭିଯୁକ୍ତମାନେ ସ୍ୱତନ୍ତ୍ର ସିବିଆଇ କୋର୍ଟର ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଡେରା ମୁଖ୍ୟ ସାଧ୍ୱୀ ଭାବରେ ଡେରାରେ ଯୋଗ ଦେଇଥିବା ମହିଳାମାନଙ୍କୁ ଯୌନ ଶୋଷଣ କରିଥିବା ଅଭିଯୋଗ କରି ଏକ ବେନାମୀ ଚିଠି ପ୍ରକାଶିତ ହେବାର କିଛି ମାସ ପରେ ସାମ୍ବାଦିକ ଛତ୍ରପତିଙ୍କୁ ୨୦୦୨ରେ ଗୁଳି କରି ହତ୍ୟା କରାଯାଇଥିଲା।

# ନବନିଯୁକ୍ତ ରାଜ୍ୟପାଳ ଜଣେ ବିଜେପି କର୍ମୀ: ମମତା



**କୋଲକାତା, ୭।୩/ଏଜେନ୍ସି:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗର ନବନିଯୁକ୍ତ ରାଜ୍ୟପାଳ ରାଜ୍ୟପାଳ ଆର୍‌ଏନ୍ ରବିଙ୍କୁ ଜଣେ ବିଜେପି କର୍ମୀ ବା ଏଜେଣ୍ଟ ବୋଲି କହି ଆକ୍ଷେପ କରିଛନ୍ତି। ପ୍ରକାଶ, ପଶ୍ଚିମବଙ୍ଗ ରାଜ୍ୟପାଳ ପଦରୁ ଡ. ସିଭି ଆନନ୍ଦ ବୋଷ୍ ଆକସ୍ମିକ ଇସ୍ତଫା ଦେବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବିଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ରବି ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଓ ଏହାପୂର୍ବରୁ ତାମିଲନାଡୁର ରାଜ୍ୟପାଳ ଭାବେ ଖୁବ୍ ବିବାଦୀୟ ହୋଇପଡ଼ିଥିଲେ। ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦଙ୍କ ହଠାତ୍ ଇସ୍ତଫା ଦେବାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହିତ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଚାପରେ ସେ ଇସ୍ତଫା ଦେଇଥିବା କହିଛନ୍ତି। ମମତା ତୃଣମୂଳ କଂଗ୍ରେସ କର୍ମୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, କେନ୍ଦ୍ର ସରକାର ଆଗାମୀ ବିଧାନସଭାକୁ ଲକ୍ଷ୍ୟ କରି ଲୋକ ଭବନକୁ ଏକ ରାଜନୈତିକ କାରାଗାରରେ ପରିଣତ କରିବାକୁ ଚେଷ୍ଟା କରୁଛନ୍ତି। ରାଜଭବନକୁ ବିଜେପି ପାର୍ଟି ଅଫିସ କରିବାକୁ ସେମାନେ ଚାହୁଁଥିଲେ, ଏଥିରେ ସିଭି ଆନନ୍ଦ ବୋଷ ରାଜି ନହେବାରୁ ତାଙ୍କୁ ହଟେଇ ଦିଆଗଲା। ତେବେ ଆର୍‌ଏନ୍ ରବିଙ୍କୁ ଚେତାବନୀ ଦେଇ ମମତା କହିଛନ୍ତି ସେ ମନେ ରଖିବା ଉଚିତ ଯେ, ପଶ୍ଚିମବଙ୍ଗ ଏକ ଅଲଗା ରଣକ୍ଷେତ୍ର ଅଟେ। ତାମିଲନାଡୁରେ ରବି ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କୁ ହଇରାଣ କରୁଥିଲେ ବୋଲି ମମତା ଅଭିଯୋଗ କରିଛନ୍ତି।

# ଇରାନ୍ ଜାହାଜକୁ ଡକିଂ ଅନୁମତି ଦେଲା ଭାରତ



**ନୂଆଦିଲ୍ଲୀ, ତେହରାନ୍, ୭।୩/ଏଜେନ୍ସି:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଭାରତ କିନ୍ତୁ ନିଜ ନିରପେକ୍ଷ ବୈଦେଶିକ କୂଟନୀତି ବଜାୟ ରଖିଛି। ରିପୋର୍ଟ ଅନୁସାରେ ଇରାନ୍‌ର ଅନ୍ୟତମ ଯୁଦ୍ଧ ଜାହାଜ ଆଇଆରଆଇଏସ୍ ଲାଭନ୍‌କୁ ଭାରତ ସରକାର କୋଚି ବନ୍ଦରରେ ଡକିଂ କରିବାକୁ ଅନୁମତି ଦେଇଛନ୍ତି। ଅର୍ଥାତ୍ ଇରାନ୍‌ର ଏହି ଜାହାଜ ଏବେ ଭାରତୀୟ ବନ୍ଦରରେ ଶରଣ ନେଇଛି। ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ରିପୋର୍ଟ କହିଛି ଯେ ଫେବୃଆରୀ ୨୮ରେ ଜାହାଜରେ କୌଣସି ଯାନ୍ତ୍ରିକ ତ୍ରୁଟି ଦେଖାଦେବା ପରେ ଇରାନ ଭାରତକୁ ସହାୟତା ଅନୁରୋଧ କରିଥିଲା। ମାର୍ଚ୍ଚ ୧ ତାରିଖରେ ଜାହାଜକୁ କୋଚିରେ ଡକିଂ କରିବାକୁ ଭାରତ ଅନୁମତି ଦେଇଥିଲା ଏବଂ ମାର୍ଚ୍ଚ ୪ ତାରିଖରେ ଜାହାଜ ବନ୍ଦରରେ ପହଞ୍ଚିଥିଲା। ଜାହାଜରେ ଥିବା ୧୮୩ଜଣ କ୍ରୁ ସଦସ୍ୟ ବର୍ତ୍ତମାନ କୋଚିରେ ଭାରତୀୟ ନୌସେନା ପ୍ରତିଷ୍ଠାନରେ ରହିଛନ୍ତି।

ନିକଟରେ, ଆମେରିକା ଏକ ଇରାନୀ ଯୁଦ୍ଧଜାହାଜ ଉପରେ ଆକ୍ରମଣ କରି ବୁଡ଼ାଇ ଦେଇଥିବା ବେଳେ, ଏଥିରେ ଅଧିକାଂଶ କର୍ମଚାରୀ ନିହତ ହୋଇଥିଲେ। ସେହିପରି ଯେଉଁମାନେ ନିଜ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସମୁଦ୍ରକୁ ଡେଇଁପଡିଥିଲେ ସେମାନଙ୍କୁ ଶ୍ରୀଲଙ୍କା ନୌସେନା ଉଦ୍ଧାର କରିବା ସହ ଆତିଥ୍ୟେୟତା ଦେଇଛି। ଏତଦ୍‌ବ୍ୟତୀତ ଗୁରୁବାର ଆମେରିକା ଆକ୍ରମଣ ଆଶଙ୍କା ମଧ୍ୟରେ ଶ୍ରୀଲଙ୍କା ତ୍ରିଙ୍କୋମାଲି ବନ୍ଦରରେ ଇରାନୀ ନୌସେନା ଜାହାଜ ଆଇଆରଆଇଏନଏସ୍ ବୁଶେହରକୁ ଆଶ୍ରୟ ଦେଇଥିଲା। ଶ୍ରୀଲଙ୍କା ରାଷ୍ଟ୍ରପତି ଏହାକୁ ମାନବିକତା ଦୃଷ୍ଟିରୁ ନିଆଯାଇଥିବା ଏକ ସ୍ୱାଧୀନ ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଥିଲେ। ଏହି ଜାହାଜରେ ମୋଟ ୨୦୮ ଜଣ ଲୋକ ଥିଲେ, ଯେଉଁଥିରେ ୫୩ ଜଣ ଅଧିକାରୀ, ୮୪ ଜଣ କ୍ୟାଡେଟ୍ ଓ ୭୧ ଜଣ ଅନ୍ୟ ନାବିକ ଅଛନ୍ତି।

ଅନ୍ୟପକ୍ଷେ ଭାରତ, ଇରାନ୍‌ର ଜାହାଜକୁ ଡକିଂ ଅନୁମତି ଦେବା ନେଇ ଏବେ ଯେତେବେଳେ ଏକ ବିତର୍କ ଆରମ୍ଭ ହୋଇଛି ସେତେବେଳେ କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଏହାକୁ ଯଥାର୍ଥ ନିଷ୍ପତ୍ତି ବୋଲି ଦର୍ଶାଇଛନ୍ତି। ଜୟଶଙ୍କର କହିଛନ୍ତି, ଇରାନ ପକ୍ଷରୁ ଭାରତକୁ ଅନୁରୋଧ ମିଳିବା ପରେ ଭାରତ ଏହି ନିଷ୍ପତ୍ତି ନେଇଛି। ତାଙ୍କ କହିବାନୁସାରେ ସମୁଦ୍ର ଆଇନ ଉପରେ ମିଳିତ ଜାତିସଂଘ ସମ୍ମିଳନୀ (ୟୁଏନ୍‌ସିଏଲ୍‌ଓଏସ୍) ଏବଂ ଅନ୍ତର୍ଜାତୀୟ ଆଇନକୁ ଭାରତ ସମର୍ଥନ କରେ। ଏହାସହିତ ମାନବିକତା ଦୃଷ୍ଟିକୋଣରୁ ଆଇଆର୍‌ଆଇଏସ୍ ଲାଭନ୍‌କୁ କୋଚିରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା। 'ରାଏସିନା ଡାୟଲଗ୍ ୨୦୨୬'ର ତୃତୀୟ ଦିନରେ ଜୟଶଙ୍କର ଏହି ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷେ ଭାରତର ଏହି ନିଷ୍ପତ୍ତିକୁ ନେଇ ଇରାନ୍ ପକ୍ଷରୁ କୃତଜ୍ଞତା ବ୍ୟକ୍ତ କରାଯାଇଛି। ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ କାରଣରୁ ବିଶ୍ୱ ଅର୍ଥନୈତିକ ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି।

### ଭାରତରେ ବଢ଼ିଲା ଗ୍ୟାସ୍ ସିଲିଣ୍ଡର୍ ମୂଲ୍ୟ

ଅନେକ ଦେଶ ଉପରେ ଯୁଦ୍ଧ ପ୍ରଭାବ ପଡ଼ିଛି। ଭାରତରେ ଆଜି ଦିନରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୬୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ୧୯ କିଲୋଗ୍ରାମ୍ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ମଧ୍ୟ ୧୧୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ନୂତନ ଦର ୭ ମାର୍ଚ୍ଚରୁ ଅର୍ଥାତ୍ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନରେ ପେଟ୍ରୋଲ-ଡିଜେଲ୍ ମୂଲ୍ୟ ଯଥାକ୍ରମେ ୩୩୬ ଏବଂ ୩୨୧ ଟଙ୍କା ଛୁଇଁଛି। ଆମେରିକାରେ ମଧ୍ୟ ପେଟ୍ରୋଲ-ଡିଜେଲ୍ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra